# ଓଡ଼ିଆ-ଭୂୟାଁ

## ଶବ୍ଦକୋଷ

ଜନଜାତି • ସଂସ୍କୃତି • ପ୍ରଗତି

**ସତନ୍ତ୍ର ଉନ୍ନୟନ ପରିଷଦ, କେଉଁଝର**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ- ଭୂୟାଁ ଶବ୍ଦକୋଷ

ସଂକଳନ :

[illegible]

[illegible]

[illegible]

[illegible]

[illegible], ଭୁବନେଶ୍ୱର

[illegible]

ଓଡ଼ିଶା ସରକାର

# ଓଡିଆ-ଭୂୟାଁ ଶବ୍ଦକୋଷ

ସଂକଳନ : ଶ୍ରୀ ଦୀନବନ୍ଧୁ ନାୟକ
ଶ୍ରୀ ଲକ୍ଷ୍ମଣ କୁମାର ପ୍ରଧାନ
ଶ୍ରୀମତୀ ସୁଲୋଚନା ନାଏକ
ଶ୍ରୀ ସୁଧାକର କୁଅଁର

ପ୍ରକାଶକ : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

ପ୍ରଥମ ପ୍ରକାଶ : ନଭେମ୍ବର, ୨୦୧୮

ମୁଦ୍ରଣ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ODIA- BHUYAN SABDAKOSH**

**Compilation** : Sri Dinabandhu Naik
Sri Laxman Kumar Pradhan
Smt Sulochana Naik
Sri Sudhakar Kuanr

**Publisher** : Special Development Council, Keonjhar,
Planning & Convergence Department,
Govt. of Odisha

**First Edition** : November, 2018

**Printed at** : Odisha State Bureau of Textbook Preparation and Production, Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା। ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି  ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲକ୍ଷିତ ହେବାରେ ଲାଗିଛି। ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା। ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା। ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି। ଏହା ଏକ ପ୍ରାରମ୍ଭିକ ଉପକ୍ରମ। ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି। ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି। କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ ।ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ। ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ କେନ୍ଦୁଝର ଜିଲ୍ଲାର ବାଂଶପାଳ  ଅଂଚଳର ଭୂୟାଁ ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ଭୂୟାଁ ଶବ୍ଦକୋଷକୁ** ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

ଅଧ୍ୟକ୍ଷ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ
କେନ୍ଦୁଝର

## ଅ

| | |
|---|---|
| ଅଦା: ଅଦାରସ ଦେହକୁ ଭଲ | : ଅଦାରସ୍ ଦେହେକୟ୍ ଭଲ୍ |
| ଅଦା ମସଲାରେ ଲାଗେ | : ଅଦା ମସଲାକେ ଲାଗୟ୍ |
| ୨୮ (ଅଠେଇଶି) | : ଅଠାଇଶ୍ (୨୮) |
| ଅଙ୍ଗୁର | : ଆଙ୍ଗୁର୍ |
| ଅଣ୍ଡା: ଅଣ୍ଡା ତରକାରୀ | : ଅଣ୍ଡା ତୁଣ୍ |
| ଅରୁଆ ଚାଉଳ: ଉଆ ଚାଉଳ | : ଉଆ ଚାଉଳ୍ |
| ଅଁଳା | : ଅଁଳା |
| ଅଖ: ଅଖ ଶଗଡ଼ ଚକରେ ବ୍ୟବହାର ହୁଏ | : ଅଖ୍ : ଅଖ ଶଗଡ଼ର ଚକ୍ ଦୁଇଟାରେ ଲାଗିଥାଏ |
| ଅଂଟା | : ଅଂଟା,ଅଣ୍ଟା |
| ଅସରପା | : ସମାଲି |
| ଅନ୍ଧାର : ଅନ୍ଧାରରେ ପିଲା ଡ଼ରନ୍ତି | : ଅନ୍ଧାର୍: ଅନ୍ଧାରକେ ଛୁଆ ଡ଼ରନ୍ତ୍ |
| ଅନୁମାନ ମାପ | : ଅନ୍‌ମାନିଆଁ ମାପ୍ |
| ଅୟୁତ | : ଆୟୁତ୍ |
| ଅଷ୍ଟମ | : ଅଷ୍ଟମ୍ |
| ଅମୃତଭଣ୍ଡା | : ଜଡା, (ରାମ୍ ଜଡା) |
| ଔଷଧ ଗଛ | : ଉଷଦ ଗଛ୍, ଅଷଦ ଗଛ୍ |
| ଅଶ୍ୱଥଗଛ ତଳେ ଥଣ୍ଡା ଲାଗେ | : ଜଳି ଗଛ୍ ତଳେ ହେମାଳ ଲାଗଇ |
| ଅମାବାସ୍ୟା : ଅମାବାସ୍ୟା ଦିନ ପୂଜା କରନ୍ତି | : ଅମିଷା : ଅମିଷା ଦିନ ପୂଜା କରନ୍ତ୍ |
| ଅପରଦିନ | : ପଅର ଦିନ୍ |
| ଅଳସୁଆ | : ଅଳ୍‌ସୁଆ / ଠକ |
| ଅତିଥି : ସେ ଆମର ଅତିଥି | : କୁଣିଆଁ, ସିଏ ଆମ୍‌ର କୁଣିଆଁ |

## ଆ

| | |
|---|---|
| ଆମ୍ବ : ଆମ୍ବଗଛ | : ଆମ୍ : ଆମ୍ ଗଛ୍ |
| ଆଳୁଭଜା | : ଆଲୁ ଭଜା |
| ଆଖୁ | : ଆଖୁ |
| ଆତ | : ବଠଳ / ବରଳ |
| ସେଓ | : ସେଓ |
| ଆଖି : ମୋର ଆଖିରେ ଦେଖିଲି | : ଆଁଖି : ମର୍ ଆଖିଁକେ ଦେଖିଲି |
| ଆଣ୍ଠୁ | : ଆଣ୍ଠୁ / ହାଣ୍ଠୁ |

| | |
|---|---|
| ଆଙ୍ଗୁଠି | : ଆଙ୍ଗୁଳି /ଆଙ୍ଗଳି |
| ଆଠ(୮) | : ଆଠ୍ |
| ଆକାଶ : ଆକାଶ ବେଶି ସୁନ୍ଦର | : ଅକାଶ୍ : ଅକାଶ୍ କେଡ଼େ ସୁନ୍ଦର୍ |
| ଆଜିକାଲି | : ଏଘାଂ |
| ଆସ | : ଆସ / ଆଇ୍ |
| ଆଙ୍କିବା | : (ବନ୍‌ମା/ଚିତ୍ରକରିବା) |
| ଆଖୁଗଛ | : ଆଖୁ ଗଛ୍ |
| ଆଖୁରସ ମିଠା ଲାଗେ | : ଆଖୁ ରସ୍ ମହୁର୍ ଲାଗଇ୍ |
| ଆଷାଢ଼ | : ଅଶାଲ୍ |
| ଆଶ୍ୱିନ | : ଅସିଣ୍ |
| ଆମ୍ବପତ୍ର | : ଆମ ପତର୍ |
| ଆର୍.ଆଇ | : ଆର୍‌ଆଇ |
| | ଇ |
| ଇଟା:ଇଟାରେ ଘର ନିର୍ମାଣ କରିବା | : ଇଟାକେ ଘର୍ ବନମା |
| ଇଚ୍ଛା:ତୁମ ଇଚ୍ଛା | : ମନ୍:ତର ମନ୍ |
| ଇନ୍ଦ୍ରଧନୁ:ଇନ୍ଦ୍ରଧନୁରେ ସାତରଙ୍ଗ | : ବାଘଧୁଣ:ବାଘ୍‌ଧୁଣ୍‌କେ ସାତ୍‌ରଙ୍ଗ୍, ରାମ୍‌ଧୁଣରେ ସାତଟା ରଙ୍ଗ୍ |
| ଇଶାରା/ଠାର:ଠାର ମାରି ଡ଼ାକିଲା | : ଠାରିବା:ଠାରି କରି ଡ଼ାକ୍‌ଲା |
| | ଈ |
| ଈର୍ଷା | : ହିଂସା / ହିଁସେଇ ଦେଖି ନା ସଇବା |
| | ଉ |
| ଉଇ:ଉଇ କାଠଖାଏ | : ଉଇ: ଉଇ୍ କାଠ୍ ଖାଏ୍ |
| ଉଜ୍ଜଳ:ଚନ୍ଦ୍ରର ଆଲୋକ ଉଜ୍ଜ୍ୱଳ ଦିଶେ | : ଉଜ୍ଜ୍ୱଳ:ଜହ୍ନର୍ ଆଲ ଉଜ୍ଜ୍ୱଳ୍ ଦିଶଇ |
| ଉଣେଇସି | : ଅଣିସ୍ |
| ଉଷୁନା ଚାଉଳ | : ବସଲା ଚାଉଳ/ସିଜା ଚାଉଳ/ଉଷୁନା ଚାଉଳ |
| ଉଚ୍ଚତା | : ଉଁଚା / ଢ଼େଙ୍ଗ୍ |
| ଉଡାଜାହାଜ | : ଉଡାଜାହାଜ୍ |
| ଉଆଁଶ | : ଉଆଁଶ |
| ଉଇଁବା | : ବାହାରିବା / ଉଇଁବା |
| ଉଚ୍ଛନ୍ନ | : ମନ୍ ଲାଗଛି/ମନ୍ କରିବା, ମନ୍‌ବଳିବା |

ଉଚ୍ଚାରଣ : ଶବଦ୍ କରି କହିବା
ଉଠ : ଉଠ୍
ଉପାଡ଼ିବା : ଘିଞ୍ଚବା
ଉଦାର : ଦୟାଲୁ
ଉପବାସ : ଉପାସ୍
ଉପସ୍ଥାନ : ହାଜ୍‌ରା
ଉପରେ : ଉଁପ୍ର /ଉଁପରେ
ଉଭୟ : ଦିବାଖେ, ଦିପାଖେ, ଦି କୁଳା/ଦିଙ୍ଗ୍ଣ ଯାକ
ଉସୁନା : ସିଝିଲା

ଊ

ଊଣା : ଅଳିପ, ଅଳପ, କମ୍
ଊର୍ଦ୍ଧ୍ୱ : ଊଁପୁର ବାଟେ

ଋ

ଋଣ : ରିଣ୍
ବ୍ୟାଙ୍କରୁ ଋଣ ମିଳୁଛି : ବ୍ୟାଙ୍କରୁ  ରିଣ୍ ମିଳଛି
ଋଷି : ମୁନି ଋଷୀ
ଋତୁ: ଶୀତ ଋତୁରେ ବେଶୀ ପନିପରିବା ମିଳେ। : ରିତୁ : ଶୀତ୍ ଋତୁରେ ଢୋର୍ ପନିପରିବା ମିଳଇ
ପ୍ରଚୁର : ଢୁର୍/ଢବର୍

ଏ

ଏକ : ଏକ୍
ଏକଷଠି : ଏକ୍ଷଠି
ଏଗାର(୧୧) : ଏଗାର୍
ଏଣ୍ଡୁଅ : କେଁକଟ୍
ଏଣ୍ଡିପୋକ : ଏଣ୍ଡିପକ୍ / ଟସର୍‌ପକ୍ / ତସର୍ ପକ୍
ଏଣ୍ଡିପୋକ ଗୋଟିଏ ଗଛରେ ବସା ବାନ୍ଧିଛି : ଟସର ପକ୍‌ଟା ଗୁଟେ ଗଛ କେ ବାସ୍ ବାନ୍ଧିଛି
ଏକକ : ଗୋଟେ/ଗୁଟେ
ଏକତା : ଏକାଠି, ଏକ୍‌ମେଳ୍
ଏଇଠି : ଏଠି
ଏଣୁ : ସିଦେଖି, ସିଲାଗି
ଏଭଳି : ଏମିତି/ଇମିତିର୍

## ଐ

ଐରାବତ : ହାତୀ
ଐତିହାସିକ : ପୁରୁଣା କଥା ଯିଏ କହଇ
ଏମାନଙ୍କର ଐତିହାସିକ କଥା ଅଛି : ଇଆଙ୍କର ପୁନା କଥା ଆଛି / ଇନାର ପୁର୍ଣା କଥା ଆଛି

## ଓ

ଓଟ : ଓଟ୍ / ଉଟ୍
ଓଠ : ଠଡ଼ି
ଓଜନ : ଭାରି
ଓଲଟା : ଲେଉଟିଆ, ଓଲଟିଆ
ଓଳି:ଆଜି ଗୋଟିଏ ଓଳି ଥିଲି : ଉଳି:ଆଜି ଗୁଟେ ଉଳି ଥିଲି
ଓହ୍ଲାଇବା : ଅଦ୍‌ରିବା
ଡ଼ଙ୍ଗାରୁ ଓହ୍ଲାଇବା : ଡଙ୍ଗାରୁ ଅଦରିବା
ଓସାର : ଅସାର୍
ତୁମ ଘର ଓସାର : ତମର ଘରଟା ଅସାରିଆ

## ଔ

ଔଷଧ : ଉଷଦ୍ / ଅସଦ୍
ଔଷଧ ଖାଆ : ଉଷଦ୍ ଖା / ଅସଦ୍ ଖା
ଔଷାଧାଳୟ : ଅଗ୍‌ଦ ଘର୍

## କ

କେଉଁଠି : କେଁଠି
କ'ଣ : କିସ୍
କାଙ୍କଡ଼ : କାଙ୍କଲ୍ , କେଟେଲା
କାହାଣି : ଗପ/କଥାଣି, ବଖାଣି
ବୁଢା ବାପା ବାରଣ୍ଡାରେ ବସିଛନ୍ତି : ବୁଢ଼ା ବାବା / ବୁଆ ପିଣ୍ଡାକଇ ବସିଛି
କଜଳ : କଜଲ୍
କାର୍ତ୍ତିକ ମାସ : କାର୍ତିକ୍ ମାସ୍
କଳା : କାଳିଆ
ମୟୂରର ପୁଚ୍ଛ ଦେଖିବାକୁ ଭାରି ସୁନ୍ଦର : ମୟୁରର୍ କୃଷ୍ଣ ରଙ୍ଗ୍ ଆଛି
କୂଅ : କୁହୁ, କୁଭ
କୃଷକ : ଋଷି/ଚାଷୀ

| | |
|---|---|
| କେନ୍ଦୁ | : କେଁନ୍ଦୁ |
| କଙ୍କି | : ପାଣିପକା/ ପାଟ୍‌ପଣିଆଁ କୁଇଡ଼ା |
| କଅଁଳ ପତ୍ର | : କଅଁଳିଆ ପତ୍‌ର, କହଁଲ୍ ପତର୍ |
| କଙ୍କଡ଼ା ବିଛା | : କଙ୍କଲା ବିଛା |
| କୋଇଲି | : କୁଇଲି |
| କୋଳଥ | : କୁଳତ୍ |
| କାହ୍ନୁଇ | : ହରଡ୍, ରାହାଳି |
| କୋଶଳା | : କୁଶ୍‌ଳା |
| ଏ ବର୍ଷ କୋଶଳା ଶାଗ ଭଲ ହେଲା | : ଇ ବରଷ୍ କୋଶଳା ଶାଗ୍ ଭଲ୍ ହିଥିଲା |
| କାଲି | : କାଲି୍ |
| କ୍ରମିକ ନଂ | : କ୍ରମିକ ନଂ |
| କଠଉ | : କଠାଉ |
| କଠଉ ପିନ୍ଧିଲେ କାଦୁଅ ଲାଗିବ ନାହିଁ | : କଠାଉ ପିନ୍ଧିନେ କାଦ୍ ନା ଲାଗଇ |
| କାଉ | : କାଉ |
| ସକାଳୁ କାଉ କା କା କରଇ | : ସଖାଳୁଁ କାଉ କା କା କରଇ |
| କଇଁଫୁଲ | : କଇଁଫୁଲ୍ |
| କଳ | : କଲ୍ |
| ଧାନକଳ | : ଧାନ୍ ମିଶିନ୍, ଧାନ କଲ୍ |
| କାମ | : କାମ୍ |
| ସରକାରୀ କାମ | : ସରକାରୀଆ କାମ୍ |
| କୁକୁଡ଼ା ଘର | : କୁକୁଡ଼ି କୋଠି, କୁକୁଡ଼ି ଘର୍ |
| କୁକୁଡ଼ା ପୂଜାଦେବୁ | : କୁକୁଡ଼ି ପୂଜା ଦେମୁଁ |
| କଟୁରୀ | : କଟରୀ |
| କୁଟୁଣି | : ଢେଙ୍କି କୁଟୁଣି |
| କୁଟୁଣି ଦ୍ୱାରା ମାଣ୍ଡିଆ କୁଟିବୁ | : ଢେଙ୍କିକେ କଦ କୁଟିମୁଁ |
| କଂଟା | : କଂଟା |
| କୃଷ୍ଣଚୂଡ଼ା | : କୃଷ୍ଣ ଚୂଡା |
| କାନ | : କାନ୍ |
| କନିଷ୍ଠ | : ସାନ୍ |
| କାନ୍ଧ | : କାନ୍ଧ |

| | |
|---|---|
| କାନ୍ଧ | : ଖାନ୍ଦ୍ |
| କାନ୍ଦିବା | : କାନ୍ଦିବା |
| କୋଡିଏ | : କୁଳିଏ |
| କାଖ | : କାଖ୍ |
| କୁକୁର:କୁକୁର ଆମରି ଟା | : କୁକର:କୁକୁରଟା ଆମର୍‌ଟା |
| କୁମ୍ଭୀର | : କୁମ୍ଭୀର୍ |
| କଙ୍କଡ଼ା | : କଙ୍କ୍‌ଳା |
| କଙ୍କଡ଼ା ଗାତରେ ଥାଏ | : କଙ୍କ୍‌ଳା ଘର୍ ଭିତ୍‌ରେ ଥାଏ |
| କଇଁଚ | : କଛିଅଁ, କଛିମ୍ |
| କୁରା | : କଟାରି |
| କୁକୁଡ଼ା | : କାଟୁଳି |
| କପୋତ | : କସ୍ତା, କଭତା |
| କଜ୍ଜଳପାତି | : କାମ୍‌ଚିଆ |
| କାଠହଣା | : ସରସ୍ୱତୀ ଚଳଇ, କାଠ୍ ହଣା ଚଳଇ |
| କପାଳ | : କପାଲ୍ |
| କଲରା | : କଲ୍‌ରା |
| କୁନ୍ଦରି | : କୁନ୍ଦୁରି |
| କନ୍ଦମୂଳ | : ହିଲି୍ ଆଲୁ |
| କାଙ୍କଡ଼ | : କାଙ୍କଲ୍ / କେଟ୍‌ଲା |
| କବାଟ | : ଦୁଗାଳି |
| କାଠଚମ୍ପା | : କାଠ୍‌ଚମ୍ପା |
| କନିୟର ଫୁଲ | : କନେକ୍ ଚମ୍ପା / କନିଅର୍ ଫୁଲ୍ |
| କ୍ରୟ | : ଘେନିମା, କିଣିବା |
| କ୍ରମିକ | : ପଛାକି ପଛା |
| କିଆଫୁଏ | : କିଆଫୁଲ୍ |
| କଡ଼ି | : କଡ୍ |
| କଳାବର୍ଣ୍ଣ | : କଳାରଙ୍ଗ, କାଳିଆ ରଙ୍ଗ୍ |
| କେଜି:ସପୁରି କେଜି କେତେ ? | : କେତେଭାର୍:ସପୁରିକା କିଲ୍ କେତେ, କେଜି |
| କଳାପଟା | : କଳାପଟା |
| କହୁଁଣି | : କହୁଁଣି |

କଲମ:କଲମରେ ଲେଖନ୍ତି : କଲମ୍ :କଲମ୍‌କେ ଲେଖନ୍ତ୍
କାଗଜ : କାଗଜ୍
କାର୍ଯ୍ୟାଳୟ : ଅଫିସ୍
କୃଷକ:କୃଷକ ଚାଷ କରେ : ଚାସି : ଚାସି ଚଷ୍ କରଇ
କଣ୍ଢେଇ : ପୁତୁଳା
କାମକର : କାମ୍‌କର୍
କଲମି : କଲ୍‌ମୀ
କମଳା : କମ୍‌ଲା
କମଳା ଶୀତ ଦିନେ ମିଳେ : କମ୍‌ଲା ଶୀତ ଦିନରେ ମିଳଇ
କାହାସ୍ଥାନ : କାରସ୍ଥାନ, କାହାର୍ ଜାଗା
କାର : କାର୍
କିଆଫୁଲ : କିୟା ଫୁଲ୍
କଜଳ : କାଜଲ୍
ଝିଅ ଆଖିରେ କଜଳ ଲଗାନ୍ତି : ଟକିଳା ଆଖିଁକେ କାଜଲ୍ ଲଗାନ୍ତ୍
କାକୁଡ଼ି : କାକ୍‌ଲି
କାକୁ : କାଦୁ, ଲଙ୍କା ଭାଲିଆ
କଦଳୀମଞ୍ଜା : କଦଳିମଞ୍ଜା
କୃଷ୍ଣପକ୍ଷ : ଅନ୍ଧାର ପକ୍ଷ୍
କୁକୁଡ଼ାପିଲା : କୁକୁଳି ଛୁଆ(ଟିଆଁ)
କାର୍ତ୍ତିକ ମାସ : କାର୍ତିକ୍‌ମାସ୍
କାର : କାର୍
କୂଅ : କୁଭ
କୃଷକ : ହଳିଆ, ଚାସୀ, ଚଷୀ
କୁଣିଆ : କୁଣିଆଁ
କୁମ୍ଭାଟୁଆ : ବୁଢ଼ୀ କୁମୁଟିଆ

ଖ

ଖଜୁରୀ : ଖୁଜୁରି
ଖଜା : ଯାତ୍ରାର ଖଜା : ଖଜା
ଖଜୁରୀ ଗଛ : ଖୁଜୁରୀ ଗଛ୍
ପିଲାଟିର ବାଳ ଖଇରିଆ : ପିଲାଟାର ଚୁଟିଳା ଖଇରିଆ,

| | |
|---|---|
| ଖଡ଼କା/ଖଡିକା | : ଖଳିକା |
| ଖଟା | : ଆମ୍ବିଲା/ଆମ୍ବିଳା/ଅମିଳା |
| ଟମାଟୋ ଖଟା ଆଣ | : ପାଟଲଘଣ୍ଟା ଖଟା ଆଣ୍, ବିଲାତି ଖଟା ଆଣ୍ |
| ଖୁଂଟି | : ଖୁଂଟି,ଖୁଣ୍ଟି |
| ଖାଇବା | : ଖାଇ, ଖାଇବା |
| ଖଟ | : ଖଟ୍ |
| ଖଟରେ ବାବୁ ବସିବ | : ଖଟ୍‌କେ ବାବୁ ବସିଆକ୍ |
| ଖପୁରୀ | : ଖୋପେରୀ |

## ଗ

| | |
|---|---|
| ଗହମ | : ଗହମ୍ |
| ଗୁଣନ | : ଗୁଣନ୍ |
| ଗୁଣ | : ଗୁଣ |
| ଗାଇବା | : ଗାଇମା |
| ଗାଈ | : ଗାଈ |
| ଗଢ଼ି | : ଗଢ଼ି |
| ଗୋଲ | : ଗୋଲ୍ |
| ଗରମ | : ଗରମ୍ |
| ଗରମ ତରକାରୀ | : ଗରମ୍ ତୁଣ୍ |
| ଗୟଳ | : ଗୟଳ୍ |
| ଗଧ | : ଗଧ |
| ଗଧ ଜିନିଷ ବୁହେ | : ଗଧ୍ ସାମାନ୍ ବୁହଇ |
| ଗାତ | : ଗାତ୍ |
| ଗାଇବା | : ଗାଇଁବା |
| ଗାର | : ଗାର୍ |
| ଗମ୍ଭାରି ଗଛ | : ଗହ୍ମାରି ଗଛ୍ |
| ଗେଣ୍ଡୁଫୁଲ | : ଚପଟି ଫୁଲ / ମଣ୍ଡା ଫୁଲ୍ |
| ଗଛର ଶାଖା | : ଗଛର୍ ଡାଳ୍ |
| ଗୋବରପୋକ | : କେଚୁକରାପକ୍ , ଖତ୍ ଫଳ୍ |
| ଗୋବର | : ଗବର୍ |
| ଗାଲ | : ଗାଲ୍ |
| ଗଳା | : ତଣ୍ଟି |

ଗହମ ଅଟା : ଗହମ୍ ଅଟା / ଅଟା
ଗୁଣ୍ଡୁଚିମୂଷା : ଟିକ୍ ଟିକିଆ ମୂଷା
ଗୁହାଳ : ଗୁହାଲ୍
ଗୁହାଳରେ ଗାଈ ରହନ୍ତି : ଗୁହାଲ୍‌କେ ଗାଇଲା ରହନ୍ତି
ଗ୍ରୀଷ୍ମଋତୁ:ଗ୍ରୀଷ୍ମଋତୁରେ ବାହାଘର ହୁଏ : ଖରାମାସ : ଖରା ମାସ୍‌ରେ ବାହାଘର ହିଅଇ
ଗୁରୁବାର : ଗୁରୁବାର୍
ଗତକାଲି : କାଲର୍
ଗତକାଲି ଯାଇଥିଲି : କାଲର ଯାଇଥିଲି
କଜଳ : କଜଲ୍
କାକୁଡ଼ି : କାକଲି
କଦଳୀ ମଞ୍ଜା : କଦଲ୍ୀ ମଞ୍ଜା
ଗଞ୍ଜା କୁକୁଡ଼ା : ଗଞ୍ଜା କୁକୁଲି୍
ଗୁମ୍ଫା : ଟାଙ୍ଗର ଖାଲ୍
ଗୁଳି : ଗୁଲି
ବାଣ : ବାଣ୍
ଗାଡ଼ି : ଗାଡ଼ି
ଗୀତ : ଗୀତ୍
ମେରିଆ ଗୀତ ଗାଅ : ମେରିଆ ଗୀତ୍ ଗାଅ
ଗିନା : କାଂଚି
ଗଛ : ଗଛ୍
ଗୋଡ : ଗଡ୍, ଗୁଡ଼୍
ଗୋଡରେ ଠିଆ ହେଉ : ଗଡ୍‌କେ ଠିଆ ହେଉ
ଗଣେଶପୂଜା : ଗଣେଶ୍ ପୂଜା
ଗାର ଟାଣିବା : ଗାର୍ ଟାଣିମା
ଗ୍ରାମ : ଗାଁ
ଗଢ଼େଇବା : ବନମା, ବନ୍‌ବା
ଗାମୁଛା : ଗାମିଛା, ଗାମ୍‌ଛା
ଗୋଳିଆ ପାଣି : ଗୁଳିଆ ପାଣି / କାଦ ପାଣି
ଗୋଇଠି : ରେଡ଼ି
ଗୋଲାପ ଫୁଲ : ଗୋଲାପ୍ ଫୁଲ୍
ଗାଈ ଗୁହାଳ : ଗାଈ ଗୁହାଳ୍
ଗଛର ଛାଲି : ଗଛର ଛାଲ୍

| | |
|---|---|
| ବରଗଛ ର ଛାଲି ମୋଟା | : ବଳଗଛର ଛାଲ ବହଲ୍ |
| ଗଛର ପତ୍ର | : ଗଛ୍‌ର ପତର୍ |
| ଗଛର କାଣ୍ଡ | : ଗଛ୍‌ର ଡାଲ୍ |
| ଗଛର ଓହଳ | : ଗଛର ଅର୍ |
| ଗଛର ଗଣ୍ଠି | : ଗଛ୍‌ର ଗଣ୍ଠି୍ |
| ବରଗଛର ଗଣ୍ଠିବଡ | : ବଳଗଛର୍ ଗଣ୍ଠି୍ ବଡ୍ |
| ଗଜା | : ଗଜା |
| ଗୋରା | : ଧବୁଲା / ଧବ୍‌ଲା |
| ଗୋବର ପୋକ | : କେଚୁକରା, ଖଡ୍‌ପୁକ୍ / ଖଡ୍ ପକ୍ |
| ଗେଣ୍ଡା | : ଗେଣ୍ଡା |
| ଗୁଣନ | : ଗୁଣନ୍ |
| ଗେରୁଆ | : ମାଁଟିଆ |
| ଗୁଲି | : ଗୁଲି |
| ଗୋଟା ହଳଦୀ | : ଗଟା ହଳ୍‌ଦୀ |
| ଗାଈ ଗୁହାଳ | : ଗାଈ ଗୁହାଳ୍ |

**ଘ**

| | |
|---|---|
| ଘର | : ଘର୍ |
| ତୁମ ଘରଟି ଛଣଘର | : ତମର୍ ଘରଟା ଛଣ୍ ଘର୍ |
| ଘଟଣା | : ଘଟଣା |
| ଘରମଝି | : ଘର୍‌ମଝି୍‌ରେ |
| ଘର ମଝିରେ ରାନ୍ଧନ୍ତି | : ଘର୍ ମଝ୍‌କେ ରାନ୍ଧନ୍ତି |
| ଘରର ଶେଷ ଘର | : ତଳାଘର |
| ଘରର ତାଳା | : ଘରର୍ ତାଳା |
| ଘଣା | : ଘଣା |
| ଘୋଡ଼ା | : ଘୁଡା |
| ଘିଅ | : ଘି |
| ଦୀପରେ ଘିଅ ବ୍ୟବହାର ହୁଏ | : ଦୀପ୍‌କେ ଘି ବେଭାର୍ ହିଅଇ |
| ଘୁଷୁରୀ | : ଘୁଷୁରୀ |
| ଘୁଷୁରୀଶାଳ | : ଘୁଷୁରୀ ଘର୍ |
| ଘରଚଟିଆ | : ଘର୍‌ଚଟିଆ |

## ଚ

| | |
|---|---|
| ଚକା | : ଚକା |
| ଚଟୁ | : ଚେଉଟ୍ |
| ଚଷମା | : ଚଚମା |
| ଛୋଟବଡ଼ | : ସାନବଡ଼୍ |
| ଚପଲ | : ଜୋତା/ଚଟି |
| ଚୁଲି | : ଚୁଲି୍ |
| ଛେଳି ଗୁହାଳ | : ଛେଳି ଗୁହାଲ୍ |
| ଛାତ ଘର | : ପାକାଘର୍ / ଛାତ୍ ଘର୍ |
| ଚାରି | : ଋରି |
| କେଶ, ବାଳ | : ଚୁଟି |
| ଚନ୍ଦନଗଛ | : ଚନ୍ଦନ୍ ଗଛ୍ |
| ଚନ୍ଦନ ଗଛ ଦେଖିବାକୁ ସୁନ୍ଦର | : ଚନ୍ଦନ ଗଛ୍ ଦେଖିବାକୟ ସୁନ୍ଦର |
| ଚା ଗଛ | : ଋହା ଗଛ୍ |
| ଚୁଚୁନ୍ଦ୍ରା | : ଚୁଚୁଣ୍ଡା ମୂଷା |
| ଚମ୍ପା ଫୁଲ | : ଚମ୍ପାଫୁଲ୍ |
| ଚିତ୍ର | : ଛବି |
| ଚକୁଳି | : ଚେଉଟ୍ ପିଠା, ଡ଼କ୍କା ପିଠା |
| ଛଣ | : ଛଣ୍ |
| ଚୂଡ଼ା | : ଚୂଳା |
| ଚଉକି | : ଚଉକି |
| ଚଉଦ | : ଚଉଦ |
| ଋହା | : ଋହା |
| ଚକ୍ଷୁ | : ଚକ୍ଷୁସି, ତକ୍ଷସି / ତକ୍ଷୁ / ଅଗାଲି୍ |
| ଚକଲେଟ /ଚ଼କୋଲେଟ | : ଚକଲେଟ୍ |
| ଚନ୍ଦନ | : ଚନ୍ଦନ୍ |
| ଚିହ୍ନିବା | : ଚିହ୍ନିବା |
| ଚର୍ମ | : ଚମଳା |
| ବିଛଣା | : ବିସ୍ଣା / ଶୁଇବା ଜାଗା |
| ଚନ୍ଦ୍ର | : ଜହ୍ନ, ଜନ୍ |
| ଚାବି | : ଋବିକାଠି |
| ଅଟା ଚକଟିବା | : ଅଟାଚକ୍ଟିବା |
| ଚକଟିବା | : ଚକ୍ଟିଆ |

ଚଟାଣ : ଭୂଇଁ
ଚଢେଇ : ଚଳଇ
କି ଚଢେଇ : କିସ୍ ଚଳଇ
ଚିଠି : ଚିଠି / ପତର
କାହାର ଚିଠି : କାହାର୍ ଚିଠି
ଚର୍ମେଇନେଉଳ : ଗିଦ୍‌ରଲି୍
ଚାଉଳ : ଘଉଲ୍
ଚୂନା : ଚୁନ୍
ଚୈତ୍ରମାସ : ଚଇତ୍ ମାସ୍
ଚନ୍ଦ୍ରଗ୍ରହଣ : ଜନକୟ୍ ରାହୁ ଗିଳିଛି, ଚନ୍ଦ୍ର ଗରହଣ
ଚୁଡ଼ି : ବଳା
ଚିହ୍ନିବା : ଚିହ୍ନିବା
ଚତୁର୍ଥି : ଚତୁର୍ଥି
ଚକି : ଚକି
ଚଇତ୍ରପର୍ବ : ଚଇତି ପରବ୍
ଚଇତ୍ର ପର୍ବ କରୁ : ଚଇତ୍ ପରବ୍ କରୁଁ
ଚାକର : ଘକର୍
ଚୋର : ଚୋର୍/ଚୁର

## ଛ

ଛତା : ଛତା
ମୋ ଛତା : ମର୍ ଛତା
ଛଣ : ଛଣ୍
ଛେଳି : ଛେଳି
ଛାରପୋକ : ଭଡ୍‌ସ୍
ଛତୁ : ଛତି / ଛତ୍/ ଛଅତୁ
ବର୍ଷା ଦିନେ ଛତୁ ମିଳେ : ବର୍ଷା ଦିନେ ଛଅତୁ ମିଳଇ
ଛପର : ଖପର, ଛାଇଁବା
ମୋ ଘର ଛପର ହେଇନି : ମର୍ ଘରଟା ଛାଇଁ ନାଇଁ
ଛାତି : ଭୁକ୍
ଛାତ : ଛାତ୍
ଛଉ : ଛେଉ
ଛାଲ : ଛାଲ୍
ଛୁଂଚି : ସଜା / ସୁଇ

ଛୁଂଚିରେ ଲୁଗା ବୁଣନ୍ତି : ସୁଇରେ/ସୁଛାରେ ଲୁଗା ସିଲାଇ କରନ୍ତି
ଛାଂଚୁଣି : ବାଢୁଣୀ
ଛାଣିବା : ଛାଣିବା
ପାଣି ଛାଣିବା : ପାଣି ଛାଣିବା
ଘ, ଛାଣିବା : ଘହା ଛାଙ୍କିବା / ଘ ଛାଣିବା
ଛବି : ଚିତ୍ର / ଫଟ୍
ଛାୟା : ଛାଇ,
ଛୁଇଁ : ଚଇଁ
ଛୁଇଁ ଏକ ଭଲ ପରିବା ଅଟେ : ଚଇଁ ନିକ ପରିବା ଅଟଇ
ଛାତଘର : ଛାତ୍‌ଘର୍, ପକାଘର୍
ଛୋଟା : ଛୁଟା
ଛେପ : ଛେପ୍,ଛେପ୍

## ଜ

ଜଳ : ପାଣି / ପାନି
ଭଲ ପାଣି ପିଇବା : ନିକ ପାଣି ପିଇବା
ଜଙ୍ଗଲ : ବଣ୍, ଜଙ୍ଗଲ୍
ଜାଳେଣୀ : ଜାଳେଣୀ / ନିଆଁ
ଜ୍ୱର : ଜର୍
ମେଲେରିଆ ଜ୍ୱର : ମେଲେରିଆ ଜର୍
ଜଳଖିଆ : ଜଲ୍‌ଖିଆ
ଜମି : କିଆର୍ / କିଆରି / ବିଲ
ଜମି ପଟାକର : ଜମିଣା ପଟା କରିଦେଅ
ଜନ୍ମ : ଜନମ୍
ଜହ୍ନ : ଜନ୍
ଜହ୍ନି : ଜହ୍ନି
ଜାତକ : ଜନମ୍ ତାରିଖ୍
ଜନନୀ : ମାଁ
ଜନକ : ବୁଆ, ବୁଷ୍ଟା, ବାବା
ଜନ ସାଧାରଣ : ଲକ୍‌ଲା
ଜମା କରିବା : ବେଙ୍କ୍‌ରେ ପଇସା ରଖିବା / ଠୁଳାଇବା
ଜନସଂଖ୍ୟା : ଲକ୍ ସଇଁଖା
ଭାରତର ଜନସଂଖ୍ୟା କେତେ : ଭାରତର ଲକ୍ ସଇଁଖା କେତେ ?
ଜନଗଣନା : ଲକ୍ ଗଣନ୍ତି / ଭୁଟ୍

ଆମ ରାଜ୍ୟର ଜନ ଗଣନା କରିବା : ଆମର ରାଇଜର ଲକ୍ ଗଣିବା
ଜୋରିମାନା : ଟଣ୍ଡ
ଜଟ : ଜଟ୍
ଜଗନ୍ନାଥ : ଜଗନାଥ୍ ଠାକୁର୍ ବଡ଼ ଠାକୁର୍
ଜୀବନ : ଜିଉ / ଜୀବନ୍
ଜିଭ : ଜିଭ୍
ଜିଆ : କେଂଚୁଆ
ଜୁଆଖେଳ : ଘୁଡୁଘୁଡ଼ି ଖେଲ୍ / ଜୁଆଖେଲ୍
ଜାଦୁ / ଯାଦୁ : ଦାଦ୍
ତୋ ମୁହଁରେ ଜାଦୁ ଅଛି : ତର ମୁହଁକେ ଦାଦ୍ଟା
ଜଙ୍ଘ : ଜଙ୍ଗ୍
ଜ୍ୟେଷ୍ଠ ମାସ : ଜେଠ୍ ମାସ୍
ଜିନିଷପତ୍ର : ଜିନିସ୍ପତର
ଜୁଳୁଜୁଳିଆ ପୋକ : କୁଙ୍କୁଲ୍-ପକ୍ / କୁଙ୍କୁଲ୍ ପକ୍
ଜିଲ୍ଲାପାଳ : କଲ୍କେଟର
ଜିଲାରେ ବଡ଼ ଜିଲ୍ଲାପାଳ : ଜିଲ୍ଲାରେ ବଧାର କଲ୍କେଟର

ଝ

ଝରକା : ଝାରକା
ଝରଣା : ଝରଣ୍ / ଝର
ଝଡତୋଫାନ : ଲୁର୍ ବର୍ଷା ପବନ
ଝଡ଼ତଫାନ ଆସିଲେ ଘରଦ୍ୱାର ଭାଙ୍ଗିଯାଏ : ଝାଞ୍ଜି ଆସିନେ ଘର ଦୁଆର ଭାଙ୍ଗଇ
ଝିଟିପିଟି : କାଠଗିହ୍ରାଲି୍
ଝିପିଝିପି ବରଷା : ଝିପ୍ ଝିପ୍ ବର୍ଷା
ଝାଡୁ : ବାଢୁଣି
ଝୋଟ : କାଉଁରିଆ / କରୁଆ
ଝିମା ଧରିବା : ଝିଣ୍ଝିଣା
ମୋତେ ବହୁ ସମୟ ବସିବାରୁ ଗୋଡ଼ ଝିମା ଧରିଛି : ହେତେହେଲୁଁ ବସି ବସି ଗଡ୍ଟା ଝିଣ୍ଝିଣାଖାଛି
ଝିଙ୍କ : ଝିଙ୍କ୍
ଝିଙ୍କାରୀ : ଝିଙ୍କାର୍ / ଝିଣ୍ଟ୍କା
ବର୍ଷା ଆଗମନରେ ଝିଙ୍କାରୀ ଗୀତ ଗାଏ : ବର୍ଷା ଆସିଆ ଆଗରୁ ଝିଙ୍କାର୍ ନା ରେଁ ରେଁ ଗାଏ ଡାକନ୍
ବର୍ଷା ଆସିବା ଅଗରୁ ଝଙ୍କାର୍ଲା ଗୀତ୍ ଗାଆନ୍ତି ।
ଝିଙ୍କାରୀ ସାଧାରଣତଃ ସାହି ମଝିରେ ଥାଏ : ଝିଙ୍କାରଲା ସାହି ଭିତରଲାରେ ଥାନ୍ତି
ଝଗଡ଼ା : କଲି
ଝୁଣା : ଧୁଣା

## ଟ

| | |
|---|---|
| ଟଗର ଫୁଲ | : ଟଗର୍ ଫୁଲ୍ |
| ଟମାଟୋ | : ବିଲାତି, ପାଟଳଘଣ୍ଟା |
| ଟମାଟୋ ଖାଇଲେ ରକ୍ତ ବଢ଼େ | : ବିଲାତି ଖାଇଲେ ରକତ ବଢଇ |
| ପଇସା | : ପଇଁସା / ପଇସା |
| ଟିଣ | : ଟିଣି |
| ଟ୍ରକ | : ଟରକ୍ |
| ଟେବୁଲ୍ | : ଟେବୁଲ୍ |
| ଟ୍ରାକଟର | : ଟାକ୍ଟର୍ |
| ଟ୍ରାକଟରରେ ହଳ କରନ୍ତି | : ଟାକ୍ଟର୍ ରେ ହଳ୍ କରନ୍ |
| ଟାଓ୍ୱାଲ | : ତଉଲିଆ |
| ଟ୍ରଲି | : ଟଲି |
| ଟୋକେଇ | : ଟୁକୁଲି |
| ଟୋକେଇରେ ହଳଦୀ ଅଛି | : ଟୁକୁଲିକଇ ହଳଦ୍ୀ ଆଛି । |
| ଟୋପାଏ | : କଟିଏ / ଟିକିଏ |
| ଟାଣ | : ଟାଣ୍ |
| ଟାଇଁ ଟାଇଁ ଖରା | : ଜୋରେ ଖରା : ଟାଇଁ ଟାଇଁ ଖରା |
| ଟାଙ୍କୁ | : ଟାଆଁକୁ |
| ଟାଙ୍ଗିଆ : ଟାଙ୍ଗିଆରେ କାଠ ହାଣନ୍ତି | : ବୁଡିଆ : ବୁଡିଆ କଇ କାଠ୍ ହାଣନ୍ |
| ଟପିବା | : ଆଗରେ ରହିବା |
| ଟାକୁଆ | : ଟାକ୍ଲୁଆ |
| ଟିକିଲି | : ଟିକ୍ଲି |
| ଟିଣ | : ଟିଣି |
| ଟେରା | : ଟେରା |
| ଟୋକ୍ : ଖରାବେଳେ ଟୋପି ପିନ୍ଧ | : ଟୁପି : ଖରା ହେନେ କି ଟୁପି ପିନ୍ଧବ |

## ଠ

| | |
|---|---|
| ଠକ | : ଠକ୍ |
| ଠକ ମାନେ ଶୋଇଥାନ୍ତି | : ଠକ୍ମାନେ ଶୁଇଖାନ୍ତି |
| ପିଲାଟି ଭାରୀ ଠକ ଅଟେ | : ଛୁଆଟା ବଡେ ଠକୁଆ / ଛୁଆଟା ବେଶୀ ଠକ୍ |
| ଠେକୁଆ | : ଖେଳିଆ |
| ଠିକ୍ | : ଠିକ୍ |
| ଠିକଣା | : ଠିକ୍ଣା |

| | |
|---|---|
| ଠିପି | : ଠିପି |
| ଠିକାକାମ | : ଭେଟି, ଭେଟିଆ |
| ଠେଙ୍ଗା | : ଠେଙ୍ଗା |
| ଠେଙ୍ଗା ଆଣ | : ଠେଙ୍ଗା ଆଣ୍ |
| ଠାକୁରାଣୀ | : ମାଁ ବୁଢ଼ୀ, ଠାକୁରାଣୀ ଦେବୀ |
| ଠିକାଦାର : ମହାନ୍ତି ବାବୁ ଠିକାଦାର | : କଂଟରାକଟ୍ର : ମହାନ୍ତି ବାବୁ କଂଟାରାକଟର /ଠିକାଦାର୍ |
| | ଡ |
| ଡଙ୍ଗା | : ଡଙ୍ଗା |
| ଡମ୍ବରୁ | : ଡମ୍ବ୍ରୁ |
| ଡାଲିମ୍ବ | : ଡାଳିମ୍ବ୍ |
| ଡେମ୍ଫ | : ଢ଼େଣ୍ଟି, ଡେଣ୍ଟି |
| ଫୁଲର ଡେମ୍ଫ ଛିଡାକୁ ନାହିଁ | : ଫୁଲଟାର୍ ଡେଣ୍ଟି ଛିଡାଅ ନାଇଁ |
| ଡେଙ୍ଗା | : ଢ଼େଙ୍ଗା |
| ଡେଣା | : ଢ଼େଣା |
| ଡିମ୍ବିରି ଫଳ | : ଡିମ୍ବୁରି ଫଲ୍, ଢୁମ୍ବୁରି ଫଲ୍ |
| ଡାଲି | : ଡାଆଲ୍ / ଡାଲି |
| ଡଙ୍କି | : ଡଙ୍କା, ଟେଙ୍କଟ |
| ଡଙ୍କିରେ ପାଣି କଢାଯାଏ | : ଡଙ୍କାକେ ପାଣି କାଢ଼ନ୍ତି |
| ଡଜନ | : ଡରଜନ୍ |
| କମଳା ଟଙ୍କାକୁ ବାରଗୋଟା | : କମଲା ଟଙ୍କାକେ ଡରଜନେ |
| ଡବା | : ଡ଼ବା |
| ଡେକ୍‌ଚି | : ଢ଼େଗ୍‌ସି, ଡେଗ୍‌ଚି |
| ଡାହାଣହାତ | : ଖାଇଲିହାତ୍ / ଭୁଜୁଣି ହାତ୍ |
| ଡାଲିଆଫୁଲ | : ଡାଲିଫୁଲ୍ / ଡାଲିଆଫୁଲ୍ |
| ଡାକ୍ତର | : ଡାକତର୍ |
| ଜ୍ୱର ହେଲେ ଡାକ୍ତର ପାଖକୁ ଯାଆନ୍ତି | : ଜର୍ ହେନେ ଡାକ୍‌ତର୍ ପାସ୍‌କଇ ଯାଆନ୍ତ୍ |
| | ଢ |
| ଢାପନାଚ କର | : ଢାପନାଚ୍ କର୍ |
| ଢମଣାସାପ | : ଢମଣାସାପ୍ |
| ଢାକୁଣୀ | : ଢ଼ାକୁଣି, ଘୁଡୁଣୀ |
| ଭାତରେ ଢାକୁଣି ଦିଅ | : ଭାତ୍‌କେ ଢାକ୍‌ଣି ଦେଅ |
| ଡାମଣ | : ଶାପଣ, ଡାମଣ |

| | |
|---|---|
| ଢେଉ | : ଚିଲ୍‌କା ମାରିବା / ଢେଉ |
| ଢଗଢମାଳି | : ଢନ୍ଧାଣୀ |
| ଢମଣା | : ଧମଣା |
| ଢେଲା | : ଢୁଳା |
| ଢଳେଇବା | : ବନେଇବା / ଖସାଇବା |
| ଢୋକିବା /ଗିଳିବା | : ଗିଳିବା, ଢ଼ଙ୍କିବା |
| ଢିପ : ମୋର ଢିପ ଜମି | : ଢିପା : ମର୍ ଢିମ୍ପା ଜମି ଆଛି |

## ତ

| | |
|---|---|
| ତୁମକୁ | : ତମକଇ |
| ତାରା : ଆକାଶରେ ତାରା ବାହାରେ | : ତରା : ଆକାଶକେ ତରା ବାହାରଇ |
| ତୂରୀ | : ମହୂରୀ |
| ତରଭୂଜ | : ତର୍‌ଭୁଜ୍ |
| ତରଭୂଜ ଖାଇଲେ ପେଟ ଥଣ୍ଡା ହୁଏ | : ତରଭୁଜ୍ ଖାନେ ପେଟ୍ ଠଣ୍ଡା ହେଇ |
| କାକୁଡି | : କାକଳି |
| ତୀର | : କାଣ୍ଡ୍ |
| ରାମ ତୀର ମାରୁଛି | : ରାମ କାଣ୍ଡ୍ ମାରଛି |
| ତକିଆ | : ଢକିଆ, ସିତାମ୍, ସୁତାଣ |
| ତକିଆ ପକାଇ ଶୋଇଲେ | : ସୁତାଣ ପକାଇ ଶୋଇଲେ |
| ତଂଟି | : ତଂଟି୍ |
| ତଳେ | : ତଳେ / ତଳ |
| ତେଲ | : ତେଲ୍ |
| ପିଲାକୁ ତେଲ ଲଗାଅ | : ଛୁଆକୁ ତେଲ ଲଗାଇ ଦେଅ |
| ତରଳଝାଡା | : ପାଣିଆଁ ଝାଡ଼ା, ପାଣିଆ ଗୁହୁ |
| ତରଣୀ | : ଢେଉ |
| ତିଆରି | : ବନାଇବା |
| ତାହା | : ତାହା |
| ତାଲା | : କଂଚି |
| ତମେ | : ତୁଇଁ |
| ତା'ପରେ | : ହେଠାଣୁ |
| ତୋରଣ | : ଗେଟ୍ |
| ତାକୁ | : ତାକଇ |
| ତୁମର | : ତମର୍ |

| | |
|---|---|
| ତରକାରୀ | : ତୁଣ୍ |
| ତାଳ | : ତାଲ୍ |
| ତାଳଗଛ | : ତାଲଗଛ୍ |
| ତାରିଖ | : ତାରିଖ୍ |
| ତର୍ଜନୀ | : ତର୍ଜନୀ / ବିଷ୍ ଆଙ୍ଗ୍‌ଳି |
| ତେନ୍ତୁଳି | : ତେନ୍ତେଲି/ କୟାଁ |
| ତଟକାଫଳ | : ନିଘଳ ଫଳ |
| ବିଛା | : ଖୁଙ୍କୁରିଆ ବିଛା / ବିଛା |
| ତଡି | : ଠେଲିବା, ଖେଦିବା |
| ତହସିଲଦାର | : ତସିଲ୍‌ଦାର |

## ଥ

| | |
|---|---|
| ଥଣ୍ଡ | : ଥଣ୍ଡ୍ |
| ଶୁଆର ଥଣ୍ଡ ଲାଲଅଟେ | : ଗାଇକାର୍ ଥଣ୍ଡ୍‌ରଙ୍ଗିଆ |
| ଥଣ୍ଡା | : ଠଣ୍ଡା |
| ଖରା ମାସରେ ଥଣ୍ଡା ପାଣି ପିଅ | : ଖରା ମାଁସ୍‌କେ ଠଣ୍ଡା / ହେମାଳ ପାଣି ପିଅ |
| ଥାଳି | : ଥାଳି |
| ଥାଳିରେ ଭାତ ଖାଅ | : ଥାଳିକେ ଭାତ୍ ଖାଅ |
| ଥାନା | : ଥାନା |
| ଥାପି | : ଥାପି |
| ଥିବା | : ଥିବା |
| ଥରଥର | : ଥର୍ ଥର୍ |
| ଥରେ | : ଥରେ |
| ଥୋଇବା | : ରଖିବା |
| କାଚ ଗ୍ଲାସ ଭଲରେ ଥୋଇବା | : କାଚ ଗିଲାସ୍ ନିକରେ ରଖିବା |
| ଥୋଡା / ଅଳ୍ପ | : ମେଚାମେଚା / କମ୍ |
| ହରିକୁ ଅଳ୍ପ ଭାତ ଦିଅ | : ହରିକି ଅଲପ୍ ଭାତ ଦେଅ |

## ଦ

| | |
|---|---|
| ଦାମ | : ଦାମ୍ |
| ସୁନା ବେଶି ଦାମ | : ସୁନାଣା ଜୋର୍ ଦାମ୍ |
| ଦାଣ୍ଡ | : ଡ଼ାଣ୍ଡେ / ଦାଣ୍ଡ୍ |
| ଦିନ | : ଦିନ୍ |
| ଆଜି ରବିବାର ଦିନ ଅଟେ | : ଆଜି ଦିନ୍‌ଟା ରଇବାର |

ଦଶ : ଦଶ୍
ଦେବତା : ଦେଉଁତା / ଦେବ୍ତା
ଦେବତା ପୂଜା କର : ଦେଉଁତା ପୂଜା କର / ଦେବତା ପୂଜା କର
ଦୋକାନ : ଦୁକାନ
ଦାନ୍ତ : ଦାନ୍ତ୍
ଦୀପ : ଦୀପ୍
ଦହି : ଦଇ
ଦେବଦାରୁଗଛ : ଦେବଦାରୁ ଗଛ୍
ଦାଢ଼ି : ଦାଳି
ଦଣ୍ଡ : ଦଣ୍ଡ୍
ଶିକ୍ଷକ ପିଲାଟିକୁ ଦଣ୍ଡଦେଲେ : ମାଷ୍ଟର ଛୁଆଟିକୁ ଦଣ୍ଡ୍ ଦେଲାଇ
ଦାଦା : ଦଦା / ଦାଦା
ଦୋଳି : ଦଳି
ଦଉଡ଼ି : ଦେଉଳ୍ / ଦଉଳି
ଦୌଡ଼ିରେ ଛେଳି ବାନ୍ଧ : ଦେଉଳି କଇ ଛେଳ୍ ବାନ୍ଧ୍
ଦୌଡ଼ିବା : ଘଟକିବା
ଦାନ ଦେବା : ମାଗଣା ଦେବା / ଦାନ୍ ଦେବା
ଦାଆ : କଟରି / ଦାଆ
ଦାଆରେ ଧାନ କଟାଯାଏ : ଦାଆକଇ ଧାନ କାଟନ୍ତି/ କଟରି କଇ ଧାନ କାଟନ୍ତ୍
ଦୁର : ଦୁରିଆ
ଦିଆସିଲ : ମାଚିସ୍
ଦର୍ପଣ : ଆରିଶି
ଦର୍ପଣରେ ମୁହଁ ଦେଖନ୍ତି : ଆରିଶି କେ ମୁହଁ ଦେଖନ୍ତ୍
ଦୈର୍ଘ୍ୟ : ନମା
ଦୁଇଗୁଣ : ଦିଗୁଣ୍
ଦଶମିକ : ଦଶମିକ୍
ଦଳଦଳ : ହଳ୍ହଳ୍
ବଗ ଦଳ ଦଳ ହୋଇ ଉଡ଼ନ୍ତି : ବଗ୍ଲା ହଳ୍ହଳ୍ ଉଡ଼ନ୍ତ୍
ଦ୍ୱିତୀୟ : ଦୁତିଅ
ଦଶମ : ଦଶମ୍
ଅର୍ଜ୍ଜୁନ ଦଶମ ଶ୍ରେଣୀରେ ପଢୁଛି : ଅର୍ଜୁନ ଦଶମ୍ କିଲାସ୍‌ରେ ପଢ଼ୁଛି
ଦ୍ୱାରବନ୍ଧ : ଦୁଆରବନ୍ଧ/ଏରଣ୍ଡି

## ଧ

| | |
|---|---|
| ଧରିବା | : ଧେରିବା |
| ଧନ | : ଧନ୍ |
| ଗଙ୍ଗାର ବହୁତ ଧନ ଅଛି | : ଗଙ୍ଗା କର ଜୋରେ ଧନ ଆଛି |
| ଧାନ | : ଧାନ୍ |
| ଧାଇଁବା | : ଘଟ୍‌କିବା, ଦୌଡ଼ିବା |
| ଶ୍ୟାମ ବେଶି ଧାଇଁଲା | : ଶ୍ୟାମ୍ ଜୋରେ ଘଟକିଲା / ଦୌଡ଼ିଲା |
| ଧର୍ମ | : ଧରମ୍ |
| ଧନ୍ୟ | : ଧଇନ୍ |
| ଧର୍ମକାମ କର | : ଧରମ କାମ୍ କର |
| ଧାଡ଼ି | : ଧାଆଲି |
| ଧାଡ଼ି ଧାଡ଼ି ହୋଇଯାଅ | : ଧାଆଲିରେ ଯାଅ |
| ଦାଢ଼ି | : ଦାଢ଼ି |
| ଧାଇଁ ଧାଇଁ | : ଘଟକି ଘଟକି/ ଦୌଡ଼ି ଦୌଡ଼ି |
| ଧରିତ୍ରୀ | : ବାସୁକି, ଧର୍ତ୍ତୀ, ବାସୁକୀ ମାତା, ଭୂଇଁ |
| ଧନୁ | : ଧୁଣ |
| ଧନୁ ଆଣ | : ଧୁଣ୍ ଆଣ |
| ଧିବର | : ଝରା, କେଉଟ୍ |
| ଧର | : ଧେର୍ |
| ଧୋବା | : ଧବା / ଧୁବା |
| ଧଳା | : ଧବୁଲା / ଧଳା |
| ଧୂଳି | : ମଇଳା / ଧୂଳି |
| ଧୈର୍ଯ୍ୟ | : ଥୟ ଅଇ |
| ଧେନୁ | : ଗାଈ |
| ଧନିଆ ପତ୍ର | : ଧନିଆ ପତର୍ |
| ଶର | : ଶର୍ |
| ଧୋତି | : ଧୂତି |
| ଧାନ ଖଳା | : ଧାନ୍ ଖଳା / ଧାନ୍ ଟକରା |

## ନ

| | |
|---|---|
| ନଦୀ | : ନଅଦୀ / ନଇ |
| ନାଡ | : ନାଡ୍ |
| ନାଭି : ପେଟରେ ନାଭି ଥାଏ | : ନାଭି:ପେଟ୍‌କେ ନାଭି ଥାଏ, (ନାହୁଲି) |

ନାଗସାପ : ଗଖୁର୍ ସାପ୍
ନେଉଳ : ନେଉଲ୍
ନାକ : ନାଁଖ୍
ନଖ : ନଁଖ୍
ସବୁ ପିଲା ନଖ କାଟ : ସବିଏ ପିଲା ନଁଖ୍ କାଟ
ନର : ମୁଣୁସ୍, ମୁଣସ୍
ନିମ୍ବଗଛ : ନିମ୍ ଗଛ୍
ନିମ୍ବପତ୍ର ପିତା ଲାଗେ : ନିମ୍ ପତର୍ ପିତା ଲାଗଇ
ନଳିତା : କାଉଁରିଆ / କରୁଆ
ନଡ଼ିଆ ଗଛ : ନଡ଼ିଆ ଗଛ୍
ନୀଳ : ନେଳିଆ
ନିଦ : ନିଁଦ୍
ନାରଙ୍ଗି : କମ୍ଳା ରଙ୍ଗ୍
ନାରୀ : ମାଇକିନା, ଟକି, ନନୀ
ନାରୀ ଜାତିକୁ ସମ୍ମାନ ଦିଅ : ଟକିମାନଙ୍କଇ ସନ୍ମାନ ଦେଅ
ନଳିହାଡ : ନଳୀ ହାଡ୍
ନାଗଫେଣି : ସମ୍ଦର୍ କଂଟା
ନୂଆବର୍ଷ : ନୂଆଁ ବରସ୍
ବର୍ଷା : ବର୍ଷା
ନାଚଗୀତ : ନାଚ ଗୀତ
ନିର୍ଣ୍ଣୟ : ବାଛିବଳ / ଫଇସଲା କରିବା
ନବମ : ନବମ୍
ନାମ : ନାଁଉ, ନାଁ
ନିକିତି : ତରାଜୁ(ପିସା ଡ଼ାଙ୍ଗ)କିଲ ପଲା / କିଲ ଦଣ୍ଡି
ନାଚିବା : ନାଁଚ୍‌ବା
ନିର୍ଦ୍ଦେଶ : ବର୍‌ଗିବା

## ପ

ପାଚିଲା କଦଳୀ : ପାଚିଲା କଦଲ୍
ପାଚିଲା ଆମ୍ବ : ପାକିଲା ଆମ୍
ପଳାସ ଫୁଲ : ପଳାସ୍ ଫୁଲ
ପୂଜା ଘର : ଦେବ୍‌ତା ଘର
ପୃଥିବୀ : ବାସୁକୀ, ପୃଥ୍ୱୀ, ଭୂଇଁ

| | |
|---|---|
| ପାଚିଲା ଫଳ | : ପାକିଲା ଫଲ୍ |
| ପୁଅ (ପୁତ୍ର) | : ପୁଅ |
| ପାଳ | : ପୁଆଲ୍ / କୁଟା |
| ପାଣିକଖାରୁ | : କୁମୁଣ୍ଡା, କଖାରୁ |
| ପିଆଜ | : ଭଲି |
| ପତର କୋବି | : ବନ୍ଧାକୋବି |
| ପନ୍ଦର | : ପନ୍ଦର୍ |
| ପଚିଶି | : କୁଳିଏ ପାଂଚ୍ (୨୫)/ ପଚିଶ୍ |
| ପଇଁତିରିଶି | : କୁଳିଏ ପନ୍ଦର୍ |
| ପଇଁଚାଳିସି | : ଦିକୁଳି ପାଂଚ୍ |
| ପଚାଶ | : ଦିକୁଳି ଦଶ୍ |
| ପଂଚାବନ | : ଦିକୁଳି ପନ୍ଦର୍ |
| ପଂଚଷଠି | : ତିନିକୁଳି ପାଂଚ |
| ସତୁରୀ | : ତିନିକୁଳି ଦଶ୍ |
| ପଲଉ | : ମିଠାଭାତ୍ / ପଲଉ |
| ଘିଅ ପୋଡ଼ | : ଘି ପୋଡ୍ / ଘି ପିଠା |
| ପାଟିତୁଣ୍ଡ | : ପାଟିତୁଣ୍ଡ୍ |
| ପୌଷ ମାସ | : ପୁସ୍ ମାସ୍ |
| ପୂର୍ଣ୍ଣିମା | : ପୁନୁଇଁ |
| ପାହାନ୍ତିଆ | : ପାହାନ୍ତିଆ |
| ପହିଲା | : ପ୍ରଥମ/ଆଗ / ଆଗେ |
| ପରଦିନ | : ପରଦିନେ |
| ପଇସା | : ପଇସା |
| ପାତ୍ର | : ଜାଗା |
| ପ୍ରଶ୍ନ | : ପରଶନ୍ |
| ପ୍ରକୃତିମାପ | : ପ୍ରକୃତ ନାପ୍ / ଠିକ୍ ନାପ୍ |
| ପ୍ରସ୍ଥ | : ଅସାର |
| ପୂରଣ କରିବା | : ପୁରଣ କରିବା |
| ପ୍ରଥମ | : ପ୍ରଥମ /ପହିଲା /ଆଗ /ପହିଲ୍ |
| ପଂଚମ | : ପଂଚମ |
| ପାଣି ଜାହାଜ | : ପାଣି ଜାହାଜ୍ |
| ପ୍ରାଚୀନ | : ପୁରଣା |
| ପାଖ | : ପାଖ୍ |

| | |
|---|---|
| ପନିପରିବା | : ପନିପରିବା |
| ପକ୍ଷୀବସା | : ଚଢ଼େଇ ବାସ୍ |
| ପବନ | : ପବନ୍ |
| ପାଟଶାଢ଼ୀ | : ପାଟ୍ଶାଢ଼୍ୀ |
| ପାହାଡ଼ | : ପାହାଡ଼୍ |
| ପଥର | : ଟାଙ୍ଗର୍ |
| ପନିକିରେ ପରିବା କଟାଯାଏ | : ପନିକିକେ ପରିବା କାଟନ୍ତ୍ |
| ପତ୍ର | : ପତର୍ |
| ପେଚ୍ଛା | : ନେଥା |
| ପିମ୍ପୁଡ଼ି | : ପିମ୍ପ୍ଲି / ପେମ୍ପେଲି |
| ପକ୍ଷୀ | : ଚଢ଼େଇ |
| ପଣସ | : ପଣସ୍ |
| ପଇଡ | : ପଇଡ |
| ପର | : ପଂକ୍ଷୀ |
| ପୁରୁଷ | : ଅଣ୍ଡିରା / ପୁଅ ପିଲା |
| ପ୍ରଜାପତି | : ଫେମ୍ପେଲା |
| ପାଣି | : ପାଣ୍ |
| ପେଟ | : ପେଟ୍ |
| ପିଇବା | : ପିଇବା |
| ପିତା | : ପିତା |
| ପାନ | : ପାନ୍ |
| ପାରା | : ପାରା |
| ପେଚା | : ପେଞ୍ଚ |
| ପଗଡ଼ି | : ପଗଡ଼ି, ଠେକା |
| ପଗୁଣ ମାସ | : ଫଗୁଣ୍ ମାସ୍ |
| ପାହାନ୍ତିଆ | : ପାହାନ୍ତିଆ |
| ପାଟିଆ | : ପଟିଆ |
| ପାଣି ଜାହାଜ | : ପାଣି ଜାହାଜ୍ |
| ବଣ କୁକୁଡ଼ା | : ବଣ୍ କୁକୁଳି |
| ପିଠା | : ପିଠ୍ା |
| ପଖାଳ ଭାତ | : ପଖାଲ୍ ଭାତ୍ |
| ପେଜ | : ଭାତ୍ପାଣି / ତୁରାଣି |

| | |
|---|---|
| ଭାତରୁ ପେଜ ଗାଳିବା | : ଭାତ୍‌ରୁ ପାଣି ଗାଳିଆ |
| ପିଆଶାଳ | : ବିଜା ଗଛ୍ / ଟେଠ୍‌ଗଛ୍ |
| ପିଚୁଳି | : ବଦାମ୍ |
| ପରିଷ୍କାର | : ସାଫା / ସଫା / ସୁନ୍ଦର୍ |
| ପାପୁଲି | : ପଦମ୍ |
| ପାଦ | : ପାଦ୍ |
| ଫୁଲ | : ଫୁଲ୍ |
| ପିଠି | : ପିଠ୍ |
| ପିଛା | : ପଛ୍ |
| ପୀଡ଼ା | : ବଥା |

## ଫ

| | |
|---|---|
| ଫୁଲ | : ଫୁଲ୍ |
| ମନ୍ଦାର ଫୁଲ ଆଣ | : ମନ୍ଦାର୍ ଫୁଲ୍ ଆଣ |
| ଫଳ | : ଫଲ୍ |
| ଫୁଲକୋବି | : ଫୁଲ୍‌କୋବି |
| ଫଣା | : ଫେଣା / ଫଣା |
| ଫୁଲର ପାଖୁଡ଼ା | : ଫୁଲର୍ ପାଖୁଡ଼ା |
| ଫୁଲମାଳ | : ଫୁଲ୍‌ମାଲ୍ |
| ଫୁଲମାଳ ଦିଅ | : ଫୁଲ୍‌ମାଳ ଦେଅ |
| ଭଗବାନଙ୍କୁ ଫୁଲମାଳ ଦିଆଯାଏ | : ଭଗବାନକଇ ଫୁଲ ମାଳ ଦେନ୍ତ୍ |
| ଫୁଲ ଗୋଛା | : ଫୁଲ୍ କେରା / ଫୁଲ୍ ମାଲ୍ |
| ମନ୍ତ୍ରୀଙ୍କୁ ଫୁଲଗୋଛା ଦିଆଗଲା | : ମନ୍ତ୍ରୀ କଇ ଫୁଲ୍‌କେରା ଦେଲାଇ |
| ଫେଡାଣ | : ଫେଡାଣ୍ |
| ଫୁଟିବା | : ଫୁଟିବା |
| ଫସଲ | : ଉଷ୍ଣ ଫସଲ୍ |
| ଫାଳ | : ଫାଳ ଲଙ୍ଗଲ୍ ଲୁହା |
| ଫାଲ୍ତୁ | : ମାହାଳିଆ/ ବେକାର୍ |
| ଫାଶ | : ଫାନ୍ଦ, ଫାଶି |
| ଫିଙ୍ଗିବା | : ଫିଙ୍ଗିବା |
| ଫୁଲକୋବି | : ଫୁଲ୍‌କବି |
| ଫିତା | : ଫିତା |
| ଘର ଫିତା ଦ୍ୱାରା ମପାଯାଏ | : ଫିତାକେ ଘର୍ ମାପନ୍ତ୍ |

ଫୋପାଡ଼ିବା : ଫିଙ୍ଗିବା
ଫେରାର୍ : ଧରିପକା, ପଳାଇ ଯିବା
ଫେଣା : ଫେଣା
ଫୁସ୍‌ଫୁସ୍ : ଥରଥର / ତୁନି୍ ତୁନି୍

## ବ

ବାରଣ୍ଡା : ପିଣ୍ଡା
ବାଲି : ବାଲି
ବାୟୁ : ପବନ୍
ବନ୍ଧ : ବନ୍ଧ୍
ବୁଦା : ବୁଦା / ଗଛ ବୁଦା / ଛେଳି ବୁଦା
ବେତ : ବେତ୍
ବୁଢ଼ୀଆଣି : ମାକ୍‌ଳିଆ, ତେନ୍ତୁଆ
ବ୍ରିଗୁଡ଼ି : ବରଳି୍
ବୁଢ଼ିଆଣି ଜାଲ : ମାକ୍ଳିଆ ଜାଲ୍ / ତେନ୍ତୁଆଜାଲ୍
ବୋଇତାଳୁ : ବଇତାଳୁ
ବେଲ : ବେଲ୍
ବାଉଁଶ କରଡ଼ି : ବାଇଁଶ୍ କରଳି୍
ବାଉଁଶ କରଡ଼ି ବଡ଼ ମିଠା : ବାଇଁଶ କରଳି୍ ବଢେ଼ ମଧୁର
ବଳଦ : ବଳଦ୍
ବାହୁରୀ : ବାହୁର୍ୀ
ବିଲେଇ : ବିଲାଇ
ବେଙ୍ଗ : ବେଙ୍ଗ୍
ବାଘ : ବାଘ୍
ବାରାହା : ବର୍ହା / ବରହା / ଜଙ୍ଗଲ୍ ଜୀବ୍
ବିଲୁଆ : ସିଆଲ୍
ବଜ୍ରକାପ୍ତାର ବଂଶ ଦେଖିବାକୁ ମିଳୁନାହିଁ : ବଜରକପ୍ତାର୍ ବଂଶ୍ ଦେଖିବାକଇ ନାଁ ମିଳ୍‌ଛି
ବତକ : ବତକ୍
ବଗ : ବଗ୍
ବାଇ ଚଢେ଼ଇ : ବାଇ ଚଳଇ
ବଜାର : ହାଟ୍
ବିରି : ବିରି
ବରକୋଳି : ବର୍‌କଳି / କଳି

| | |
|---|---|
| ବରଗଛ | : ବରଗଛ୍ |
| ବେଲଗଛ | : ବେଲ୍‌ଗଛ୍ |
| ବେତଗଛ | : ବେତ୍‌ଗଛ୍ |
| ବାଉଁଶ | : ବାଇଁଶ୍ |
| ବଗିଲ | : ବାଳି / ଖଳିଆ |
| ବେଙ୍କ | : ବେଙ୍କ୍ |
| ବାହୁ | : ବାହା |
| ବାମହାତ | : ଡେବେରିହାତ୍ |
| ବୃଦ୍ଧାଙ୍ଗୁଳି | : ବୁଢ଼ାଆଙ୍ଗୁଠି / ବୁଢା ଆଙ୍ଗଲି |
| ବୁଢ଼ା ଆଙ୍ଗୁଠିଟି ବଡ଼ ଅଟେ | : ବୁଢ଼ା ଆଙ୍ଗଲିଟା ବଡ୍ ଅଟଇ |
| ବାହାଘର | : ବାହାଘର୍ |
| ରାଜେନ୍ଦ୍ରର ବାହାଘର ହେଉଛି | : ରାଜେନ୍ଦ୍ରର ବାହାଘର ହେଛି |
| ବାହାଡ଼ା | : ଟେଣ୍ଡଫଳ୍ |
| ବିଲାତି ବାଇଗଣ | : ବିଲାତି ବାଇଁଗଣ୍ |
| ବୈଶାଖ | : ଖରାମାସ, ବଇଶାଖ୍ |
| ବୈଶାଖ ମାସରେ ବହୁତ ଖରା ହୁଏ | : ଖରା ମାସେ ବେଶୀ ଖରା ହିଅଇ |
| ବର୍ଷାଋତୁ | : ବର୍ଷାରିତୁ |
| ବୁଧବାର | : ବୁଧବାର |
| ବନ୍ୟା | : ନଈନାଳ୍‌ରେ ପାଣି ବେଶୀ ହେବାକଇ |
| ବାତ୍ୟା | : ବାତିଆ ଜୋର୍‌ରେ ପବନ୍ ବହିବାକଇ |
| ବାଜା | : ବାଜା |
| ବାମହାତ | : ଡେବିରିହାତ୍ |
| ବାଦାମ | : ବଦାମ୍ |
| ବଂଶି / ବଂଶୀ | : ବଇଁଶି |
| ବଡ଼ରୁ ଛୋଟ | : ବଡ଼ରୁ ସାନ୍ |
| ବାରମାସ | : ବାରମାସି |
| ବିଲ | : ବିଲ୍/କିଆର୍, ଜମି |
| ବିଲକୁ ଯିବା | : ବିଲ୍‌କଇ ଯିଆ |
| ବାଛୁରୀ | : ବାସୁରୀ / ବାଛରୀ |
| ବିଦ୍ୟୁତ | : ଲାଇନ୍ / ବିଜ୍‌ଲି |
| ବସ | : ବସ୍ |
| ବହି | : ବହି |
| ବେଲୁନ୍ | : ବେଲୁଣ୍ |

| | |
|---|---|
| ବର୍ଗ | : ବରଗ୍ |
| ବଳଦ୍ | : ବଳଦ୍ / ଦଳିଆ |
| ବାର୍ତ୍ତା | : ବାର୍ତ୍ତା / ଖବର୍ |
| ବାହୁଡାଯାତ୍ରା | : ଯତରା / ସାନ୍ ଯାତ୍ରା |
| ବୋଲାଣି | : ବୁଲାଣି |
| ବିହନ ପର୍ବ | : ତୀରର୍ଥୀୟା / ତୀରତିୟା ପରବ |
| ବୟସ | : ବଇସ୍ / ବରଷ୍ / ବୟସ୍ |
| ବର | : ବର୍ |
| | **ଭ** |
| ଭାଲୁ | : ଭାଲୁ, ଭାଆଲୁ |
| ଭାତ | : ଭାତ୍ |
| ଭାତ ଖାଇବାକୁ ଯିବା | : ଭାତ ଖାବାକଇ ଯିଆ |
| ଭଅଁର | : ଭମରା / ଭଅଁର୍ |
| ଭେଣ୍ଡି | : ମେଣ୍ଢାଶିଙ୍ଗୀ |
| ଭୁଜି / ଭୋଜି | : ଭୁଜି / ପିସ୍‌ଟି |
| ଭାଦ୍ରବ ମାସ | : ଭୁଦ୍ ମାସ୍ |
| ଭାଙ୍ଗିବା | : ଭାଙ୍ଗ୍‌ବା / ଭାଗିବା |
| ଭାରୀ | : ଓଜନ୍ / ଭାରି୍ |
| ଭୟ | : ଡର୍ |
| ବାଘକୁ ସମସ୍ତେ ଡରନ୍ତି | : ବାଘଟାକଇ ସବିଏ ଡରନ୍ତି / ବାଘଟାକଇ ସବିଏ ଡ଼ରନ୍ତ୍ |
| ଭଗବାନ | : ଭଗବାନ୍ / ଦିଅଁ / ଦେବ୍‌ତା |
| ଭାଗ | : ଭାଗ୍ |
| ମାଂସ ବାଂଟିବା | : ମାଇଁସ୍ ବାଂଟିବା |
| ଭିନ୍ନ | : ଭିନେ |
| ଭିତରେ | : ଭିତିରେ |
| ଭଲ | : ଭଲ୍ |
| ଭାତୁଡ଼ି | : ଫଳି / ଭାତକୁଳି ଫଳି |
| ଭୂତ | : ଭୂତ୍ |
| | **ମ** |
| ମୂଳ | : ମୂଲ୍ |
| ମଞ୍ଜି | : ମଞ୍ଜା |
| ମଶା | : ମୁଶା |
| ମାଛି | : ଭଙ୍ଗାଣି୍ / ମାଛି |

| | |
|---|---|
| ମହୁମାଛି | : ମହୁଡାଉ, ମହୁମାଛି |
| ମଟର | : ମଟର୍ |
| ମୂଳା | : ମୂଳା |
| ମହୁଲ | : ମହୁଲ୍ |
| ମହୁଲରେ ମଦ ହୁଏ | : ମହୁଲକେ ଅରଖି ବନାଉ୍ |
| ମାଂସ | : ମାଉଁସ୍, ମାଇଁସ୍ |
| ମନ୍ଦିର | : ମନ୍ଦିର୍ |
| ମେଣ୍ଢା | : ଗାଡ଼୍ରା / ମେଣ୍ଢା |
| ମୂଷା | : ମୁଁଷା |
| ମାଙ୍କଡ଼ | : ମାଙ୍କଲ୍ |
| ମାଛ | : ମାଛ୍ |
| ମୟୁର | : ମଞ୍ଜୁର୍ |
| ମାଣ୍ଡିଆ | : କଦ୍ |
| ମକା | : ଜୁଆରି / ମକା |
| ମୁଗ | : ମୁଗ୍ |
| ମଦ | : ମଦ୍ |
| ମିଠା | : ମିଠା / ମଧୁର୍ |
| ମନ୍ଦାରଫୁଲ | : ମନ୍ଦାର୍ଫୁଲ୍ |
| ମାଟି | : ମାଠି / ମାଟି |
| ମାଟିଆ ରଙ୍ଗ | : ମାଟିଆ ରଙ୍ଗ୍ |
| ମିଶ୍ରିତ ରଙ୍ଗ | : କାବ୍ରା ଚିତ୍ରା |
| ହରିର ସାର୍ଟ ମିଶ୍ରିତ ରଙ୍ଗର ଅଟେ | : ହରିର୍ ସାର୍ଟଟା କାବ୍ରାଚିତ୍ରା ଅଟଇ / ହରିର ସାଟ୍ଟା କାବେରା କାବେରୀ ଅଟଇ |
| ମଇଳା | : ମଳିଆ, ମଇଳା |
| ମୁହଁ | : ମୁହଁ |
| ମୁଣ୍ଡରବାଳ | : ମୁଣ୍ଡର୍ ଚୁଟି |
| ମେରୁଦଣ୍ଡ | : ରିଢ଼ିହାଡ୍ |
| ମଧ୍ୟମ ଆଙ୍ଗୁଠି | : ମଝି ଆଙ୍ଗ୍ଳି |
| ମଲ୍ଲୀଫୁଲ | : ମଲ୍ଲୀଫୁଲ୍ |
| ମାଟିଘର | : ମାଟି ଘର୍ |
| ମେଘ | : ମେଘ୍ |
| ମେଘ ହେଲେ ବର୍ଷା ହୁଏ | : ମେଘ୍ ଆସିଲେଁ ବର୍ଷାହେଇ |
| ମଂଚା | : ମଂଚା |

ମିଛ : ପେନ୍ / ମିଛ୍
ମାର୍ଗଶିର : ମଗ୍ଶିର୍
ମାଘ : ମାଘ୍
ମଙ୍ଗଳବାର : ମଙ୍ଗଲ୍ବାର
ମଧ୍ୟରାତ୍ରି : ମଝାରାତି
ମଣ୍ଡପ : ପୂଜାମଣ୍ଡପ୍ / ମଣ୍ଡ୍ଦାଣ୍ଡ୍
ମହୁରୀ : ତୁରୀ / ପେଁକାଳି
ମୋର : ମର୍
ମାଗଣା : ମାଗ୍ଣା
ମୁଖ୍ୟ : ମୁଖିଆ
ମିଶାଣ : ମେଶାଣ
ମାପିବା : ନାପିବା
ମୁଦ୍ରା : ଟଙ୍କା
ମୋଟମୂଲ୍ୟ : ମୋଟ୍ଦାମ୍
ମୋଟଲାଭ : ମୋଟ୍ ଲାଭ୍
ମୃତ୍ୟୁ : ମରିଛି / ମଲା
ମଣିଷ ପୃଥିବୀରେ ଜନ୍ମ ନେଇଛି : ମୁଣୁସ୍ ଜଗତକେ ଜନମ୍ ନିଁଛି
ମଦଡବା : ମଦ୍ ଗିଲଣ / ହାଣ୍ଡିଆ ଡ଼ବା
ମାଣ : ମାଣ୍
ମହୁରୀ : ତୁରୀ / ପେକାଳି
ମାଘମାସ : ମାଘମାସ୍
ମାର୍ଗଶିର ମାସ : ମଙ୍ଗଶିର୍ ମାସ୍ / ମଗ୍ଶିର ମାସ୍
ମଧ୍ୟାହ୍ନ ବେଳା : ଦିପହର ବେଳା
ମାଟି : ମାଟି
ମାଟିଘର : ମାଟିଘର୍
ମାଗଣା : ମାଙ୍ଗ୍ଣା / ମୁଫତ୍ / ଫୁଲା
ମଣିଷ : ମୁଣୁଷ୍ / ଲୁକ୍ / ମୁଣଷ୍

## ଯ

ଯୁଗ : କାଳ, ଯୁଗ୍
ଯୁକ୍ତ : ମିଶା / ମେସିକରି
ଯୋଗ୍ୟ : ବଛା / ପାରିବା ପଣିଆଁ / ଠିକ୍
ଯଥେଷ୍ଟ : ଢେର୍
ଆଳୁ ବିକ୍ରିକରି ଯଥେଷ୍ଟ ଲାଭ ହେଲା : ଆଳୁ ବିକିକରି ଢୁର୍ ଲାଭ ହିଛି

| | |
|---|---|
| ତାଙ୍କର ଯଥେଷ୍ଟ ଟଙ୍କା ଅଛି | : ତାହାଙ୍କର ଢ଼ୁର୍ ଟଙ୍କା ଆଛି |
| ମନ୍ତ୍ରଣା | : ଭିତରି ବାହାରି / ପରର୍ ମନ୍ଦ୍ ଗହିଁବା / ଭିତ୍ରିଆ କଥା |
| | ର |
| ରଥଯାତ୍ରା | : ରଥ୍ ଯତ୍ରା |
| ରାତ୍ରୁ | : ରାତ୍ |
| ରଙ୍ଗ | : ରଙ୍ଗ୍ |
| ରବିବାର | : ରଇବାର |
| ରାକ୍ଷସ | : ରାକସ୍ |
| ରବି | : ବେଲ୍ / ସୁରଜ୍ |
| ରାଜନୀତି | : ରାଜନୀତି |
| ରାଜଧାନୀ | : ରାଜ୍‌ଧାନୀ |
| ଭୁବନେଶ୍ୱର ଆମ ରାଜଧାନୀ | : ଭୁବନ୍‌ଶର୍ ଆମର୍ ରାଜଧାନୀ |
| ରେଡ଼ିଓ | : ରେଡ଼ିଅ |
| ରବର | : ରବଲ୍ |
| ରକ୍ତ | : ରକତ୍ |
| ରଖିବା | : ରଖିବା |
| ରାଗିବା | : ରାଗିବା |
| ଚନ୍ଦନ | : ଚନ୍ଦନ୍ |
| ରକ୍ତ ଚନ୍ଦନ | : ରକତ୍ ଚନ୍ଦନ୍ |
| ରଙ୍ଗମଂଚ | : ରଂଗମଂଚ / ପେଣ୍ଡାଲ୍ |
| ନାଟ ହୁଏ ରଂଗ ମଂଚରେ | : ନାଟ୍ ହେଇ ରଂଗ ମଂଚକେ |
| ରଜା | : ରଜା |
| ଜଣେ ରାଜା ଥିଲେ | : ଝଣେ ରଜା ଥିଲାଇ |
| ରାଣୀ | : ରାଣୀ |
| ରାନ୍ଧିବା | : ରାନ୍ଧିବା |
| ରସୁଣ | : ରେସୁଣ |
| ରାଜକନ୍ୟା | : ରଜାଝିଅ |
| ରାଣ୍ଡ | : ରାଣ୍ଡି / ରାଣ୍ଡ୍ |
| ରାଣ | : ରାଣ୍, କିରିଆ |
| ରାଜ୍ୟ | : ରାଇଜ / ରାଇଜ୍ |
| ରାମ୍ପିବା | : ରାମ୍ପିବା |
| ରାନ୍ଧୁଣିଆ | : ରାନ୍ଧ୍‌ଣୀ |

| | |
|---|---|
| ରାସ୍ତା | : ବାଟ୍ |
| ରୁଆ | : ରୁଆ |
| ରୁଚି | : ରୁଚିବା / ଭଲ ଲାଗିବା |
| ରୂପ | : ରୂପ୍ |
| ରୋଗ | : ରୁଗ୍ |
| ରୋପଣ | : ଲଗାବା / ପୁତିବା |
| ରୋହିମାଛ | : ରୋହିମାଛ୍ |
| ରୀତି | : ରୀତି / ନିଅମ୍ |
| ରୁକ୍ଷିବା | : ରୁକ୍ଷିବା |
| ରାଗ | : ରାଗ୍ |
| ରନ୍ଧାଘର | : ରନ୍ଧାଘର୍ |
| ରାଶି | : ରାଶି |
| ରାଶିତେଲ ଲଗାଅ | : ରାଶିତେଲ୍ ଲଗାଅ |
| ରାତି | : ରାତ୍ |
| ରସ | : ରସ୍ |
| ରେଳଗାଡି | : ରେଲ୍‌ଗାଡ଼ି |
| ରେଳରାସ୍ତା | : ରେଲ୍‌ଲାଇନ୍ |
| ରଙ୍ଗମାଟି | : ନାଲି ମାଟି |

## ଲ

| | |
|---|---|
| ଲଗା, ଲଗି | : ଲାଗିକରି |
| ଲାଙ୍ଗୁଡ | : ନେଞ୍ଜ୍ / ଲାଙ୍ଗୁଳ୍ |
| ଲଗ୍ନ | : ଲଗଣା / ପାଞ୍ଜି : ଭଲ୍‌ଦିନ୍ କି ଲଗନ୍ କରନ୍ତ୍ |
| ଲଙ୍ଗଳ | : ନଙ୍ଗଳ / ହଲ୍ ନଙ୍ଗଲ୍ |
| ଲଜ୍ୟା | : ଲାଜ୍ |
| ଲାଞ୍ଜାତାରା | : ନେଞ୍ଜ୍‌ତରା |
| ଲଡୁ | : ଲଡୁ |
| ଲଢ଼େଇ | : ଲଢ଼ାଇ / କଳି |
| ଲଣ୍ଠନ | : ଲାଇଟଣ୍ ହାରକିନ୍ / ଲାଇଠଣ/ଲଲ୍‌ଠନ୍ |
| ଲଣ୍ଠଣରେ ପିଲାମାନେ ପାଠ ପଢୁଛନ୍ତି | : ହାରକିନ୍‌ରେ ପିଲାଲା ପାଠ୍ ପଢୁଛନ୍ତ୍ |
| ଲଣ୍ଡା | : ନାଡୁ / ନାଣ୍ଡୁ / ଚନ୍ଦା |
| ଲବଣ | : ନୁଣ୍ |
| ଲମ୍ଫଟ | : ଡେଗବା / ଧେରି କରି ଝଅଟ୍ ପଲ୍‌ବା |
| ଲମ୍ଫ | : ଡେଗିବା / ଡେଇଁବା |

| | |
|---|---|
| ପିଲାମାନେ ଡ଼େଇଁଛନ୍ତି | : ପିଲାକା ଡେଗୁଛନ୍ |
| ଲମ୍ବା | : ନମା |
| ଲସି | : ରସି |
| ଲହରୀ | : ଉଲାକ୍ / ଲହଗ୍ରୀ / ସମୁଦର୍ ଢେଉ |
| ଲୁହ | : ଆଖିର୍ ପାଣି |
| ଲହୁଣୀ | : ଲହୁଣି |
| ଲାଭ | : ଲାଭ୍ |
| ଲାଖ | : ଲାଖ୍ |
| ଲାଗିବା | : ଲେଟ୍ କିବା |
| ଲାଜ | : ଲାଜ୍ |
| ଲାଲ୍ | : ରଙ୍ଗିଆ / ଲାଲ୍ |
| ଲୁଚାଇବା | : ଲୁକାବା / ଛିପାଇବା |
| ଲାତ | : ଲାତ୍ |
| ଲତା | : ଲତା |
| ଲୁହା | : ଲୁହା |
| ଲାଭ | : ଲାଭ୍ |
| ଲାସ୍ | : ଲାସ୍ |
| ଲେଖା | : ଲେଖା |
| ଲିଭିବା | : ଲିଭିବା |
| ଲୁକ୍କାୟିତ | : ଲୁକିକରି / ଲୁଚାଇକରି |
| ଲୁଗା | : ଲୁଗା |
| ଲୁଟି | : ଛୁରି ଆଣିବା |
| ଲେଖ | : ଲେଖ୍ |
| ଲୁଚକାଳି | : ଲୁକ୍‌ଲୁକାଣି / ଲୁକାଣି |
| ଲିପିବା | : ଲେପିବା |
| ଲୁଚେଇବା | : ଲୁକାଇବା / ନୁଚାଇବା |
| ଲୋକ | : ଲୁକ୍ |
| ଲେମ୍ବୁ | : ଲେବୁ / ନେବୁ |
| ଲୋଭି | : ଲୋଭି |
| ଲୋଡ଼ା | : ଦରକାର |
| ଲୋମ | : ଚୁଟି |
| ଲାଜକୁଳିଗଛ | : ଲାଜ୍‌କୁଳି ଗଛ୍ |
| ଲାଲ | : ନାଲିଆ, ରଙ୍ଗିଆ |

| | | |
|---|---|---|
| ଆମ୍ବ ପାଚିଲେ ଲାଲ୍ ଦେଖାଯାଏ | : | ଆମ୍ବ ପାଚିନେ ନାଲିଆ ଦିଶଇ |
| ଲିଚୁ | : | ଲିଚୁ |
| ଲଙ୍କାଆମ୍ବ | : | ମରିଚି ଆମ୍ |
| ଲୁଗାପଟା | : | ଲୁଗାପଟା / ଲୁଗାଳା |
| ଲୁଗାପଟା ଧର | : | ଲୁଗାଳା ଧର୍ |
| ଲକ୍ଷେ | : | ଲାକ୍ଷେ |
| ଲୁହ | : | ଆଁଖିପାଣି |
| ପିଲାଟି କାନ୍ଦୁଛି | : | ପିଲାଟା କାନ୍ଦଛି |
| | | ହ |
| ହଳଦୀ | : | ହଳଦୀ |
| ହଳଦୀ ବସନ୍ତ | : | ପିଚ ଚଳଇ |
| ହରଡ଼ ଡାଲି | : | ହରଳ ଡାଲି / ରାଳି ଡାଲି |
| ହଳଦିଆ | : | ହଳଦିଆ / ବନ୍‌ରଙ୍ଗ୍ |
| ହାତ | : | ହାତ୍ |
| ହାଡ | : | ହାଡ୍ |
| ହଳ | : | ହଳ୍ |
| ବାଡ଼ିରେ ହଳ କରୁଛି | : | ବାଳିରେ ହଳ୍ ଧେରଛି |
| ହସ | : | ହସ୍ |
| ହନୁମାଙ୍କଡ | : | ହନୁମାଙ୍କଲ୍ |
| ହରିଣ | : | ମିରିଗ୍ |
| ହଂସ | : | ହଂସ୍ |
| ହରଡ଼ ଚଢେଇ | : | ହରଡ଼ ଚଳଇ / ହରଳ ଚଳଇ |
| ହାକିମ | : | ହାକିମ୍ |
| ହାଲୁକା | : | ଉଲାସ୍ |
| ହିସାବ | : | ଗଣିବା / ହିସାବ୍ |
| ହରଣ | : | ହରଣ୍ |
| ହଳଦୀ କଳସ | : | ହଳ୍‌ଦୀ କଳ୍‌ସ୍ |
| ହଳଦୀ ପାଣି | : | ହଳ୍‌ଦୀ ପାଣି |
| ହଳଦୀ ଚାଉଳ | : | ହଳ୍‌ଦୀ ଋଉଳ୍ |
| ହାର | : | ମାଳି |

## କ୍ଷ

କ୍ଷୀର : କ୍ଷୀର୍ / ଦୁଧ୍, କ୍ଷୀର/ ଦୁଧ୍  ପିଇନେ ବଳ ହେଇ
କ୍ଷତି : ନଷ୍ଟ
କ୍ଷମା : ଖେମା : ମାହାପୁର ମକଇ ଖେମା କଲାଇ
କ୍ଷତ : ଘା
କ୍ଷୁଦ୍ର : ସାନ୍
ଜାଗା : ଜେଗା : ରାମର ଜେଗାରେ ସପୁରୀ ଲାଗିଛି
କ୍ଷତ : ଘା
କ୍ଷତି : ନଷ୍ଟ / କ୍ଷେତି

## ଶ

ଶଢେ : ପାଂଚ୍କୁଳି / ଶଇ / ପାଂଚକୁଳି ଦିକରି ଲୁଗାଟା ଘେନ୍ଲି
ଶଗଡ଼ : ଢଳିଆଗାଡି
ଶାଗ : ଶାଗ୍
ଶୁଆ : ରାଇକା
ଶାରୀ : ଶାରୀ / ବଣି
ଶାଳଗଛ : ଶରଗି ଗଛ୍
ଶଗୁଆନ ଗଛ : ଶାଗୁଆନ୍ ଗଛ୍
ଶ୍ୱାସନଳୀ : ସଂଙ୍ଗନଳା
ଶୋଇବା : ଶଇବା
ଶୁକ୍ରତାରା : ଶୁକ୍ରତରା ପାହାନ୍ତିଆତରା ପୁରବ୍ ଆଡ଼େ ଦେଖାଯାଏ
ଶାମୁକା : ଶାମୁକା
ଶଙ୍ଖ : ଶଙ୍ଖ୍
ଶୁକ୍ରବାର : ଶୁକୁରବାର୍
ଶାଗୁଣା : ଗିର୍ଦ୍ଦିନ୍
ଶଙ୍କା : ଶଙ୍କା
ଶୋଷ : ଶୁସ୍କରିବା (ପାଣି ଶୋଷ)
ଶେଷ : ସରିବା, ଶେଷ୍ / ସରିଲା
ଶୀତ : ଶୀତ୍ : ଶୀତ୍ରେ ପିଲାଟା ଥରଛି
ଶତ୍ରୁ : ହିଁସାଲୁକ୍ / ଶତ୍ରୁ
ଶୁଭ : ନିକ ଦିନ୍ / ଭଲ୍ ଦିନ୍
ଶିମ୍ବ : ଝଟୁଆ
ଶରୀର : ଦେହେ : ଶ୍ୟାମ ଦେହେ ଭଲ୍ ଆଛି

| | |
|---|---|
| ଶଯ୍ୟା | : ମଞ୍ଚା |
| ଶସ୍ତା | : କମ୍‌ଦାମ୍ / ଶସ୍ତା / ଜବର୍ |
| ଶାଖା | : ଡାଳ୍ |
| ଶିଶୁ | : ଛୁଆ / ସାନ୍‌ଛୁଆ |
| ଶିଘ୍ର | : ବେଗି / ଝଅଟ  ବେଗି ହାଟକି ଯା |
| ଶିକାରୀ | : ଶିକାରୀ, ପାରଧିଆ |
| ଶିକାର | : ଶିକାର୍ |
| ଶ୍ରାବଣମାସ | : ଶାବଣ ମାସ୍ : ଶ୍ରାବଣ ମାସରେ ଛତି଼୍ ଉଠଇ |
| ଶିମିଳି ଗଛ | : ଶେମେଳି ଗଛ୍ |
| ଶିଉଳି | : ଦଲ୍ : ବର୍ଷାଦିନେ ଦଲ୍ ହେଇ |
| ଶୀତଋତୁ | : ଶୀତ୍ ଋତ୍ / ଜାଡ୍ ଋତ୍ |
| ଶନିବାର | : ଶନିବାର୍ |
| ଶୂନ୍ୟସ୍ଥାନ | : ଖାଲିଜାଗା |
| ଶତକଡ଼ା | : ଶତ୍‌କଡ଼ା |
| ଶୁକ୍ଳପକ୍ଷ | : ଉଜ୍ଜଳ୍ ପଇଖ |
| ଶିକା | : ଶିକା |
| | ସ |
| ସାନବୋହୂ | : ସାନ୍‌ବହୁ |
| ସକାଳ | : ସକାଲ୍ : ସକାଲ୍‌ର ଖରା ନିକ |
| ସ୍ୱର୍ଣ୍ଣବର୍ଣ୍ଣ | : ସୁନାରଙ୍ଗ୍ |
| ସୁନା | : ସୁନା : ସୁନା ଦର ଜବର ହେଲା |
| ସବୁଜ | : ଶାଗୁଆ |
| ସଉତୁଣୀ | : ସଉଁତଣୀ : ଦି ସଉଁତଣୀ ଭିତରେ କଳି ହେନ୍ତି |
| ସଂଗ୍ରହ | : ଏକାଠି କରିବା / ଜୁଗାଡ଼ କରିବା |
| ସଂଗାତ | : ସଙ୍ଗାତ୍ |
| ରାମ ଓ ଶ୍ୟାମ ଦୁଇ ସଙ୍ଗାତ | : ରାମ୍ ଆରି ଶ୍ୟାମ୍ ଦି ସଙ୍ଗାତ୍ |
| ସଂସାର | : ସଂସାର୍ |
| ସଂସ୍ଥା | : ସଂସ୍ଥା |
| ସନ୍ଧ୍ୟା | : ସଞ୍ଜ୍ / ବେଲ୍‌ବୁଡ୍ : ବେଲ୍ ବୁଡ଼ିନେ ବୁଲିବାକଇ ନିକ ଲାଗଇ । |
| ସନ୍ତାନ | : ଛୁଆ / ଛୁଆପିଲା |
| ମାସ | : ମାସ୍ |

ସୂର୍ଯ୍ୟ : ବେଲ୍
ସୂର୍ଯ୍ୟପରାଗ : ରାହୁ ଗିଳିବା / ସୂର୍ଯ୍ୟପରାଗ୍
ସପ୍ତାହ : ସପ୍ତେ / ହପ୍ତେ
ସପ୍ତାହକୁ ସାତ ଦିନ : ହପ୍ତେ କଇ ସାତ୍‌ଦିନ୍
ସୋମବାର : ସମ୍‌ବାର୍
ସାପ : ସାପ୍
ସପୁରୀ : ସପୁରୀ
ସାଇକେଲ : ସାଇକଲ୍ /
ସ୍ତ୍ରୀ : ମାଇପ୍ / ତିରିଲା
ସଂପର୍କୀୟ : ବଂନ୍ଧୁବାନ୍ଧବ/ସପର୍କୀୟ, ବନ୍ଧୁଭାବ
ସମୁଦ୍ର : ସମ୍‌ଦର
ସମ୍ବର : ସାମ୍ବର : ସାମ୍ବର ଉପରକି ଦେଖିକରି ଘଲଇ
ସଂଖ୍ୟା : ସଇଖାଁ
ସୁତା : ସୁତା
ସମ୍ପତ୍ତି : ଧନ : ତାହାଙ୍କର ଲୁରେ ଧନ୍ ଆଛି
ସିନ୍ଦୁର : ସିନ୍ଦୁର୍
ସରକାର : ସରକାର୍
ସୋରିଷ : ସରିଷ୍ / ବେସାର୍
ସେବତୀଫୁଲ : ସେବତୀଫୁଲ୍
ସପ୍ତର୍ଷି ମଣ୍ଡଳ : ସପ୍ତର୍ଷି ମଣ୍ଡଲ୍ ଉତର୍ ବାଟେ ଦେଖାଯାଏ
ସ୍ୱାର୍ଥ : ନିଜର୍‌ଲାଗି ବିକଲ୍ ରାମ ଜଣେ ନିଜର୍‌ଲାଗି ବିକଳ ଲକ୍
ସିଂହ : ସିଂହ
ସିଧାଗାର : ସିଧାଗାର୍
ସମ୍ଭାଳୁଆ : ସମାଳୁ
ସାରୁ : ସାରୁ
ସଜନା : ସୁଜୁନା / ଗେଣ୍ଡୁ
ସ୍କୁଲ : ଇସ୍‌କୁଲୁ / ଇସ୍‌କୁଲ୍
ସ୍ୱାମୀ : ଘଇତା
ସ୍ୱାସ୍ଥ୍ୟ : ଦେହ / ନୀରୋଗୀ ଦେହ
ସୂର୍ଯ୍ୟମୁଖୀ : ସୂର୍ଯ୍ୟମୁଖୀ
ସପୁରୀ : ସପୁରୀ
ସଭା : ମିଟିଙ୍ଗ୍ / ବୈଠକ / ମିଟିନ୍
ସମାନ : ସମାନ୍ : ଯାହା ପାଇବ ସମାନରେ ବାଂଟିବ

| | |
|---|---|
| ସୁନାରୀ | : ସୁନାଗଢ଼ାରୀ / ବଣିଆ / ବିନ୍ଧାଣୀ |
| ସପ୍ତମ | : ସାତ୍ |
| ସ୍ଥାନ | : ଜେଗା/ ଜାଗା |
| ସମୟ | : ସମୟ୍ |
| ସୂତ୍ର | : ସୁତ୍ର |
| ସୂତ୍ର ବ୍ୟବହାର କରି ଗଣିତ କରାଯାଏ | : ସୂତ୍ର ବେଭାର୍ କରି ଗଣିତ୍ କରନ୍ତ୍ |
| ସୁରକ୍ଷା | : ରଖିଆ : ପୁଲିସ୍ ସବ୍‌କି ରଇଖା କରନ୍ତ୍ |
| ସଫା | : ସାଫା |
| ସମ୍ଭନ୍ଧ | : ଚିହ୍ନା |
| ସନ୍ଧ୍ୟାବେଳ | : ବେଳବୁଡ୍ / ସଞ୍ଜ୍ ବେଳେ |
| ସଭା | : ମିଟିଙ୍ଗ୍ / ମିଟିନ୍ |
| ସାଇକେଲ | : ସାଇକଲ୍ / କଳବଗି |
| ସିଆଳି ପତ୍ର | : ସିଆଳି ପତର୍ |

**କ୍ଷ**

| | |
|---|---|
| କ୍ଷଣ | : କ୍ଷଣ୍ |
| କ୍ଷାଠିଏ | : ତିନିକୋଲି/ ତିନିକୁଳି |
| କ୍ଷୋହଳ | : କ୍ଷୋହଳ |
| କ୍ଷଷ୍ଠ | : କ୍ଷଷ୍ଠ / ଛଅ / ଛେ |

## ଜ୍ଞାତି କୁଟୁମ୍ବ ପରିଭାଷା

| | |
|---|---|
| ବାପା | : ବୁଆ / ବାବା |
| ମାଆ | : ମାଁ |
| ବଡ଼ଭାଇ | : ନନା / ଭାଇ / ବଡ୍ ଭାଇ |
| ସାନଭାଇ | : ବାବୁ / ସାନ୍‌ଭାଇ |
| ବଡ଼ ଭଉଣୀ | : ନାନି |
| ଭଉଣୀ | : ନିନି |
| ପୁଅ | : ପୁଅ / ଲେଣ୍ଡା / ଟକା |
| ଝିଅ | : ଝିଅ / ଟକି |
| ସ୍ୱାମୀ | : ଘଇତା |
| ସ୍ତ୍ରୀ | : ମାଇଜିନା, ମାଇଝି |
| ଜେଜେ ବାପା | : ଦାଦା |
| ଜେଜେ ମାଆ | : ନାନା |
| ବଡ଼ ବାପା | : ବଡୁ |

| | |
|---|---|
| ଦାଦା, କକା | : ଦାଦା / କକା |
| ପିଉସୀ | : ଅପା, ଝିଇ |
| ଅଜା | : ଅଜା / ଦାଦା |
| ଆଇ | : ଆଇ / ନାନା |
| ମାମୁଁ | : ମାମୁଁ |
| ସାନମାମୁଁ | : ସାନ୍‌ମାମୁଁ |
| ବଡ଼ମାଆ | : ବଡ଼ାଇ |
| ମାଉସୀ | : ମାଉଁସୀ |
| ଭାଉଜ | : ଭାଉଜ / ବଉ |
| ଭିଣେଇ | : ଭେଣାଇଁ / ଭେଣେଇଁ |
| ଜ୍ୱାଇଁ | : ଜୁଆଁଇଁ |
| ବୋହୂ | : ବୋହୂ |
| ପୁତୁରା | : ପୁତ୍‌ରା |
| ଝିଆରି | : ଝିଆରି |
| ଭଉଣୀର ପୁଅ | : ଭଣଜା |
| ଭାଣିଜୀ | : ଭାଣଜୀ |
| ଦେଢଶୁର | : ଦେଢ଼ଶୁରୁ |
| ଦେଢଶାଶୁ | : ଦେଢ଼୍‌ଶାଶ୍ |
| ଶାଳୀ | : ଶାଳୀ |
| ଦେଢଶୁର | : ଦେଢ଼ଶୁରୁ / ଢ଼େଶୁର୍ |
| ଦିଅର | : ଦିଅର |
| ଦେଢଶାଶୁ | : ଦେଢ଼ଶାଶ୍ / ଢ଼େଶାଶୁ |
| ନଣନ୍ଦ | : ନଣନ୍ଦ୍ |
| ନାତି | : ନାତିଆ / ନାତି |
| ନାତୁଣି | : ନାତଣି |
| ବୋହୂ | : ବୋହୂ |
| ଜ୍ୱାଇଁପୁଅ | : ଜୁଆଇଁ ପୁଅ |
| ଶ୍ୱଶୁର | : ଶଶୁର |
| ଶାଶୁ | : ଶାଶୁ |
| ପଣ ଗୋସେଇଁ ବାପା | : ପଣ୍ ଗୋସେଇ ବୁଆ |
| ପଣ ଗୋସେଇଁ ମାଆ | : ପଣ୍ ଗୋସେଇ ମାଆଁ |
| ପଣ ବାପା | : ପଣ୍ ବୁଆ |
| ପଣ ଆଇ | : ପଣ୍ ଆଇ / ପଣ୍ ନାନା |

| | |
|---|---|
| ପଣ ଗୋସେଇଁ ବଡ଼ ଭାଇ | : ପଣ୍ ଗୋସେଇଁ ବଡ଼ ଭାଇ |
| ପଣ ଗୋସେଇଁ ଦାଦା | : ପଣ୍ ଗୋସେଇଁ ଦାଦା |
| ଗୋସେ ମାମୁ | : ପଣ୍ ଗୋସେଇଁ ମାମୁଁ |
| ପଣ ଗୋସେଁଇ ସାନମାମୁ | : ପଣ୍ ଗୋସେଇଁ ସାନ୍ମାମୁଁ |
| ପିଉସୀନାନି | : ପିସି ନାନୀ |
| ସାନ ପୀଉସୀ ନାନି | : ସାନ୍ ପିସି ନାନୀ |
| ଗୋସେଇଁ ବଡ଼ ନାନୀ | : ଗୋସେଇଁ ବଡ଼ ନାନୀ |
| ଗୋସେଇଁ ସାନ ନାନୀ | : ଗୋସେଇଁ ସାନ୍ ନାନୀ |
| ପଣ ଗୋସେଇଁ ମାଆ | : ପଣ୍ ଗୋସେଇଁ ମାଆ |
| ପଣ ଗୋସେଇଁ ବାପା | : ପଣ୍ ଗୋସେଇଁ ବୁଆ |
| ଗୋସେଇଁ ଶ୍ୱଶୁର, ଅଜା | : ଗୋସେଇଁ ଶଶୁର, ଅଜା |
| ଆବା | : ବାବା / ବୁଆ |
| ଗୋସେଇଁ ମାମୁ | : ଗୋସେଇଁ ମାମୁଁ |
| ଗୋସେଇଁ ସାନମାମୁ | : ଗୋସେଇଁ ସାନ୍ମାମୁଁ |
| ଗୋସେଇଁ ମାମୁ | : ଗୋସେଇଁ ମାମୁଁ |
| ଆଈର ସାନଭାଇ | : ସାନ୍ ଦାଦା / ସାନ୍ ଅଜା |
| ମାମୁଁ | : ମାମୁଁ |
| ଅଜାର ବଡ଼ ଭଉଣୀ | : ବଡ୍ ନାନା |
| ଅଜାର ସାନ ଭଉଣୀ | : ସାନ ନାନା |
| ଆଈର ବଡ଼ ଭଉଣୀ | : ବଡ୍ ନାନା |
| ଆଈର ସାନ ଭଉଣୀ | : ସାନ ନାନା |
| ଭାଉଜର ବଡ଼ଭାଇ | : ସାଙ୍ଗ |
| ଭାଉଜର ସାନ ଭାଇ | : ସଙ୍ଗାତ |
| ଭାଇ ବୋହୂ ବଡ଼ଭାଇ | : ସାଙ୍ଗ |
| ସାନ ଭାଇ ବୋହୂର ସାନ ଭାଇ | : ସାଙ୍ଗ |
| ବଡ଼ ଭାଉଜର ବଡ଼ ନାନୀ | : ସଙ୍ଗାତ |
| ଭାଉଜର ସାନ ଭଉଣୀ | : ସଙ୍ଗାତ |
| ଭାଇ ବୋହୂର ବଡ଼ ନାନୀ | : ସଙ୍ଗାତ |
| ଭାଉଜର ମାଁ | : ମା, ଶାଶୁ |
| ସାନଭାଇର ବୋହୂର ମାଁ | : ମା,ଶାଶୁ |
| ଭାଉଜର ବାପା | : ଶଶୁର୍ |
| ଭାଇ ବୋହୂର ବାପା | : ବାପ. ଶଶୁର |

| | |
|---|---|
| ଜ୍ୱାଇଁଙ୍କ ବାପା | : ସମ୍ଦି |
| ସାନ ଜ୍ୱାଇଁଙ୍କ ବାପା | : ସମ୍ଦି |
| ବଡ଼ ଜ୍ୱାଇଁଙ୍କ ମାଁ | : ବଡାଇ, ସମୁଦୁଣି |
| ଜ୍ୱାଇଁଙ୍କ ମାର ବାପା | : ବନ୍ଧୁ |
| ଜ୍ୱାଇଁଙ୍କ ବଡ଼ ଭାଇ | : ଜ୍ୱାଇଁ |
| ଜ୍ୱାଇଁ ସାନ ଭାଇ | : ଜ୍ୱାଇଁ |
| ଜ୍ୱାଇଁଙ୍କ  ବଡ଼ଭାଇ | : ଜ୍ୱାଇଁ |
| ଜ୍ୱାଇଁଙ୍କ ଭାଇ | : ଜ୍ୱାଇଁ |
| ଜ୍ୱାଇଁଙ୍କ  ବଡ଼ ଭଉଣୀ | : ବନ୍ଧୁ |
| ଜ୍ୱାଇଁଙ୍କ ର ସାନ ଭଉଣୀ | : ସାନ ନାନୀ, ବଉ |
| ଜ୍ୱାଇଁଙ୍କ  ସାନ ଭଉଣୀ | : ବନ୍ଧୁ |
| ଭଣଜା | : ଭଣଜା |
| ଭାଣିଜୀ | : ଭାଣିଜୀ |
| ଭଉଣୀର ପୁଅର ସ୍ତ୍ରୀ | : ଭଣଜା ବଉ |
| ଭଉଣୀଙ୍କ ଝିଅର ସ୍ୱାମୀ | : ନାତି ଜ୍ୱାଇଁ |
| ଭାଣିଜୀ ପୁଅ | : ନାତିଆ |
| ଭାଣିଜୀର ଝିଅ | : ନାତୁଣୀ |
| ପୁତରା ର ପୁଅ | : ନାତିଆ |
| ପୁଅର ଝିଅ | : ନାତୁଣୀ |
| ଭାଇର ପୁଅର ସ୍ତ୍ରୀ | : ପୁତୁରା ବୋଉ |
| ଝିଆରୀର ସ୍ୱାମୀ | : ଝିଆରି ଜ୍ୱାଇଁ |
| ଝିଆରୀର ପୁଅ | : ନାତି |
| ଝିଆରୀର ଝିଅ | : ନାତୁଣୀ |
| ମାଁଙ୍କ ବଡ଼ ଭଉଣୀର ସ୍ୱାମୀ | : ବନ୍ଧୁ |
| ମାଉସୀ ପୁଅ | : ଭାଇ |
| ମାଉସୀ ଝିଅ | : ଭଉଣୀ |
| ସମୁଦିର ସ୍ତ୍ରୀ | : ସମ୍ଦୁଣୀ |
| ମାମୁପୁଅ | : ଭାଇ |
| ମାମୁଁ ଝିଅ | : ଭଉଣୀ |
| ବଡ଼ ମାମୁ | : ବଡ୍ ମାମୁଁ |
| ସାନ ମାମୁଁ | : ସାନ୍ ମାମୁଁ |
| ପିଉସୀ ପୁଅ | : ଭାଇ |
| ପିଉସୀ ଝିଅ | : ଭଉଣୀ |

| | |
|---|---|
| ବଡ ମାଆଁ | : ବଡେଇ |
| ସାନମାଆ | : ମାଉସୀ |
| ବଡ଼ ବାପାଙ୍କ ପୁଅ | : ଭାଇ |
| ଦାଦାପୁଅ | : କକା |
| ବଡ଼ ବାପାଙ୍କ ଝିଅ | : ଭଉଣୀ |
| ଦାଦାଙ୍କର ଝିଅ | : ପିଉସୀ / ଝିଅ |
| ଶ୍ୱଶୁରର ମାଆ | : ଆଇଶାଶୁ |
| ଶ୍ୱଶୁରଙ୍କ ବାପା | : ଅଜା ଶଶୁର୍ |
| ଶାଶୁର ମାଆ | : ଆଈ ଶାଶୁ |
| ଶଶୁର ବଡଭାଇ | : ବଡୁ ଶଶୁର |
| ସାନ ଶଶୁର | : କକା ଶଶୁର |
| ଶଶୁର ବଡ଼ ଭଉଣୀ | : ଅପା ଶାଶୁ |
| ମାଉସୀ ଶାଶୁ | : ମାଉସୀ ଶାଶୁ |
| ଶାଶୁର ବାପା | : ଅଜା ଶଶୁର୍ |
| ଶାଶୁର ବଡ ଭାଇ | : ମାମୁଁ ଶଶୁର୍ |
| ଶାଶୁଙ୍କ ସାନଭାଇ | : ମାମୁଁ ଶଶୁର୍ |
| ଶାଶୁଙ୍କ ବଡ଼ ଭଉଣୀ | : ଶାଶୁର ବଡ଼ ଭଉଣୀ,ବଡେଇ ଶାଶୁ |
| ଶାଶୁଙ୍କ ସାନ ଭଉଣୀ | : ଶାଶୁର୍ ସାନ ଭଉଣୀ, ମାଉସି ଶାଶୁ |
| ଶଳାଙ୍କ ସ୍ତ୍ରୀ | : ଶଳା ବଉ / ଭଉଣୀ |
| ଶଳାର ପୁଅ | : ଭଣଜା |
| ଶଳାର ଝିଅ | : ଭାଣିଜୀ |
| ଶତ୍ରୁ | : ଶତ୍ରୁ |
| ସାନ ଶତ୍ରୁ | : ସାନ୍ ଶତ୍ରୁ |
| ପୁତୁରା | : ପୁତ୍ରା |
| ଝିଆରି | : ଝିଆରି |
| ବଡ଼ଶଶୁର | : ବଡ୍ ଶଶୁର |
| ସ୍ୱାମୀଙ୍କ ବାପାଙ୍କ ମା | : ଶ୍ୱଶୁରଙ୍କ ମା - ଆଈ ଶାଶୁ |
| ସ୍ୱାମୀଙ୍କ ମାଆଙ୍କ ବାପା | : ଶାସୁଙ୍କ ବାପା - ଅଜା ଶଶୁର |
| ସ୍ୱାମୀଙ୍କ ମାଆଙ୍କ ମାଆ | : ଶାସୁଙ୍କ ମା - ଆଇ ଶାଶ୍/ ଶାଶୁ |
| ସ୍ୱାମୀଙ୍କ  ବାପାଙ୍କ ବଡ଼ଭାଇ | : ଶ୍ୱଶୁରଙ୍କ ଭାଇ - ବଡୁ ଶଶୁର |
| ସ୍ୱାମୀଙ୍କ ବାପାଙ୍କ ସାନଭାଇ | : ଶ୍ୱଶୁରଙ୍କ ସାନଭାଇ - କକା ଶଶୁର |
| ସ୍ୱାମୀଙ୍କ ବାପାଙ୍କର ବଡ଼ ଭଉଣୀ | : ଶ୍ୱଶୁରଙ୍କ ବଡ ଭଉଣୀ - ଅପା ଶାଶ୍ |
| ସ୍ୱାମୀଙ୍କ ବାପାଙ୍କ ସାନ ଭଉଣୀ | : ଶ୍ୱଶୁରଙ୍କ ସାନ ଭଉଣୀ - ଅପା ଶାଶ୍ |

| | |
|---|---|
| ସ୍ୱାମୀଙ୍କ ମାଆଙ୍କ ବଡ଼ଭାଇ | : ଶାସୁର୍ ବଡ଼ ଭାଇ ମାମୁଁ ଶ୍ୱଶୁର |
| ସ୍ୱାମୀଙ୍କ ମାଆଙ୍କ ସାନଭାଇ | : ଶାସୁର ସାନ ଭାଇ ମାମୁଁ ଶ୍ୱଶୁର |
| ସ୍ୱାମୀଙ୍କ ମାଆଙ୍କ ବଡ଼ ଭଉଣୀ | : ଶାସୁର ବଡ଼ ଭଉଣୀ ମାମା ଶାଶୁ, ବଡାଇ ଶାଶୁ |
| ସ୍ୱାମୀଙ୍କ ମାଆଙ୍କ ସାନ ଭଉଣୀ | : ଶାସୁର ସାନ ଭଉଣୀ - ମାଉସୀ ଶାଶୁ, କାକୀ ଶାଶୁ |
| ସ୍ୱାମୀଙ୍କ ବଡ଼ଭାଇଙ୍କ ସ୍ତ୍ରୀ | : ଦେଢଶୁର  କନିଆ - ବଡ୍ ଯାଆ |
| ସ୍ୱାମୀଙ୍କ ସାନଭାଇଙ୍କ ସ୍ତ୍ରୀ | : ଦିଅରର କନିଆ - ସାନ ଯାଆ |
| ସ୍ୱାମୀ ଭାଇଙ୍କ ପୁଅ | : ଘଇତା ଭାଇର ପୁଅ - ପୁତୁରା |
| ସ୍ତ୍ରୀଙ୍କ ଭାଇଙ୍କ ପୁଅ | : ସ୍ତ୍ରୀଙ୍କର ଭାଇର ପୁଅ - ଭଣଜା |
| ସ୍ୱାମୀଙ୍କ ବଡ଼ ଭଉଣୀଙ୍କ ସ୍ୱାମୀ | : ଢେଶାଶୁର ଘଇତା - ଭାଇ |
| ସ୍ୱାମୀଙ୍କ ସାନ ଭଉଣୀଙ୍କ ସ୍ୱାମୀ | : ନଣନ୍ଦର ଘଇତା - ଭାଇ |
| ସ୍ୱାମୀଙ୍କ ଭଉଣୀଙ୍କ ପୁଅ | : ନଣନ୍ଦର ପୁଅ - ଭଣଜା |
| ସ୍ୱାମୀଙ୍କ ଭଉଣୀଙ୍କ ଝିଅ | : ନଣନ୍ଦର ଝିଅ - ଭାଣିଜୀ |
| ପୁଅଙ୍କ ପୁଅର ପୁଅ | : ନାତିର ପୁଅ - ବଡୁ ଛୁଆ |
| ପୁଅଙ୍କ ପୁଅର  ଝିଅ | : ନାତିର ଝିଅ - ବଡାଇ ଛୁଆ |
| ପୁଅଙ୍କ ସ୍ତ୍ରୀଙ୍କ ବାପା | : ପୁଅର୍ ସ୍ତରୀର ବୁଆ - ସମୁଦି |
| ପୁଅଙ୍କ ସ୍ତ୍ରୀଙ୍କ ମା | : ସୁମୁଦୁଣି |
| ପୁଅଙ୍କ ସ୍ତ୍ରୀଙ୍କ ବଡ଼ ଭାଇ | : ବଡ଼ ଜ୍ୱାଇଁ |
| ପୁଅଙ୍କ ସ୍ତ୍ରୀ ସାନ ଭାଇ | : ସାନ ଜ୍ୱାଇଁ |
| ପୁଅଙ୍କ ସ୍ତ୍ରୀଙ୍କ ବଡ଼ ଭଉଣୀ | : ପୁଅର ସ୍ତ୍ରୀର ବଡ଼ ଭଉଣୀ, ବଉ |
| ସାନ ଭାଣ୍ଡ଼ିଜ | : ଭାଣ୍ଡ଼ିଜ |
| ପୁଅଙ୍କ ଝିଅର ଝିଅ | : ନାତୁଣୀ |
| ପୁଅର ଝିଅର ପୁଅ | : ନାତିଆ |
| ପୁଅଙ୍କ ଝିଅର ସ୍ୱାମୀ | : ନାତି ଜ୍ୱାଇଁ |
| ଝିଅଙ୍କ ଝିଅର ପୁଅ | : ନାତୁଣି ଝିର ପୁଅ, ନାତି ଜ୍ୱାଇଁ |
| ଝିଅଙ୍କ ଝିଅର ପୁଅ | : ନାତୁଣି ଝିର ପୁଅ, ବଡୁ ପୁଅ |
| ଝିଅଙ୍କ ପୁଅର ଝିଅ | : ନାତି ଝିର ପୁଅର ଝି, ବଡୁ ଝିଅ |
| ଝିଅର ପୁଅର ଝିଅ | : ନାତି ଝିର ପୁଅର୍ ଝିଅ,ବଡି ଝିଅ |
| ନାତଣି | : ନାତ୍ଣି |
| ଝିଅଙ୍କ ସ୍ୱାମୀଙ୍କ ବଡ଼ଭାଇ | : ଝି'ର ଘଇତାର୍ ବଡ଼ ଭାଇ, ଜ୍ୱାଇଁ |
| ଝିଅଙ୍କ ସ୍ୱାମୀର ସାନଭାଇ | : ଝିର ଘଇତାର ସାନ୍ ଭାଇ, ଜ୍ୱାଇଁ |
| ଝିଅଙ୍କର ସ୍ୱାମୀଙ୍କ ବଡ଼ ଭଉଣୀ | : ଝିର ଘଇତାର ବଡ଼ ଭଉଣୀ,ବହୁ |
| ଝିଅଙ୍କ ସ୍ୱାମୀଙ୍କ ସାନ ଭଉଣୀ | : ଝିର୍ ଘଇତାର୍ ସାନ୍ ଭଉଣୀ, ବହୁ ଛୁଆ |

| | |
|---|---|
| ଝିଅଙ୍କ ପୁଅର ପୁଅ | : ଝିର ପୁଅର ପୁଅ, ବଢ଼ୁ ପୁଅ |
| ଝିଅ ପୁଅର ସ୍ତ୍ରୀ | : ଝି ପୁଅର ମାଇଝି, ନାତୁଣି ବହୁ |
| ଝିଅ ଝିଅର ସ୍ୱାମୀ | : ଝିର ଝିର ଘଇତା, ନାତୁଣୀ ଜ୍ୱାଇଁ |

## ପିଲା ପିଲା କଥା

| | |
|---|---|
| ତୋ ନା କ'ଣ ? : ରଘୁ | : ତର୍ ନାଁ କିସ୍ ? : ତର ନାଇଁ କିସ୍ ? : ରଘୁ |
| ତୋ ନା କ'ଣ ? : ରାମ | : ତର୍ ନାଁ କିସ୍ ? : ତର ନାଇଁ କିସ ? : ରାମ |
| ତୋ ବାପା ନାଁ ? : ଦଶରଥ | : ତର୍ ବୁଆର ନାଁ ? : ଦଶରଥ୍ |
| ସେ କ'ଣ କରନ୍ତି ? : ସେ ଚାଷୀ । | : ସିଏ କିସ୍ କରଇ ? : ସିଏ ଚଷ୍ କରଇ । |
| ତୋ ମା'ଙ୍କ ନାମ କ'ଣ ? : ରାଧା | : ତର୍ ମାଁ ନାଁ କିସ୍ ? : ରାଧା |
| ସେ କଣ କରନ୍ତି ? : ସେ ଘରେ ରହେ । | : ସିଏ କିସ କରଇ ? : ସିଏ ଘରେ ରହଇ । |
| ତୋ ଗାଁ କେଉଁଠି ? : ଲକ୍ଷ୍ମୀପୁର । | : ତର୍ ଗାଁ କୈଠି ? : ଲକ୍ଷ୍ମୀପୁର । |
| ତୁ କଣ ଖାଇଛୁ ?: ମାଣ୍ଡିଆ ଜାଉ । | : ତୁଇ କିସ୍ ଖାଇଛସ୍ ? : ମାଣ୍ଡିଆ ଜାଉ । |
| ତୁ | : ତୁଇଁ |
| ପଖାଳଭାତ | : ପଖାଲ୍ଭାତ୍ |
| ତୋ ଭାଇ,ଭଉଣୀ ସ୍କୁଲରେ ପଢେ ନା । | : ତର ଭାଇ, ଭଉଣୀ ଇସ୍କୁଲ୍ରେ ପଢନ୍ତି ନା । |
| ତୋର | : ତର୍ |
| ତତେ ଅ ଆ ଲେଖିଆସେ: ହଁ | : ତକଇ ଅ ଆ ଲେଖି ଆସଇ୍ : ହଇ |
| ନା | : ନାଇଁ |
| ତୋତେ ସାର୍ ଭଲ ଲାଗନ୍ତି ? : ହଁ ସେ ଭଲ । | : ତକଇ ସାର୍ ଭଲ୍ ଲାଗନ୍ତି ? : ହଇ ସିଏ ଭଲ୍ । |
| ତତେ କଣ ଖେଳ ଆସେ ? : କବାଡ଼ି । | : ତକଇ୍ କିସ୍ ଖେଳ ଆସଇ ? : କବାଡି । |
| ମୋତେ ସାଙ୍ଗରେ ଖେଳାଇବୁକି ? : ହଁ | : ମକଇ ସାଙ୍ଗରେଖେଳାବେକି ? : ହଇ |
| କେତେବେଳେ ଖେଳିବ ? | : କେଢେପର ଖେଲିବ ? |
| ଆଉ କିଏ ସବୁ ଖେଳିବେ ? : ରାଜୁ | : ଆରି କିଏ କିଏ ଖେଳିବାଇ ? : ରାଜୁ |
| ତୋର କଲ୍‌ଗେଟ୍ ଅଛିକି ? | : ତୋର୍ କଲ୍‌ଗେଟ୍ ଆଛିକି ? |

## ବୁଆ ମାଆର୍ କଥାବାର୍ତ୍ତା

| | |
|---|---|
| ମାଁ : କଣ ପାଇଁ | : କିସ୍ କଇ |
| ବା : ବାରିକ ଆଇଛି | : ବାରିକଟା ଆସିଛି। |
| ମା : କଣ ପାଇଁ ଆସିଛି | : କିସ୍ କଇ ଆସିଛି । |
| ବା : ସେ ବଢ଼ ନେବାକୁ | : ସେ ବଢ଼ ନେବାରେ |
| ମା : ନାହିଁ ସେ ନେଇଛି | : ନାଇ ସିଏ ନିଛିନେ |
| ବା : ଅନ୍ୟବାଡ଼ ଦେବା | : ଅଲ୍ ଗାବାଡ ଦେବା |

| | |
|---|---|
| ମା : ମୁଁ ଜାଣିନି | : ମୁଇଁ ନାଁଜାଣି |
| ବା : ଗାଁ ବାରିକ ପରା | : ଗାଁ ବାରିକଟା ପରାଇ |
| ମା : କିଏ ହେଉ | : କିଏ ହେଉ |
| ବା : ପିଲା ପାଇଁ ପୂଜା ଅଛିପରା । | : ଛୁଆଟାର ଲାଗି ପୂଜା ଆଛି ପରାଇ । |
| ମା : ହେଉ ତୋର ଚିନ୍ତା କାହିଁକି ? | : ହଉ ତର୍ ଚିନ୍ତା କିସ୍‌କଇ ? |
| ବା : ଅଦା, ହଳଦୀ, ସପୁରୀ, ଧାନ, ମରିଚ | : ଅଦା, ହଳ୍‌ଦୀ, ସପୁରୀ, ଧାନ୍, ମରଚି |
| ମା : ମୁଁ ଜାଣେ ପାରିବା | : ମୁଁଇ ଜାଣଇଁ ପାର୍‌ବା |
| ବା : ପାରିବା ନାହିଁ | : ନା ପାରଅଇଁ / ପାରିବା ନାଇଁ |
| ମା : ଦୁହେଁ ଯିବା | : ଦିହେଁ ଯିଆ |
| ବା : ମୁଁ ପରା କାଠ ହାଣିବି | : ମୁଁଇ ପରାଇ କାଠ୍ ହାଣିବି |
| ମା : ପିଲା ଧରିବି ନା କାମ କରିବି । | : ମୁଇଁ ଛୁଆ ଧେର୍‌ବି ନା କାମ କରିବି । |
| ବା : ଯାଆ, ହାଟକୁ | : ହାଟ୍‌କଇ ଯା |
| ମା : ହାଟ ଥାଉ ମୁଁ ପାରିବି ନାହିଁ | : ହାଟ୍ ଥାଉ ମୁଁ ନା ପାରଇଁ |
| ବା : ବେଶି ଗରିବ ମାଇକିନା | : ବଡ଼େ ଗରିବ ମାଇକିନା |
| ମା : ତୁ ବେଶି ଭଲ ଅଣ୍ଡରା | : ତୁଇ ବଡେ ଭଲ ଅଣ୍ଡିରାଟା |
| ବା : ବେଶି କଥା କହନି ଯା | : ଜବରକଥା ନା କହୁ ଯା |
| ମା : ତୁ ଚୁପ ଥାଆ | : ତୁଇ ଚପ୍ ହେଇଥା |
| ବା : ଚୁପ ତ ଅଛି | : ଚପ୍ ତା ଆଛଇଁ |
| ମା : ଆସଲୋହୁଣ୍ଡି ଜଙ୍ଗଲ ଯିବା | : ଆସଲୋହୁଣ୍ଡି ଜଙ୍ଗଲ ଯିବ ହେନେ |
| ବା : ଭଉଣୀ ଜଙ୍ଗଲ ଯିବୁ | : ଭଉଣି ଜଙ୍ଗଲ୍ ଯିବେକି |
| ମା : ମା ସହିତ ଯିବ | : ମା ସାଙ୍ଗେ ଯିବେ |
| ବା : କାଲି ହାଟରୁ ଶୁଖୁଆ ଆଣିବା | : କାଲକଇ ହାଟରୁଁ ଶୁଖୁଆ ଆଣିମା |
| ମା : ବେଶି ମନ କରୁନା | : ଜୋର ମନ୍ କର୍‌ନା |
| ବା : ମୁଁ ପତର ଆଣିବି | : ମୁଇଁ ପତର୍ ଆଣ୍‌ମି |
| ମା : ହେଲେ ମୁଁ ଯାଉଛି | : ହେଲେ ମୁଁଇ ଯାଉଛଇଁ |
| ବା : ଦୁଆର ବନ୍ଦ କର | : ଦୁଗାଲି୍ ବନ୍ଦ କର |
| ମା : ଟାଙ୍ଗିଆ ଧରିଲୁ କି | : ବୁଢିଆ ଧଇଲେ କି ? |
| ବା : ନାହିଁ କାଟି ଟାଙ୍ଗିଆ ଆଣିଦେ | : ନାଇଁ କାଟି ବୁଢିଆ ଆଣିଦେ |
| ମା : ଯା ଆଣିଯା | : ଯା ଆଣ୍‌ଯା |
| ବା : ତତେ ନମସ୍କା ବାପା | : ବୁଆ ତକଇ ଜୁହାର୍ |

## ଶିକ୍ଷକ ଅଭିଭାବକ (ମାଷ୍ଟର୍ ଆଉ ଛୁଆର ମା’ ବୁଆ)

| | |
|---|---|
| ଶି : ବଡ୍ଡବାବୁ ଭଲ । | : ଭଲ୍ ବଡ୍ଡବାବୁ । |
| ଅ : ନମସ୍କାର ଆଜ୍ଞା । | : ଜୁହାର୍ ଆଜ୍ଞା । |
| ଶି : ଗାଁ ଖବର କେମିତି ? | : ଗାଁ ଖବର କେମନ୍ତ୍ ? |
| ଅ : ସେମିତି ଆଜ୍ଞା । | : ସିମିତି ଆଜ୍ଞା । |
| ଶି : ତୁମର ଚାଷ ଭଲ ହୋଇଛି ? | : ତୁମର୍ ଋଷ ଭଲ ହେଇଛି / ହିଛି ? |
| ଅ : ନାହିଁ ଆଜ୍ଞା । | : ନାଇଁ ଆଜ୍ଞା । |
| ଶି : କଣ ହେଲା ପିଲା ଆସିଲା ନାହିଁ ? | : କିସ୍ କଇ ପିଲାଟା ନାଁ ଆସିଲା ? |
| ଅ : ପିଲାକୁ ଝାଡ଼ା ଆଜ୍ଞା । | : ପିଲାଟାକଇ ଆଜ୍ଞା ଝାଡା ଧେରିସି । |
| ଶି : ଔଷଧ ଦେଲ କି ? | : ଉଷଦ୍ ଦେଲ କି ? |
| ଅ : ଡାକ୍ତର ଖାନାକୁ ନେଲି । | : ଡାକତର ଖାନାକଇ ନେଲ । |
| ଶି : କେତେ ଦିନ ହେଲା ? | : କେତେଦିନ୍ ହେଲାନେ ? |
| ଅ : ୭ ଦିନ ହେଲା । | : ସାତ୍ (୭) ଦିନ ହେଲାବେ । |
| ଶି : ଏବେ ଭଲ ଅଛି ? | : ଇଲାଗେ ଭଲ୍ ଆଛି ? |
| ଅ : ଟିକେ ଟିକେ ଭଲ । | : କଟିଏ କଟିଏ ଭଲ୍ ଆଛି । |
| ଶି : ହେଲେ ପରୀକ୍ଷା ଅଛି ? | : ହେଲେ ପରୀଖା ଆଛି ? |
| ଅ : କଣ କରିବା ଆଜ୍ଞା ? | : କିସ୍ କରିବା ଆଜ୍ଞା ? |
| ଶି : ତାର ଡାକ୍ତର ସାର୍ଟିଫିକେଟ ଲୋଡା । | : ତାର୍ ଡାକତର୍ ସାର୍ଟିଫିକେଟ୍ ଦରକାର୍ । |
| ଅ : ତୁମ୍ଭେ ଚେଷ୍ଟା କରିବ ଆଜ୍ଞା । | : ତମେ ଚେଷ୍ଟା କରବେ ଆଜ୍ଞା । |
| ଶି : ଦେଖିବା ଚେଷ୍ଟା କରିବା । | : ଦେଖିବା ଚେଷ୍ଟା କର୍‌ବା । |
| ଶି: ରବିର ବାପାଙ୍କୁ କହିବ । | : ରବିର୍ ବୁଆକେ କହିବେ । |
| ଅ : କଣ ପାଇଁ ଆଜ୍ଞା ? | : କିସ୍ କଇ୍ ଆଜ୍ଞା,କିସ୍‌ଲାଗି ଆଜ୍ଞା ? |
| ଶି : ଆମ ବହିରେ ଦସ୍ତଖତ କରିବ । | : ଆମର ବହିରେ ଦସ୍ତଖତ୍ କରିବାକ୍ । |
| ଅ: ସେ ଅନ୍ୟ ଗାଁକୁ ଯାଇଛି । | : ସେ ପର ଗାଁକୁ ଯାଇସି । |
| ଶି : ତାର ସ୍ତ୍ରୀଙ୍କୁ ଡାକିଦିଅ । | : ତାର କନିଆକେ ଡାକି ଦେଅ । |
| ଅ: ସେ ଟିପ ମାରିବ । | : ସିଏ ଟିପ ମାରିୟାକ୍ । |
| ଶି: ହଁ ଚଳିବ । | : ହଇ ଚଳିଆକ୍ । |
| ଅ: ନୂଆ ଆଜ୍ଞା ଆସିଛନ୍ତି । | : ନୂଆଁ ଆଜ୍ଞା ଆସିଛନ୍ତି । |
| ଶି: ଆସିବେ ନୂଆରେ । | : ଆସବେ ନୂଆ । |
| ଅ: ହେଲେ ଆମେ କଣ କରିବୁ ? | : ହେନେ ଆମେ କିସ୍ କରମୁଁ ? |
| ଶି : ସମସ୍ତେ ରହିବାକୁ ହେବ । | : ସଭିଏଁ ରହିବା କଇ ହେବାକ୍ । |
| ଅ : କଣ କହିବେ ଶୁଣିବା ? | : କିସ୍ କହିୟାକ୍ ଶୁଣିମା ? |

ଶି : ଗାଁରି ସ୍ତ୍ରୀ କେତେ ଜଣଥିବ ? : ଗାଁରି କେତେ ମାଇକିନା ଥିବାଇ ?
ଅ : ସ୍ତ୍ରୀ ଲୋକ ମଧ୍ୟ ବୁଝିବେ । : ବହୁନା ମଧ୍ୟ ବୁଝିବାଇ ।
ଶି : ତେଣୁ ଗାଁ ସଫା କରିବ । : ତେବେ / ହେଣୁ ଗାଁ ସାଫା କରିବ ।
ଅ: ଗାଁ ପିଲାମାନଙ୍କୁ ଠିକ୍ କରିବା । : ଗାଁ ପିଲାକାକଇ ଠିକ୍ କର୍‌ବା ।
ଶି: ଆମ ଗାଁ ସ୍କୁଲ ସୁନ୍ଦର କରିବା । : ଆମର ଗାଁ ଇସ୍କୁଲ ନିକ କରିବା ।
ଅ : ହଁ ଆଜ୍ଞା । : ହଇ ଆଜ୍ଞା ।

## ଶିକ୍ଷୟତ୍ରୀ ଛାତ୍ରୀ ମଧ୍ୟରେ କଥୋପକଥନ

ତୋର ନା ? : ତର୍ ନାଉଁ ?
ମୋର ନାମ ସୁନ୍ତି । : ମୋର୍ ନାଉଁ ସୁନ୍ତି ।
ତୁମ ଗାଁର ନା କ'ଣ ? : ତୁମର୍ ଗାଁର ନାଉଁ କିସ୍ ?
ତୁମ ବାପା କଣ କରୁଛି ? : ବାପ ତର୍ କିସ କରୁଛି ?
ତୁମର କେତେ ଭଉଣୀ ? : ଭଉଣୀତର୍ ମାନ କେତେ ?
ତୁମ ସାନ ଭଉଣୀର ନାମ ? : ସାନ ଭଉଣୀତର୍ ର ନାଉଁ କିସ୍ ?
ତୁମ ସ୍କୁଲର ନାମ ? : ତମର୍ ଇସକୁଲର ନାଉଁ ?
ନିୟମଗିରୀ ସ୍କୁଲ । : ନିୟମଗିରି ଇସ୍କୁଲ ।
ପୁଅ ଆଉ ଝିଅ କେତେ ? : ପୁ,ଝି କେତେ ?
ଶି: ଏ ସୁନ୍ତି । : ସୁନ୍ତିବେଇ ।
ପି: କଣ ଦିଦି ? : କିସ୍ ଦିଦି ?
ଶି : ଭଲ ପଢୁଛୁ ? : ଭଲ୍ ପଢଛସି ?
ପି: ହଁ ଦିଦି । : ହଇ ଦିଦି ।
ଶି: ତୋ ମାଙ୍କ ନାମ କ'ଣ ? : ମାଁତର ନାଉଁ କିସ୍ ?
ପି: ସମ୍ବାରୀ ଗୁରୁମା । : ସମ୍ବାରୀ ଗୁରୁମାଁ ।
ଶି: ତୋର ମାମୁଘର କେଉଁଠି ? : ମାମୁତର ଘର୍ କେଁଠି ?
ପି: ଫୁଲଝର : ଫୁଲ୍‌ଝର
ଶି: ସେ ଗାଁରେ କଣ କଣ ମିଳେ ? : ସେ ଗାଁରେ କିସ୍ କିସ୍ ମିଳଇ ?
ପି: ମୋ ମାମୁ ଗାଁରେ ଲିଚୁ ମିଳେ । : ମର୍ ମାମୁ ଗାଁରେ ଲିଚୁ ମିଳଇ ।
ଶି: ବେଶି କମଳା ଗଛ ଅଛିକି ? : ଢ଼ୁର କମଳା ଗଛ୍ ଆଛକି ?
ପି: ହଁ ଗୁରୁମା । : ହଇ ଗୁରୁମା ।
ଶି : ତୁମର କେତେ ଜଣ ଗୁରୁମା ? : ତମର କେତେଝଣ ମାଷ୍ଟରାଣୀ ଆଛର୍ ?
ପି: ଆମର ୪ ଜଣ ଗୁରୁମା । : ଆମର ୪ ଝଣ ମାଷ୍ଟରାଣୀ ।
ଶି: କେତେଟି ଘର ? : କେତେଟା ଘର୍ ?
ପି: ୨ଟି ଘର । : ୨ଟା ଘର୍ / ଦୁଇଟା ଘର୍ ।

| | |
|---|---|
| ଶି: ତୁମ ସ୍କୁଲରେ କଣ ଦେଉଛନ୍ତି ? | : ତମର୍ ଇସ୍‌କୁଲରେ କିସ୍ ଦେ'ଛନ୍ତି ? |
| ପି: ବହି, ଖଡ଼ି, ପେନ୍‌ସିଲ । | : ବହି, ଖଡି, ପେନ୍‌ସିଲ୍ । |
| ଶି: ଏ ବର୍ଷ କେତେ ଜଣ ପିଲା ? | : ଏସୁଁ କେତେ ଝଣ ପିଲା ? |
| ପି: ୩ ଜଣ ନୂଆରେ ଗଲେ । | : ୩ ଝଣ ନୂଆରେ ଗଲାଇ୍ । |
| ଶୀ : ଆଉ ପିଲା ଅଛନ୍ତି ? | : ଆଉ ପିଲା ଆଛନ୍ତ୍ ? |
| ପି: ହଁ ଗୁରୁମା । | : ହଇ ଦିଦି । |
| ଶି : ସେ ରିନା ସାଙ୍ଗ କହୁଛି । | : ସିଏ ରିନାର ସାଙ୍ଗ କହଛନ୍ତ୍ । |
| ପି: ଗୁରୁମା କହୁଛନ୍ତି ଯେ । | : ମାଷ୍ଟରାଣୀ କହଛନ୍ତି ପରାଇ । |
| ଶି: ସେମାନେ ବୁଝିବା ଲୋକ । | : ସିଏ ବୁଝିଆ ଲକ୍ । |
| ପି: ହଁ ଦିଦି ତାଙ୍କ ଘରେ । | : ହଇ ମାଷ୍ଟରାଣୀ ତାଙ୍କର ଘରେ । |
| ଶି: ଆଉ କଣ । | : ଆଉ କିସ୍ । |
| ପି: ଆଉ କିଛି ନାହିଁ ଗୁରୁମା । | : ଆଉ କିଛି ନାଇଁ ଦିଦି । |
| ଶି: ଯିବି । | : ଯିବି / ଯିଇ |
| ପି: ହଁ ଯାଆନ୍ତୁ ଗୁରୁମା । | : ହଇ ଯାଅ ଗୁରୁମା । |

## ଶିକ୍ଷକ ପିଲା (ମାଷ୍ଟର୍ ପିଲା)

| | |
|---|---|
| ଶି: ପିଲାମାନେ | : ପିଲାମାନେ |
| ପି: ଆଜ୍ଞା | : ଆଜ୍ଞା |
| ଶି: ତୁମ ପର୍ବତର ନାମ କ'ଣ ? | : ତୁମର୍ ପରବତର୍ ନାଁ କିସ୍ ? |
| ପି: ଖଣ୍ଡାଧାର । | : ଖଣ୍ଡାଧାର୍ । |
| ଶି: ଗାଁର ଝରଣା ନାମ ? | : ଗାଆଁର ଝରନାର୍ ନାଇଁ ? |
| ପି: ଗଦଗଦା ଝରଣା । | : ଗଦ୍‌ଗଦା ଝରନା । |
| ଶି: କଣ କଣ ପୂଜା କରୁଛ ? | : କିସ୍ କିସ୍ ପୂଜା କରଛ ? (କି,କି ପୂଜା କରଛ) |
| ପି: ମାଟିକୁ ପୂଜା କରୁଛୁ । | : ମାଟିକଇ ପୂଜା କରଛୁ । |
| ଶି: ବଡ଼ ପୂଜା କଣ ? | : ବଡ଼ ପୂଜା କିସ୍ ? |
| ପି: ଧରଣୀ ପୂଜା । | : ଧରଣୀ ପୂଜା । |
| ଶି: ପୂଜା ପାଇଁ ଆଣିଛ କଣ ? | : ପୂଜାରଲାଗି ଆଣିଛ କିସ୍ ? |
| ପି: ନଡ଼ିଆ, କଦଳୀ । | : ନଡ଼ିଆ, କଦଲୀ । |
| ଶି: ଖଣ୍ଡାଧାର | : ଖଣ୍ଡାଧାର୍ |
| ପି: ପାହାଡ଼ର ନାମ | : ପାହାଡ଼ର ନାଇଁ |
| ଶି: ସେଠାରେ କଣ ମିଳେ ? | : ସେଠି କିସ୍ ମିଳଇ ? |
| ପି: ଔଷଧ, ଫଳ, ମୂଳ । | : ଉଷଦ୍, ଫଳ୍, ମୂଳ୍ । |
| ଶି: ମେରିଆ ପର୍ବ କ'ଣ ? | : ମେରିଆ ପରବ୍ କିସ୍ ? |

| | |
|---|---|
| ପି: କନ୍ଧଙ୍କ ବଡ଼ ପର୍ବ | : କନ୍ଧକାର ବଡ଼ ପରବ୍ |
| ଶି: ଚୈତ୍ର ମାସରେ | : ଚଇତ୍ ମାସ୍‌ରେ |
| ପି: ବିହନ ପର୍ବ | : ବିହନ ପରବ |
| ଶି: ଡ଼ାକ୍ତର ଦେଖୁଛ | : ଡାକତର ଦେଖିଛ |
| ପି: ଔଷଧ ଦେଉଥିଲେ | : ଉଷଦ୍ ଦେଥିଲାଇ |
| ଶି: ଟଙ୍କେକୁ ଔଷଧ ଦେବା ଆଜ୍ଞା | : ଟଙ୍କେକୁ ଅଷଧ୍ ଦେବା ଆଜ୍ଞା |
| ପି: ମତେ ମଧ ଦେଖୁଲେ | : ମକଇ ହିଁ ଦେଖୁଲାଇ |
| ଶି: ବାମପଟେ ଯିବା | : ସେପାର୍ ବାଟେ ଯିଆ / ଡେବେରି ଆଡେ ଯିଆ |
| ପି: କାହିଁକି | : କିଲାଗି |
| ଶି: ଛକ ରାସ୍ତା ଦେଖୁଛୁ | : ଛକ ବାଟ୍ ଦେଖଛସ୍ |
| ପି: ଚାରି ପଟର ରାସ୍ତା | : ଚରି ପାଖର୍ ରାସ୍ତା, ସବୁଆଡେ ରାସ୍ତା |
| ଶି : ରାସ୍ତାରେ ଲାଇଟ୍ ଜଳୁଥାଏ | : ରାସ୍ତାକଇ ଲାଇଟ୍ ଜଳଥାଏ |
| ପି: ଭୁବନେଶ୍ୱର ଠାରେ ଦେଖୁଛୁ | : ଭୁବନ୍‌ଶର୍ ଠାଣେଁ ଦେଖୁଛୁଁ |
| ଶି: କାହିଁକି ଜଳିଥାଏ | : କିଲାଗି ଜଳଥାଇ/ କିସ୍‌କଇ ଜଳଥାଇ |
| ପି: ବଡ଼ ବଡ଼ ସହର | : ମେରୁ ମେରୁ ସହର୍ |
| ପି: ହଁ ବଙ୍କା ଟଙ୍କା | : ହଇ ବାଙ୍କ୍ ଟାଙ୍କ୍ |
| ଶି: ଟିକେଟ ଦେବା ଘର | : ଟିକଟ୍ ଦେବାର ଘର୍ |
| ପି: ରେଳ ଷ୍ଟେସନ | : ରେଲ୍ ଟେସନ୍ |
| ଶି: ଷ୍ଟେସନ ମାଷ୍ଟ୍ର | : ଟେସନ୍ ମାଷ୍ଟର୍ |
| ପି: କଲିକତା ସହର | : କଲିକତା ସହର୍ |
| ଶି: ଆଶା ଦିଦି | : ଆଶା ଦିଦି |
| ପି: ଗାଁର ଭଲ ମନ୍ଦ ବୁଝେ | : ଗାଁରି ଭଲ୍ ମନ୍ଦ୍ ବୁଝଇ |
| ଶି: ଅଙ୍ଗନବାଡ଼ି ଦିଦି | : ଅଙ୍ଗନବାଡ଼ି ମୁଖ୍ୟରାଣୀ |
| ପି: ପିଲାଙ୍କୁ ଖାଦ୍ୟ ଦିଏ | : ଛୁଆ ମାନକଇ ଖାଇଦ ଦିଅଇ |

## ଶିକ୍ଷକ ଅଭିଭାବକ (ମାଷ୍ଟର୍ ଅଭିଭାବକ)

| | |
|---|---|
| ଆସ | : ଆଇ |
| ତୁମ ନାମ | : ତର୍ ନାମ୍ |
| ନିଦୁର | : ନିଦୁରୁ |
| ମୁଁ ରାମର ବାପା | : ମୁଁଇ ରାମର ବୁଆ, ବୁୱା |
| ତୁମର ନାମ | : ତର୍ ନାମ୍ |
| ମୋର ନାମ | : ମର୍ ନାଇଁ |
| ତୁମ ଗାଁ | : ତମର୍ ଗାଁ |

ଗୋବିନ୍ଦ ପଲ୍ଲୀ : ଗୋବିନ୍ଦ୍ ପଲ୍ଲୀ
ମୁଁ ଚାଷ କରେ : ମୁଁଇ ଚାଷ୍ କରଇ
ମୋର ଜମି ବାଡ଼ି ଅଛି : ମର ଜମିବାଡି ଆଛି
ନା : ନାଇଁ
କିମିତି ଗୁଜରାଣମେଂଟାଅ ? : କେମନ୍ତ ଘର୍ ଚଲାଅ ?
କୁଲିକରି : ମଜୁରି କରି
ଚାକିରୀ : ଚାକିରୀ
ଭାଗଚାଷ : ଭାଗ୍‌ଚାଷ୍
କାହାଠାରୁ ଭାଗନିଅ : କାହାର୍ ଠାଣୁଁ ଭାଗନେଅଁ
ବରଜ ପ୍ରଧାନ : ବରଜ୍ ପ୍ରଧାନ୍
କେତେ ଜମି ଚାଷ କରୁଛ ? : କେତ୍‌ଟା ଜମି ଚାଷ୍ କରୁଛସି ?
୨ ଏକର : ୨ ଏକର୍ / ଦୁଇ ଏକର୍
କଣ କଣ ଚାଷ କରୁଛ ? : କିସ୍ କିସ୍ ଚାଷ କୁରଛସ୍ ?
ଧାନ ଆଉ ମୁଗ । : ଧାନ୍ ଆଉ ମୁଗ୍ ।
ନିଜର ବଳଦ ଅଛିକି ? : ନିଜର ହଳିଆ ଆଛିକି ?
ନାଁ, ଭଡାରେ ଆଣେ । : ନାଇଁ, ଭଡ଼ାରେ ଆଣଇଁ ।
ଦିନକୁ ୨୦ ଟଙ୍କା : ଦିନ୍‌କଇ କୁଡିଏ ଟଙ୍କା
ରାସାୟନିକ ସାର ବ୍ୟବହାର କରୁଛନ୍ତି କି ? : ରାସାୟନିକ୍ ସାର୍ ବେଭାର କରୁଛ କି ?
ହଁ ସରକାରଙ୍କ ଠାରୁ ଯାହା ମିଳେ । : ହଇ ସରକାରଠୁ ଯାହା ମିଳଇ ।
କୀଟନାଶକ କ'ଣ ବ୍ୟବହାର କରୁଛନ୍ତି ? : ପକ୍ ମାରୀ କିସ୍ ବେଭାର କରଛନ୍ତ୍ ?
ବଜାରୁ ମିଳୁଥିବା କୀଟନାଶକ : ହାଟ୍‌ରୁ ମିଳୁଥିଆକ୍ ବିଶ୍
ଚାଷରେ ଘର ଚାଲୁଛି । : ଚାଷରେ ଘର୍ ଚାଲଛି ।
ନା : ନାଇଁ
ତାହାଲେ ଆଉ କଣ କରନ୍ତି ? : ତେବେ ଆଉ କିସ୍ କରନ୍ତ୍ ?
କାଠ ବିକ୍ରି କରେ : କାଠ୍ ବିକ୍‌ରି କରଇଁ
କେଉଁଠୁ ଆଣ : କେଁଠୁ ଆଣ
ଜଙ୍ଗଲରୁ : ବଣ୍‌ରୁ
ଆପଣ କଣ କରନ୍ତି ? : ଆପଣ୍ କିସ୍ କରନ୍ତି ?
ମୁଁ ଘର କାମ କରେ । : ମୁଇଁ ଘର୍‌କାମ୍ କରଇଁ ।
ତୁମ ଗାଁରେ କେତେଲୋକ ? : ତୁମର୍ ଗାଁରେ କେତେ ଲକ୍ ?
୨୫-୩୦ ଘର : ୨୫-୩୦ ଘର୍
ଅଧିକାଂଶ ଚାଷ କାମ କରନ୍ତିକି ? : ଅଧାଲୋକ୍ ଚାଷକାମ୍ କରନ୍ତ୍ କି ?
ନା : ନାଇଁ

| | | |
|---|---|---|
| ତାହାହେଲେ କଣ କରନ୍ତି ? | : | ତେବେ କିସ୍ କରନ୍ତି ? |
| କେତେ ମଜୁରୀ କରନ୍ତି ଆଉ କେତେକ ଚାଷ କରନ୍ତି । | : | ଅଧା ମଜୁରୀ କରନ୍ତି ଆଉ ଅଧା ଚାଷ୍ କରନ୍ତ । |
| ନିଜର ଘର ଅଛିକି ? | : | ନିଜର୍ ଘର୍ ଆଛିକି ? |
| ହଁ | : | ହଇ |
| କେତେ ବଖରା ? | : | କେତେ ବଖରା ? |
| ୨ ବଖରା | : | ୨ ବଖରା |
| ଝାଟିମାଟି ଘର ଆଜ୍ଞା । | : | ଝାଟି ମାଟି ଘର୍ ଆଜ୍ଞା । |
| ବି.ପି.ଏଲ୍ କାର୍ଡ କରିଛନ୍ତି କି ? | : | ବି.ପି.ଏଲ୍. କାର୍ଡ୍ କରିଛନ୍ତ୍ କି ? |
| ନାହିଁ ସାରେ ଆମେ ମୁରୁଖଲୋକ । | : | ନାଇଁ ସାରେ ଆମେ ମୁରୁଖ୍ ଲୋକ୍ । |
| ବିପିଏଲ୍ କହିଲେ କଣ ? | : | ବିପିଏଲ୍ କହିନେ କିସ୍ ? |
| ଗାଁରେ ନଳକୂଅ ଅଛି | : | ଗାଁରେ ଟାଙ୍କି ଆଛି |
| ହଁ | : | ହଇ |
| ରୋଗହେଲେ କେଉଁଠି କି ଯାଅ ? | : | ରୋଗ୍ ହେଲେ କେଁ ଠିକି ଯାଅ ? |
| କବିରାଜ ପାଖକୁ ଯାଉ | : | ବଇଦ ପାସକଇ ଯାଉଁ |
| ରାମକୁ କାହିଁକି ପାଠ ପଢ଼ାଇଲା ନାହିଁ ? | : | ରାମକୁ କି ଲାଗି ନାଁ ପାଠ୍ ପଢ଼ାଲାଏଁ ? |
| ପାଠପଢ଼ି ବଡ଼ ହାକିମ ହେବ । | : | ପାଠ୍ ପଢ଼ି ମେଲ୍ଲୁ ହାକିମ୍ ହେବାକ୍ । |
| ରାମର ଭାଇ ଭଉଣୀ ପାଠ ପଢୁଛନ୍ତି କି ? | : | ରାମର୍ ଭାଇ୍ ଭଉଣୀ ପାଠ୍ ପଢଛନ୍ତ୍ କି ? |
| ବା | : | ବୁଆ, ବୁଗ୍ଧା |
| କଣ ପାଇଁ ? | : | କିସ୍ କଇ ? |
| ବୟସ ହୋଇନି । | : | ବୟସ୍ ନାଁହେଇ । |
| ରାମ କଣ ଭଲ ପଢୁନି ? | : | ରାମ୍ କିସ୍ କଇ ଭଲ୍ ନା ପଢଇ ? |
| ହଁ ସେ ଆହୁରି ଭଲ ପଢ଼ିବ । | : | ହଇ ସିଏ ଆହୁରି ଭଲ୍ ପଢ଼ିଆକ୍ । |
| ସେ ସବୁବେଳେ ସ୍କୁଲ ଆସିବ । | : | ସିଏ ସଦାବେଳେ ଇସ୍କୁଲ ଆସିଆକ୍ । |
| କଣ ପାଇଁ ସବୁବେଳେ ସ୍କୁଲ ଆସୁନି ? | : | କିସ୍ କଇ ସଦାବେଳେ ଇସ୍କୁଲ ନାଁ ଆସଇ୍ ? |
| ତାର ଦେହ ଭଲ ରହୁନି । | : | ତାର୍ ଦେହ ଭଲ୍ ରହଇ ନାଇଁ । |
| ତାର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅ । | : | ତାର ଦେହେଟାର ଲାଗି ଯତନ୍ ନେଅ । |
| ଉତ୍ତମ ଖାଦ୍ୟ ସହ ବ୍ୟାୟାମ ମଧ୍ୟ କରନ୍ତି । | : | ଭଲ୍ ଖାଇଦ ସାଙ୍ଗ୍‌ରେ ବ୍ୟାମ୍ କରନ୍ତ୍ । |
| ହଁ ଆଜ୍ଞା । | : | ହଉ ଆଜ୍ଞା । |
| ଖାଦ୍ୟ ଓ ବହି ମିଳୁଛି ନେଇ ଯାଆନ୍ତୁ । | : | ଖାଇଦ ଆଉ ବହି ମିଳଛି ନି ଯାଅ । |
| ଏହାଛଡ଼ା ଟଙ୍କା କ'ଣ ମିଳୁଛି କି ? | : | ଇଳା ଛଡା ଟଙ୍କା ମିଳଛି କି ? |
| ନାହିଁ । | : | ନାଇଁ । |
| ରାମଟା ଦୁଷ୍ଟ ଟିକିଏ ଦେଖିବେ । | : | ରାମଟା ଖେଁଚଳ କଟିଏ ଦେଖଥିବେ । |
| କିଛି ବ୍ୟସ୍ତ ହେବାର ନାହିଁ । | : | କିଛି ଛାନିଆଁ ହେବାର୍ ନାଇଁ । |
| ଏଥର ଆସୁଛି, ନମସ୍କାର । | : | ଇଥର ଆସଇଁ, ଜୁହାର୍ । |

## ଶିକ୍ଷକ ଓ ପିଲା ମଧ୍ୟରେ କଥୋପକଥନ (ମାଷ୍ଟର୍ ଛୁଆଗା ଭିତ୍‌ରେ କଥାବାର୍ତ୍ତା)

| | |
|---|---|
| ନାମ କଣ | : ନାଁ କିସ୍ |
| ରାମ | : ରାମ୍ |
| ବାପାଙ୍କର ନାମ | : ବୁଆର ନାଉଁ |
| ଦଶରଥ | : ଦଶରଥ୍ |
| ମାଁଙ୍କ ନାମ | : ମା'ର୍ ନାଉଁ |
| ରାଧା | : ରାଧା |
| ବାପା କଣ କରନ୍ତି ? | : ବାପା କିସ୍ କରନ୍ତ୍ ? |
| ଋଷ | : ଋଷ୍ |
| ମାଁ | : ମାଁ |
| ପଟି ବୁଣନ୍ତି | : ପଟିଆ ଗନ୍ଥନ୍ତି |
| ତୋ ବୟସ କେତେ ? | : ତକର କେତେ ବୟସ ହେୟାକ୍ ? |
| ଚୁପ୍ ରହିବା | : ଚପ୍ ରହିଆ |
| କେମିତି ଆସିଲୁ ? | : କେମନ୍ତ୍ କରି ଆସିଲେ ? |
| ବାପା ସାଙ୍ଗରେ । | : ବୁଆ ସାଙ୍ଗରେ । |
| କଣ ଖାଇଛ ? | : କିସ୍ ଖାଇଛସି ? |
| ପଖାଳ ଭାତ । | : ପଖାଲ୍ ଭାତ୍ । |
| ତୋ ଘରେ ଆଉ କିଏ ଅଛି ? | : ତର୍ ଘରେ ଆଉ କିଏ ଆଛି ? |
| ଭାଇ ଭଉଣୀ | : ଭାଇ ଭଉଣୀ |
| କେତେଟି ଭାଇ ଭଉଣୀ ? | : କେତେ ଝଣ ଭାଇ ଭଉଣୀ ? |
| ଦୁଇ ଭାଇ ତିନି ଭଉଣୀ | : ଦୁଇ ଭାଇ ତିନ୍ ଭଉଣୀ |
| ସେମାନଙ୍କ ନାମ କଣ ? | : ତାଙ୍କର୍ ନାଉଁ କିସ୍ ? |
| ସେମାନେ କଣ କରନ୍ତି ? | : ସେମାନେ କିସ୍ କରନ୍ତ୍ ? |
| ବଡ଼ଭାଇ କାମ କରୁଛି ଆଉ ସବୁ ଘରେ ଅଛନ୍ତି । | : ବଡ଼ଭାଇକ କାମ୍ କରଛି ଆଉରଲା ଯେସବୁ ଘରେ ଆଛନ୍ତ୍ । |
| ସେ କଣ କରୁଛି ? | : ସିଏ କିସ୍ କରଛି ? |
| କାଠ ହାଣେ | : କାଠ୍ ହାଣଇଁ |
| ଗୋବିନ୍ଦ ପଲ୍ଲୀ | : ଗୋବିନ୍ଦ୍ ପଲ୍ଲୀ |
| ପାଠ ପଢ଼ିବୁ କି ? | : ପାଠ୍ ପଢ଼ିବେକି ? |
| ହଁ | : ହଉ |
| ଚାଲ ପଢ଼ିବା | : ଋଲ୍ ପଢ଼ିବା |
| ଏହିଘରେ ତୁ ପଢ଼ିବୁ । | : ଇ ଘରେ ତୁଇଁ ପଢ଼ିବେ । |
| ତା ନା କ'ଣ ? | : ତାର୍ ନାଉଁ କିସ୍ ? |

ରଘୁ : ରଘୁ

ରଘୁ ରାମକୁ ଜାଣିଛୁ । : ରଘୁ ରାମକଇ ଜାଣଛସି୍ ।

ହଁ : ହଇ

ଆଜି ପଢ଼ିବା ଅ ଆ : ଆଜି୍ ପଢ଼୍ବା ଅ, ଆ

କଳାପଟାକୁ ଦେଖ । : କଳାପଟାକି ଦେଖ୍ ।

ଏଇଟା କଣ କହିଲ ଦେଖି ? : ଏଟା କିସ୍ କଭ ଦେଖିଆ ?

କ'ଣ ସାର୍ ? : କିସ୍ ଆଜ୍ଞା ?

ଏଇଟା ଅ : ଏଟା ଅ / ଇଟା ଅ

ପାଣି ପିଇବି ସାର୍ । : ପାଣି ପିଇବି ଆଜ୍ଞା ।

ମାଠିଆରେ ଅଛି । : ମାଠିଆକେ ଆଛି ।

ଆଜି ଲାଗି ଏତିକି । : ଆଜର ଲାଗି ଏତ୍କି ।

କାଲି ସ୍କୁଲକୁ ଆସିବ । : କାଲ୍କି ଇସ୍କୁଲକଇ ଆସିବ ।

ରଘୁ ସକାଳୁ ଉଠେ ତୁ କଣ କରୁ । : ରଘୁ ସକାଳୁ ଉଠଇ ତୁଇ କିସ୍ କରସି୍ ।

ସକାଳୁ କେତେବେଳେ ଉଠୁ ? : ସକାଳେ କେଡେପହର ଉଠସି୍ ?

ପିଲା ସକାଳୁ ଶିଘ୍ର ଉଠିବାକୁ ଚେଷ୍ଟାକର । : ଛୁଆ ସକାଳୁ ବେଗି ଉଠ୍ବାକଇ ଚେଷ୍ଟା କର୍ ।

କଣ ପାଇଁ ସାର୍ ? : କିସ୍ ଲାଗି ଆଜ୍ଞା ?

ଦେହ ଭଲ ରହିବ । : ଦେହ ଭଲ୍ ରହିବାକ୍ ।

ସକାଳୁ ଉଠି ମା,ବାପାଙ୍କୁ ପ୍ରଣାମ କର । : ସକାଳୁ ଉଠି ମାଁ, ବୁଆକି ଜୁହାର କର ।

ଦାନ୍ତ ଭଲ ଭାବେ ଘସ । : ଦାନ୍ତ୍ ଭଲ୍ କରି ଘଁସ୍ ।

ନିତ୍ୟ କର୍ମ ସାରି ଖାଅ । : ନିତ୍ୟ କାମ୍ ସାରି କରି ଖାଅ ।

ଖଡ଼ି ସିଲଟ୍ ଧରି ସ୍କୁଲକୁ ଆସିବ । : ଖଡି ସିଲଟ୍ ବୁହି ଇସ୍କୁଲକଇ ଆସିବ ।

## ଗ୍ରାମର ଲୋକଙ୍କ କଥୋପକଥନ (ଗାଁ ଲୋକର୍ ବାର୍ତ୍ତା)

ଜାନି କଣ  କରୁଛ ? : ଜାନି କିସ୍ କୁରଛସି୍ ?

ଘରେ ଅଛି । : ଘରେ ଆଛଇଁ ।

ବାହାରକୁ ଆସ । : ଦାଣ୍ଡକି ଆଇ ।

ବସିବା ଭଲ ମନ୍ଦ ହେବା । : ବସିବା ଭଲ୍ ମନ୍ଦ୍ ହେବା ।

ଥରେ ଆସୁଛି । : ଥା ଆସଛଇଁ ।

କି କଥା ଅଛି । : କିସ୍ କଥା ଆଛି ।

ପର୍ବକଥା : ପରବ୍ କଥା

ବାରିକ ସବୁ ଲୋକକୁ ଡାକେ । : ବାରିକ୍ ସବୁ ଲୋକ୍‌ଗାକେ ଡାକ୍ ।

କଟଲୁ, ବେରା, ରଙ୍ଗା, ସିକୁଣ୍ଡୁ । : କଟଲୁ, ବେରା, ରଙ୍ଗା, ସିକୁଣ୍ଡୁ ।

| | |
|---|---|
| ଆସରେ | : ଆଇ |
| ଆର ହାଟରେ ପର୍ବ କଣ କରିବା ? | : ଆର୍ ହାଟକି ପରବ୍ କିସ୍ କରବା ? |
| କେବେ ପର୍ବ ପାଇଁ କଥା ହେଲ ? | : କେଁଦିନ ପରବ୍ ଲାଗି କଥା ହେଇ ? |
| ଆଇବା ହାଟ | : ଆର ହାଟ୍, ଆସିବା ହାଟ |
| ବାରିକ ଟଙ୍କା ଗନ୍ଦାକର ରେ | : ବାରିକ୍ ଟଙ୍କା ଚାନ୍ଦା କର୍‌ରେ |
| ଶହେ ଟଙ୍କା ଘରପ୍ରତି | : ଘରକା ଶହେ ଟଙ୍କା |
| ଶନିବାର ଦିନ ପୂଜା ହେବ । | : ଶନିବାର ଦିନ୍ ପୂଜା ହେବାକ୍ । |
| ପୂଜା ପାଇଁ କଣ ଦରକାର । | : ପୂଜା ଲାଗି କିସ୍ ଦରକାର । |
| ପୂଜା ଜାଗାରେ ଛାମୁଣ୍ଡା କର । | : ପୂଜା ଜାଗାରେ ଛେମେଣ୍ଡା କର । |
| ଘର ପ୍ରତି ଜଣେ ବାହାର | : ଘରକଇ ଝଣେ ବାହାର |
| କିଏ ନ ଆସିଲେ ଦଣ୍ଡ । | : ଯିଏ ନଁ ଆସଇ ଟଣ୍ଡ୍ । |
| ଝିଅ, ପୁଅ, ଲିପା ଲିପି କର | : ଝିଅ, ପୁଅ ଲେସାଲେସି କର |
| ଶନିବାର ପର୍ବ | : ଶନିବାର ଦିନ ପରବ୍ |
| ରାତି ଯାକ ବସିବ । | : ରାତ୍ ଜାକ ବସିବ । |
| ଏ ବର୍ଷର ପର୍ବ ସରିଲା । | : ଇ ବର୍ଷ ପରବ୍ ସଲା । |

## ବାବୁ ଏବଂ ଗ୍ରାମର ବାସିନ୍ଦାଙ୍କ କଥୋପକଥନ

| | |
|---|---|
| ନାୟକବାବୁ | : ନାୟକ୍ ବାବୁ |
| ନମସ୍କାର ଆଜ୍ଞା । | : ଜୁହାର୍ ଆଜ୍ଞା । |
| ଆଣ ଖଟ ବସିବା । | : ଖଟ୍ ଆଣ ବସିବା । |
| ଆଣରେ ଖଟିଆ । | : ଆଣ୍‌ରେ ଖଟିଆ । |
| ଗାଁ ଖବର କଣ ? | : ଗାଁର ଖବର୍ କିସ୍ ? |
| ସବୁ ଭଲ ଆଜ୍ଞା । | : ସବୁ ନିକ ଆଜ୍ଞା । |
| ସରକାରଙ୍କ ଭିନ୍ନଭିନ୍ନ ନିୟମ ଶୁଣିଛ ? | : ସରକାରଙ୍କ ଭିନ୍ନେଭିନ୍ନେ ନିୟମ୍ ଶୁଣିଛସି ? |
| କଣ କଣ ଆଜ୍ଞା ? | : କିସ୍ କିସ୍ ଆଜ୍ଞା ? |
| ଗାଁର ଜଙ୍ଗଲ ଜମି ଗୁଡ଼ିକ ପଟ୍ଟା ହେବ । | : ଗାଁର ଜଙ୍ଗଲ୍ ଜମିଲା ପଟା ହେବାକ୍ । |
| କେମିତି କେମିତି ପଟ୍ଟା ? | : କେମନ୍ତ କେମନ୍ତ ପଟା ? |
| ଏ ଜଙ୍ଗଲ ଜମି ଗୁଡ଼ିକ କିଏ କରିଛି ? | : ଇ ଜଙ୍ଗଲ ଜମିଲା କିଏ କରିଛ ? |
| ଏ ଟା ମୋର ଭାଇ । | : ଇଟା ମୋର ଭାଇ । |
| ଏ ସବୁ ପଟ୍ଟା ଦିଆଯିବ । | : ଏଲା ସବୁ ପଟ୍ଟା ଦିଆଯିଆକ୍ । |
| ହେଲେ କଣ କରିବୁ ? | : ହେଲେ କିସ୍ କରମୁଁ ? |
| ଗାଁରେ ବୈଠକ କରିବ । | : ଗାଁରେ ବିଘର କରିବ । |
| ସମସ୍ତେ ରହିବ । | : ସଭିଏଁ ରହିବ । |

ଗାଁରେ ୧୦ ଜଣ ସଭ୍ୟ ବାଛିବ । : ଗାଁରେ ୧୦ଝଣ ଲୋକ୍ ବାଛିବା ।
ତାପରେ କଣ ହେବ ? : ତାପରେ କିସ୍ ହେଆକ୍ ?
ଗୋଟିଏ ସିଲ୍ କରିବ । : ଗଟାଇ / ଗୁଟେ ସିଲ୍ କରବ୍ ।
ଏସବୁ କଲେ କଣ ହେବ ? : ଏମନ୍ତ କିସ୍ ହେବାକ୍ ?
ତହସିଲ ବାବୁ ପାଖକୁ ଯିବ । : ତହସିଲ ବାବୁ ପାସ୍କଇ ଯିଆକ୍ ।
ଆମେ କଣ କରିବୁ ? : ଆମେ କିସ୍ କରମୁଁ ?
ତୁମେ ସମସ୍ତେ କାହାର ଜାଗା ଦେଖାଅ ? : ତୁମେ ସଭିଏଁ କାର୍ ଜାଗା ଦେଖାଅ ?
ଯିଏ ଜାହାର ଜାଗା ପାଖରେ ଥାଅ । : ଯେଝାର୍ ଯେଝାର୍ ଜାଗା ପାସ୍କଇ ଥାଅ ।
ଚେନ ଧରି ମାପ : ଚେନ୍ ଧେରି ମାପ
ମୋର ୫ ଏକର : ମର୍ ୫ ଏକର୍
ତୁମର ନାମ କଣ ? : ତର୍ ନାଭଁ କିସ୍ ?
ମୋର ନାମ, ବାପାର ନାମ : ମର ନାମ୍ ବୋଆର୍ ନାମ୍
ସେଠି କେତେଜଣ କରିଛ ? : ହେଠାରେ କେତ୍ଝଣ କରିଛ ?
ଆମେ ୮ ଜଣ କରିଛୁ । : ଆମେ ୮ ଝଣ କରିଛୁ ।
ହେଲେ ନାୟକ ବାବୁ ସମସ୍ତଙ୍କର ୫ଏକର । : ହେନେ ନାୟକ ବାବୁ ସବକର ୫ ଏକର ।
ହଁ ଆଜ୍ଞା ସେମିତି କର । : ହଇ ଆଜ୍ଞା ସେମନ୍ତକର ।
କାଗଜପତ୍ର ଠିକ୍ କର । : କଗଜ୍ ପତର୍ ଠିକ୍ କର ।
ଆମେ ଜାଣିପାରିବୁ ନାହିଁ । : ଆମେ ନାଁ ଜାଣି ପାରୁଁ ।
ସମସ୍ତେ ଅଫିସ୍କୁ ଆସ । : ସବିଏଁ ଅଫିସ୍ କଇ ଆସ ।
କାଲି ଆସିବୁ ଆଜ୍ଞା । : କାଲିକିଇ ଆସିମୁଁ ଆଜ୍ଞା ।

## ପୋଲିସ୍ ଏବଂ ଗ୍ରାମର ବାସିନ୍ଦା (ପୋଲିସ୍ ଆଉ ଗାଁ ଲୋକ୍ର କଥାବାର୍ତ୍ତା)

ପୋ: ସେ ଲୋକକୁ ଜାଣିଛ ? : ସି ଲୋକ୍ଟାକଇ ଜାଣିଛସି ?
ବା: ହଁ ସାର୍ । : ହଇ ଆଜ୍ଞା ।
ପୋ: ତା ନାମ ବୁଟିଆ । : ତାର୍ ନାଭଁ ବୁଟିଆ ।
ନା: ତା ଘର ଆମ ଘର ପାଖ । : ତାର୍ ଘର୍ ଆମର୍ ଘର ପାସରେ ।
ପୋ: ସେ ମୃତ ବ୍ୟକ୍ତିକୁ ଜାଣ ? : ସି ମଲାଲୋକ୍କୁଇ ଜାଣସି ?
ବା: ସେ ମରିଗଲା । : ସିଏ ମରିଗଲା ।
ପୋ: ସେ କାଲି ଏଠାରେ ଥିଲା । : ସିଏ କାହ୍ଲର ଇଠି ଥିଲା ।
ବା: ହଁ ସାର୍ । : ହଇ ଆଜ୍ଞା ।
ପୋ: ତାକୁ ଟାଙ୍ଗିଆରେ ହାଣି ଦେଇଛ ? : ତାକଇ ବୁଡିଆରେ ହାଣି ଦିଛ ?
ପୋ: ତାର ମୃତଦେହ ସେଠାରେ ଅଛି । : ତାର୍ ମଲାଦେହ ସେଠି ଆଛି ।
ବା: ଗାଁ ଲୋକ ଯିବୁ । : ଗାଁ ଲୋକ୍ଗା ଯିମୁଁ ।

ପୋ: ସେ ଭେରି କରେକି ? : ସି ଭେରାଇକି ?
ବା: କେମିତି ଜାଣିବୁ ଆଜ୍ଞା ? : କେମନ୍ ଜାଣି ମୁଁ ଆଜ୍ଞା ?
ପୋ: ଭେରି ଜିନିଷ ସେଠାରେ ଅଛି । : ଭେରା ଜିନିଷ / ସାମାନ୍ ସେଠାଣେ ଆଛି ।
ବା: ଥାଇପାରେ । : ଥାଇପାରଇ ।
ପୋ: ଥାନାବାବୁ ପାଖକୁ ଆସ । : ଥାନାବାବୁ ପାସ୍କଇ ଆସ ।
ବା: କାଲିକି ଆସିବୁ ଆଜ୍ଞା । : କାଲ୍କଇ ଆସିମୁଁ ଆଜ୍ଞା ।
ପୋ: ତୁମଗାଁରେ ସରପଂଚ କିଏ ? : ତମର୍ ଗାଁରେ ସରପଂଚ କିଏ ?
ବା: ଅଛନ୍ତି ସାର୍ । : ଆଛନ୍ତି ଆଜ୍ଞା ।
ପୋ: ଗାଁରେ ବୈଠକ କରୁ । : ଗାଁରେ ମିଟିଂ କରୁଁ ।
ବା: ଭଲମନ୍ଦ କଥାହେଉ । : ଦୁଃଖ, ସୁଖ କଥା ହେଉଁ ।
ପୋ: ଅସୁବିଧା ହେଲେ ଜଣାଅ । : ଭଲମନ୍ଦ ହେନେ ଜଣାଅଁ ।
ବା: ସେମିତି ଦୁଷ୍ଟ ଲୋକ ନାହିଁ । : ସେମିତି ଖେଚଳ ଲୋକ୍ ନାଇଁ ।
ପୋ: ଗାଁରେ ମଦ ରାନ୍ଧୁଛ । : ଗାଁରେ ମଦ୍ ରାନ୍ଧଛ ।
ବା: ନାହିଁ ଆଜ୍ଞା । : ନାଇଁ ଆଜ୍ଞା ।
ପୋ: ମଦ କେଉଁଠି ମିଳୁଛି ? : ମଦ୍ କେଁଠି ମିଳଛି ?
ବା: ସେ ହାଟରେ ଆଜ୍ଞା । : ସିଇ ହାଟ୍ରେ ଆଜ୍ଞା ।
ପୋ: ମଦ ପିଇ ଗଣ୍ଡୋଗଳ ହେଉଛି । : ମଦ୍ ପିଇ ଗୋଣ୍ଡୋଗୋଳ / ମାଡଗୁଳ ହେଛି ।
ବା: ସେତେ ନାହିଁ । : ସେତେ ନାଇଁ ।
ପୋ: ଗାଁର ପିଲା ପାଠ ପଢିଛନ୍ତି । : ଗାଁର୍ ପିଲାକା ପାଠ୍ ପଢିଛନ୍ ।
ବା: ହଁ ପଢୁଅଛି । : ହଇ ପଢଛି ।
ପୋ: ସରପଂଚ ବାବୁ ଭଲ । : ସରପଂଚ ବାବୁତା ନିକ ।
ବା: ଗାଁର ପିଲାତ ଆଜ୍ଞା । : ଗାଁର୍ ଛୁଆ ତା ଆଜ୍ଞା ।
ପୋ: ଆସୁଛୁ । : ଆସୁସଇଁ / ଆସଛଇଁ / ଆସଛୁ ।
ବା: ହଉ ଯାଆବୁ ଆଜ୍ଞା । : ହଇଁ ଯାଅ ଆଜ୍ଞା ।

## ବାପ ପୁଅର କଥାବାର୍ତ୍ତାର କଥା

ବା: ରେ ଶ୍ୟାମା ? : ଏ ଶ୍ୟାମା ?
ପୁ: ବାପା । : ବୁଆ ।
ବା: ଉଠ : ଉଠ୍
ବା: କାହିଁକି ? : କି ଲାଗି ?
ବା: ସକାଳ ହେଲା । : ରାତ୍ ପାହିଲା / ବେଳ୍ ବାହାରିଲଣ ।
ପୁ: କୁଆଡେ ଯିବି ? : କେଁଠିକି ଯିବି ?
ବା: ବଳଦ ଛାଡ । : ହଳିଆ ସାଢ୍ ?

| | |
|---|---|
| ପୁ: ବଳଦ କୁଆଡ଼େ ନେବି ? | : କେଁ କନେହଳିଆ ନେମି ? |
| ବା: ପଡ଼ିଆକୁ ନେ । | : ପଡ଼ିଆକଇ ନେଁ । |
| ପୁ: ମୁହଁ ଧୁଇନି । | : ମୁହଁ ଧେଇନାଇଁ । |
| ବା: ଯା ବେଗିଯା । | : ଯା ବେଗିଯିଏ । |
| ପୁ: କୁଆଡ଼େ ଯିବି ? | : କେଁ ବାଟେ ଯିବି / କେଁଆଳେ ଯିବି ? |
| ବା: ହଳ କରିବା । | : ହଲ୍ କରିବା । |
| ପୁ: ଲଙ୍ଗଳ ବାନ୍ଧିଦେ । | : ନଙ୍ଗଳ ବାନ୍ଧିଦେ । |
| ବା: ହଳ ବାନ୍ଧିବା ଆସୁନି । | : ହଳ ବାନ୍ଧିବା କଇ ନାଁ ଆସଇ । |
| ବା: କେବେ ଶିଖିବ ? | : କେଁ ଦିନ ଜାଣ୍‌ବ ? |
| ପି: କହିଲେ ସିନା । | : କହିନେ ସିନା । |
| ବା: କେତେ କହିବି ? | : କେତେ ଥର କହିବି ? |
| ପି: ଏମିତି ବାନ୍ଧେ । | : ଇମିତି କରି ବାନ୍ଧ୍ । |
| ବା: ହଳ କରେ । | : ହଳ କରଇ । |
| ପି: ଖରା ହେଲା । | : ଖରା ହେଲା / ବେଳା ହେଲା । |
| ବା: ବଳଦ ଫିଟେଇ ଦେ । | : ଯା ହଳିଆ ଫିଟାବେ, ହଳିଆ ଫିଟାଇ ଦେ । |
| ପି: ଖାଇବାକୁ ଯିବା । | : ଖାବାକଇ ଯିଆ । |
| ବା: ଖାଇସାରି ବଳଦ ଚରାଇବୁ । | : ଖାଇସାରିନେ ହଳିଆ ଚରାଇ ଯିବେ । |
| ପି: ହାଲିଆ ଲାଗୁଛି । | : ଥକା ଲାଗଛି । |
| ବା: ଆଉ କିଏ ଯିବ ? | : ଆରି କିଏ ଯିବାକ୍ ? |
| ପି: କିଏ ଯାଉଛି ? | : କିଏ ଯାଛି, କିଏ ଯିବାକ୍ ? |

## ମାଷ୍ଟର ଆଉ ଛୁଆ ଭିତରେ କଥାବାର୍ତ୍ତା

| | |
|---|---|
| ଶି: କଟଲୁ | : କଟ୍‌ଲୁ |
| ପି: ଗୁରୁ | : ଗୁରୁ |
| ଶି: ଭଲ ଅଛୁ ? | : ନିକ ଆଛୁ ? |
| ପି: ହଁ ଗୁରୁ । | : ହଂକ / ହଇ / ହଁ ଗୁରୁ । |
| ଶି: ପଢୁଛୁ କି ? | : ପଢ଼ୁଛସି୍ କି ? |
| ପି: ହଁ ଗୁରୁ । | : ହଂକଂ ଗୁରୁ / ହଂ ଗୁରୁ । |
| ଶି: କେଉଁ ଶ୍ରେଣୀରେ ପଢୁଛୁ ? | : କେଁ କିଲାସରେ ପଢଛସି୍ ? |
| ପି: ଦ୍ୱିତୀୟ । | : ଦୁତୀୟ । |
| ଶି: ଭଲ ପଢୁଛୁ ? | : ନିକ ପଢଛସି୍ ? |
| ପି: ପଢ଼ା ହେଉଛି । | : ପଢା ହେଛି । |
| ଶି : କ'ଣ ଦେଉଛନ୍ତି ? | : କିସ୍ ଦେଛନ୍ତି ? |

| | |
|---|---|
| ପି: ପ୍ୟାଣ୍ଟ, ସାର୍ଟ ଓ ଖାଇବା | : ପେଂଟ୍, ସାର୍ଟ ଆରି ଖାଇବା |
| ଶି: ଭଲ ଲାଗୁଛି | : ନିକ ଲାଗଛି । |
| ପି: ତୁମର ଗୁରୁ କେତେ ଜଣ ? | : ତୁମର୍ ମାଷ୍ଟ୍ରର୍ କେତେ ଝଣ ? |
| ଶି: କି କି ପାଠପଢା ହେଉଛି ? | : କିସ୍ କିସ୍ ପାଠ୍ ପଢା ହେଛି ? |
| ପି: ହସ, ଖେଳ, ଚିତ୍ର, ସାହିତ୍ୟ | : ହସ୍, ଖେଲ୍, ଚିତ୍ର, ସାହିତ୍ୟ/ସାଇତ |
| ଶି: ଭଲ ଖାଇବା ମିଳୁଛି ? | : ନିକ, ନିକ ଖାବାକଇ ମେଲଛି ? |
| ପି: ହଁ ଭଲ ଖାଇବା ମିଳୁଛି । | : ହଇ ଭଲ୍ ଖାବାକଇ ମିଳଛି । |
| ଶି : ଶ୍ରେଣୀରେ କେତେ ଜଣ ? | : କିଲାସ୍‌ରେ କେତେ ଝଣ / ଜଣ ? |
| ପି: ୪୦ ଜଣ ଛାତ୍ର । | : ୪୦ ଝଣ ପିଲା । |
| ଶି: ତମ ସ୍କୁଲରେ କ'ଣ ଖେଳ ଖେଳୁଛ ? | : ତମର ଇସ୍‌କୁଲରେ କିସ୍ କିସ୍ ଖେଲ୍ ଖେଳଛ ? |
| ପି: କବାଡ୍ଡି, ଲୁଚକାଳି, କେରମବୋର୍ଡ | : କବାଡି, ନୁଚକାଳି, କେରମବୁଡ୍, ବାସ୍‌କେଟ୍ ବଲ୍ |
| ଶି: ଅନ୍ୟ ଖେଳ କ'ଣ ଖେଳୁଛ ? | : ଅଲଗା ଖେଲ୍ କିସ୍ ଖେଲଛ ? |
| ପି: ଅଣ୍ଡା ଓ ଉମୁଚ୍ ଖେଳ | : ଅଣ୍ଡା ଆଉ ଉମଚ୍‌ଖେଳ |
| ଶି: ଖେଳି ସାରିବା ପରେ କଣ କରୁଛ ? | : ଖେଳି ସାରିନେ ପର କିସ୍ କରୁଛ ? |
| ପି: ହାତଗୋଡ଼, ଧୋଉଛୁ । | : ହାତ୍ ଗୋଡ୍ ଧେଇଁ । |
| ଶି: ଆଉ କ'ଣ କରୁଛୁ ? | : ଆଉ କିସ୍ କରଛୁ ? |
| ପି: ପ୍ରାର୍ଥନା କରୁଛୁ । | : ପ୍ରାର୍ଥନା କରଛୁ । |

## ଗାର୍ଡ ବାବୁ ଆଉ ଗାଁର ମୁଖିଆ ଭିତରେ କଥାବାର୍ତ୍ତା

| | |
|---|---|
| ଗା: ଜାନି ବାବୁ ? | : ଜାନିବାବୁ ? |
| ମୁ : ଆଜ୍ଞା । | : ହଜୁର୍ । |
| ଗା: କମାଣ କିଏ କରିଛି ? | : ଇ କମାଣି କିଏ କରିଛି ? |
| ମୁ: ଆମ ଗାଁ ଲୋକ । | : ଆମର ଗାଆର୍ ଲୋକ / ଲକ / ଆମର୍ ଗାଁରନା । |
| ଗା: ରାସ୍ତା ପାଖର । | : ବାଟ୍ ପାଖର୍ । |
| ମୁ: ଆଉ କମାଣ ନାହିଁ । | : ଆରି କମାଣ ନାଇଁ । |
| ଗା: ଏସବୁ ସରକାରର । | : ଇନା ସବୁ ସରକାର୍ କର୍ । |
| ମୁ : ହଁ ଆଜ୍ଞା । | : ହଇ ଆଜ୍ଞା । |
| ଗା: ତୁମେ ହାଣିବା କଥାନହିଁ । | : ତମେ ନାଁ ହାଣିବାର କଥା । |
| ମୁ: ବଂଚିବୁ କେମିତି ଆଜ୍ଞା ? | : କେମନ୍ତ ଜିଇଁବୁ ଆଜ୍ଞା ? |
| ଗା: କହିବାର କଥା । | : କହିବାର କଥା । |
| ମୁ: ଗାଁର ଘର ବଢ଼ିଲା । | : ଗାଆଁର ଘର୍ ବଢ଼ିଲା । |
| ଗା: ତୁମେ ସରକାରଙ୍କ ଟଙ୍କା ପୈଠକର । | : ତମେ ସରକାରକଇ ଟଙ୍କା ସୁଝାଅ । |

| | |
|---|---|
| ମୁ: ଗାଁ ଲୋକଙ୍କୁ କହିବୁ । | : ଗାଅାଁର ଲକ୍‌ଲା କଇ କହିମୁଁ । |
| ଗା: ସମସ୍ତେ ମିଶି କଥା ହେବ । | : ସଭିଏଁ ମିଶିକରି କଥା ହେମୁଁ । |
| ମୁ: କାଲି କଥା ହେବା । | : କାଲ୍‌କଇ କଥା ହେବା । |
| ଗା: ଆମର ରେଞ୍ଜର ଆସିଛି । | : ଆମର୍ ରେଞ୍ଜର ଆଇଛି । |
| ମୁ: ଆମର କଥା ଶୁଣିବେ । | : ଆମର୍ କଥା ଶୁଣିଆକ୍ । |
| ଗା: ସମସ୍ତଙ୍କୁ ଥାନାକୁ ପଠାଇ ଦେବେ । | : ସବ୍‌କଇ ଥାନାକଇ ପଠାବାକ୍ / ପାଠାଇବାକ୍ । |
| ମୁ: ମରିଯିବୁ ଆଜ୍ଞା । | : ମରିଯିମୁଁ ହଜୁର୍ । |
| ଗା: ପାହାଡ଼ ତଳେ ଗଛ ଲଗାଇବା । | : ପାହାଡ୍ ତଳକଇ ଗଛ ଲଗାବା । |
| ମୁ: ଗଛ ଲଗାଇଲେ ଭଲ । | : ଗଛ୍ ଲଗାଲେ ନିକ । |
| ଗା: ବଡ଼ ଗଛ ଲାଗିବ । | : ଉଁଚା ଗଛ୍ ଲାଗିଆକ୍ । |
| ମୁ: ବେଶି ଜମାଣ କାଟିବ ନାହିଁ । | : ଜବରି ଜମାଣ୍ ହାଣ୍‌ବନାଇ । |
| ଗା: ଜମଣ ହାଣିବା ଦ୍ୱାରା ବର୍ଷା କମିଯାଇଛି । | : ଜମାଣ କାଟିଲେ ବର୍ଷା କମିଯାଆଛି । |
| ମୁ: ହେଲେ ପଡ଼ିଆ ଜମି ଦିଅ । | : ହେନେ ପଲିଆ ଜମି ଦେଅ । |
| ଗା: ସରକାରି ଜାଗା ଗୁଡ଼ିକ ଦିଆଯିବ । | : ସର୍‌କାରି ଜାଗା ଗୁଲାକ ଦିଆଯିବାକ୍ । |
| ମୁ : ପାହାଡ଼ ତଳ ତଳ ଜାଗା ଦିଅ । | : ପାହାଡ୍ ଧାରେଧାରେ ଜେଗା ଦିଅ / ଦେଅ । |
| ଗା: ତୁମେ ମାନେ ଠିକ୍ କର । | : ତୁମେ  ମାନେ ଠିକ୍ କର । |
| ମୁ: ଆମ୍ଭକୁ ପଟା ଦିଅ । | : ଆମକୁଇ ପଟା ଦିଅ / ଦେଅ |
| ଗା: ସରକାର ଆଦିବାସୀଙ୍କୁ ପଟାଦେବ । | : ସରକାର ଆମର୍ ଆଦିବାସୀକଇ ପଟା ଦେବାକ୍ । |
| ମୁ: ଆମେ ଆମର ତାଲିକା କରିବୁ । | : ଆମେ ଆମର୍ ତାଲିକା ଲିଷ୍ଟ କରିମୁଁ । |
| ଗା: କିଏ କିଏ କରୁଛନ୍ତି ଲେଖିଦିଅ ? | : କେଁଲା କରଛନ୍ତି ଲେଖିଦେଅ ? |
| ମୁ: ଗାଁରେ ବସି କଥା ହେବୁ । | : ଗାଆାଁରେ ବସି କଥା ହେମୁଁ । |
| ଗା: ଠିକ୍ କରି ଦିଅ । | : ଠିକ୍ କରି ଦିଅ । |
| ମୁ: କାହାକୁ ଦେବ ? | : କାହାକଇ ଦେବ ? |
| ଗା: ଆରାଇ ବାବୁଙ୍କୁ ଦିଅ । | : ଆରାଇ ବାବୁକଇ ଦେଅ । |
| ମୁ: ଆଜି ହିଁ ଯିବୁ । | : ଆଜି ପରା ଯିମୁଁ । |

## ବୁଆ ଆଉ ଝି ର କଥାବାର୍ତ୍ତା

| | |
|---|---|
| ବାପା : ରେ ସୁଟ୍ରି । | : ଏ ସୁଟ୍ରି । |
| ଝିଅ : ବାପାରେ । | : ବୁଆରେ । |
| ବାପା: ଭାତ ଜାଉ ଆଣେ । | : ଭାତ୍ ଜାଉ ଆଣ୍ । |
| ଝିଅ : ପଖାଳ ଭାତ ଜାଉଅଛି | : ପଖାଲ୍ ଭାତ୍ ଜାଉଆଛି । |
| ବାପା: ତରକାରୀ ଅଛି କିରେ ? | : ତୁଣ୍ ଆଛିକି ? |

| | |
|---|---|
| ଝିଅ : ମରିଚ ଗୁଣ୍ଡ ଲୁଣ | : ମରଚି ଗୁଣ୍ଡ୍ ନୁଣ୍ |
| ବାପା: ଆଣେରେ | : ଆଣ୍ରେ |
| ଝିଅ : ବାପା କମାଣ କୁ ଯିବା ? | : ବୁଆ କମାଣ୍ କି ଯିଆ ? |
| ବାପା: କମାଣରେ ମା ଥିବ । | : କମାଣିରେ ମା ଥିଆକ୍ । |
| ଝିଅ: ବେଗିଯିବି । | : ଝଟ୍ଯିବି । |
| ବାପା: ମୁଁ ଟାଙ୍ଗିଆ ଧରିଯିବି । | : ମୁଇଁ ବୁଢ଼ିଆ ଧେରିଯିବି । |
| ଝିଅ : ବାପା ତୁ ଆସିଲେ କାଠ ଧରିବୁ । | : ବୁଆ ତୁଇ ଆସିଲେ କାଠ୍ ଧେରିବୁ । |
| ବାପା : ତୋର ମା ଆସୁ । | : ତର୍ ମା ଆସୁ । |
| ଝିଅ : ମୁଁ ପତ୍ର ଆଣିବି । | : ମୁଇଁ ପତର ଆଣିମି । |
| ବାପା : କହିବାର କଥା ଥିଲା । | : କହିବାର୍ କଥା ଥିଲା । |
| ଝିଅ : ସେ ଗାଁର ମାଉସୀ ଆସିଛି । | : ସିଇ ଗାଆଁର ମାଉସି ଆସିଛି । |
| ବାପା : ମାଉସୀ ସାଥିରେ ଆଉ କେତେଜଣ ? | : ମାଉସି ସାଙ୍ଗ୍ରେ ଆଉ କେତେ ଝଣ ? |
| ଝିଅ : ଆମର ସାନ ମାଉସୀ ମାନେ । | : ଆମର୍ ସାନ୍ ମାଉସି ଲଗ୍ । |
| ବାପା : ତୁମେ ନାଚିବ ? | : ତୁଇ ନାଚିବେ ? |
| ଝିଅ : ନାହିଁ ବାପା । | : ନାଇଁ ବୁଆ । |
| ବାପା: ମୋର ମାଉସୀକୁ ଜାଉ ଦେ । | : ମୋର ମାଉସିକଇ ଜାଉ ଦେ । |
| ଝିଅ : ତରକାରୀ ନାହିଁ । | : ତୁଣ୍ ନାଇଁ । |
| ବାପା : ଦାଦାଘରୁ ଆଣେ । | : ଦାଦା ଘରୁ ଆଣଇ । |
| ଝିଅ : ତାଙ୍କ ଘରେ କେହି ନାହିଁ ? | : ତାଙ୍କ ଘରେ ତା କେହି ନାହିଁନେ ? |
| ବାପା : ବାଡ଼ିରୁ ଶାଗ ଆଣେ । | : ବାଳିରୁ ଶାଗ୍ ଆଣଇଁ । |
| ଝିଅ : ଅପେକ୍ଷା କର ରାନ୍ଧୁଛି । | : ଘଡ଼ିଏ ରହ ରାନ୍ଧଛଇଁ । |
| ବାପା : ତୁମ ଗାଁ ଖବର ଭଲ କି ? | : ତମର୍ ଗାଆଁର ଆଳେ ଭଲ୍ ଭାଲ୍ତା ? |
| ଝିଅ : ବାପା ମାଉସୀ ମକା ଆଣିଛି । | : ଏ ବୁଆ ମାଉସି ମକା / ଜୁଆରି ଆଣିଛି । |
| ବାପା : ତାଙ୍କ ଗାଁରେ ବେଶି ହେବ । | : ତାଙ୍କର ଗାଁରେ ଜବର ହେବାକ୍ । |
| ଝିଅ : ବାପା ମାଉସୀଙ୍କୁ ଶାଢୀ କିଣିଦିଅ । | : ଏ ବୁଆ ମାଉସିକଇ ଲୁଗା ଘେନି ଆଣିଦେ । |
| ବାପା : ମଦ୍ ଖାଇଲେ ଭଲ୍ ନାହିଁ । | : ମଦ୍ ଖାଇଲେ ଭଲ୍ ନାଇଁ । |
| ଝିଅ : ଦୂରରୁ ଆସିଛି ମୋର ମାଉସୀ । | : ଦୁରିଆ ଜାଗାରୁ ମାଉସି ମୋର ଆସିଛି । |
| ବାପା : ଜଙ୍ଗଲକୁ ନେଇଯା । | : ଝାଳ କୟ୍ ଡ଼ାକି ନେମୋ। |
| ଝିଅ : ବାପା ଆମେ ପତ୍ର ଆଣିବୁ । | : ଏ ବୁଆ ଆମେ ପତର୍ ଆଣିମୁଁ । |
| ବାପା: ଡ଼ଙ୍ଗର ଠୁ କରଡ଼ି ଆଣିବ । | : ବଣର କର୍ଡି ଆଣିବ । |

ଝିଅ : ହଁ ଆଣି ଆସିବ । : ହଇ ଆଣିକରି ଆସିବ ।

ବାପା : ମୋର ମାଉସୀ ବେଶି ଭଲ । : ବେଶି ନିକ ମାଉଁସୀ ମର୍ ।

ଝିଅ : ମାଙ୍କୁ ଡ଼ାକି ଆଣିବ । : ମାଆକଇ ମୁଇଁ ଡ଼ାକି ଆଣିମି ।

ବାପା: ବେଗେ ଯା । : ଝାଇ ଝାଇ ଯା ।

ଝିଅ : ହଁ ହଁ । : ହଇ ହଇ ।

## ହସଖେଳ

## ପ୍ରଥମ ଶ୍ରେଣୀ (ଭାଗ-୧)

### ପାଠ-୧

### ଦେଖ୍ ହେଲା କଉ / ଦେଖ୍କରି କଉ

ମାଛ : ମାଛ୍

ମୟୂର : ମଝୁର୍

ବାଘ : ବାଗ୍ / ବାଘ୍

ହାତୀ : ହାତୀ/ହାଥ୍

ମାହୁନ୍ତ : ମାହାନ୍ତିଆ

ହାତୀକୁ ଯିଏ ପୋଷେ ତାକୁ ମାହୁନ୍ତ କୁହାଯାଏ । : ହାଥିକଇ ଯିଏ ରଖଇ, ତାକଇ ମାହାନ୍ତିଆ କହନ୍ତି ।

ମୟୂରକୁ ଦେଶର ଜାତୀୟ ପକ୍ଷୀ ବୋଲି କୁହାଯାଏ ।: ମଝୁର୍‌କଇ ଦେଶର ଜାତୀୟ ପକ୍ଷୀ ବୋଲି କହନ୍ତି ।

### ପାଠ-୨

### ଟୁନା ଟୁନି

ଗଉଳ : ଗଉଲ୍

ଚୂନା : ଚୂନ୍

ବାଟିଲେ : ବାଟିଲାଇ

ଅନା : ଦେଖ୍

ଉପରେ : ଉମ୍‌ରେ

ମାଠିଆ : ମାଠିଆ

ଚଟ : ଆସନ୍

ଭାରି : ଭଜନ୍

ହାଲୁକା : ଉଲ୍ଲାସ୍

ଛବି : ଚିତ୍ର

ଚାବି : ଚାବି / କଅଚି
ଧୋତି : ଧୋତି
ପୋଷାକ : ଲୁଗାପଟା
କବିତା : ଗୀତ୍
ଲଗାଇ : ଲଗାଇ
ଚାଖିବା : ଘଷିବା
ଆବୃତ୍ତି : ଗାଇମା / ବଲିବା
ଆବଶ୍ୟକ : ଦରକାର୍
କାର୍ଯ୍ୟ : କାମ୍
ପ୍ରତ୍ୟେକ : ସବୁ
ଆଲୋଚନା : କଥାବାର୍ତ୍ତା
ଅନ୍ୟୂନ : ଅନ୍ୟୂନଁ
ପ୍ରାକ୍ : ପୁରୁଣା, ପୂର୍ଣ୍ଣା
ବିଭିନ୍ନ : କେତେ ପରକାର
କଳ୍ପନା : ଭାବିବା
ପରିବେଶ : ପରିବେଶ୍
ବ୍ୟବହାର : ବେଭାର୍
ସଦସ୍ୟ : ଲକ୍ / ଝଣ
ଦକ୍ଷତା : ତାକତ୍ / ବଲ୍
ବିକାଶ : ବିକାଶ୍
ଚୂନା : ମାଣ୍ଡିଆକୁ ଚୂନା କରିବା । : ଚୁନ୍ : କଦକୁ ଚୁନ୍ କର୍‌ବା ।
ଭାରି : ଓଜନିଆ
ଆବଶ୍ୟକ : ଦରକାର୍
ଆମକୁ ଖାଦ୍ୟ ଆବଶ୍ୟକ । : ଆମ୍‌କେଇ ଖାଇଦ ଦରକାର୍ ।
ଗୁଣିଆ ମାନେ କଳ୍ପନା କରି କହନ୍ତି । : ରାଉଳିଆ ମାନେ ଭାବିକରି କହନ୍ ।

## ପାଠ-୩

## ଛେଳି ପାଣିକୁ ଡ଼ରେ / ଛେଲି୍ ପାଣିକଇ ଡରଇ

ବଣ : ଝାଲ / ବଣ୍
ଝରଣା : ଝରଣ୍ / ଝର
ଗରଗର : ଗର୍‌ଗର୍
ଭୟରେ : ଡ଼ରରେ

| | |
|---|---|
| ଅଭ୍ୟାସ | : ଅଭ୍ୟାସ୍ |
| ମଗର | : ମଙ୍ଗର୍ / ମଗର୍ |
| ନାଲି | : ନାଲ୍ |
| ହଳଦିଆ | : ହଳଦିଆ, ବନ୍‌ରଙ୍ଗ୍ |
| ଯୋଡ଼ିବା | : ମିଶାବା |
| ଅଡ଼ାଇବା | : ଉଚୁକାଇବା |
| ବେଙ୍ଗ | : ବେଙ୍ଗ୍ |
| ଝିଂଟିକା | : ଝିଟିକା, ଫିଲିଙ୍ଗା |
| ବିଷୟ | : ବିଷଇ |
| ଶିକ୍ଷକ | : ମାଷ୍ଟ୍ରର୍ |
| ଅଭିଭାବକ | : ମା, ବୁଆ |
| ସୂଚନା | : ସୂଚ୍‌ନା |
| କରାଇ | : କରବା |
| କରାଯିବ | : କରାଯିଆକ୍ |
| ବୁଝାଇଦେବା | : ବୁଝାବା |
| ପରିଚ୍ଛଳନା | : ପରିଚ୍ଛଳନା |
| କୋଠରି | : ବଖ୍‌ରା |
| କଥୋପକଥନ | : କଥାବାର୍ତା |
| ସରଳ | : ସାଧାସିଧା |
| ଇତ୍ୟାଦି | : ହେତିକ |

## ବାକ୍ୟରେ ବ୍ୟବହାର

| | |
|---|---|
| ବଣରେ ପଶୁପକ୍ଷୀ ବାସ କରନ୍ତି । | : ବଣ୍‌ରେ ପଶୁପକ୍ଷୀ ରହନ୍ତି । |
| ଲୋକଟି ବାଘକୁ ଦେଖି ଭୟଭୀତ । | : ଲକ୍‌ଟି ବାଘଟକେ ଦେଖି ଡ଼ରିଗଲା । |
| ବେଙ୍ଗ ବର୍ଷା ଆସିଲେ ବୋବାଏ । | : ବେଙ୍ଗ୍ ବର୍ଷା ହେନେ କି ଗଗଇ । |
| ପ୍ରଧାନଶିକ୍ଷକ ସ୍କୁଲର ଦାୟିତ୍ୱ ପରିଚ୍ଛଳନା କରନ୍ତି । | : ପ୍ରଧାନଶିକ୍ଷକ୍ ଇସ୍କୁଲ୍‌ର ସବୁ କାମ ତୁଲାନ୍ତ୍ । |
| ଆମ ଘରେ ତିନିଟି କୋଠରି ଅଛି । | : ଆମର୍ ଘରେ ତିନ୍‌ଟା ବଖରା ଆଛି । |

## ପାଠ-୪

## ବାଇଁଶ୍ ରାଣୀ

| | |
|---|---|
| କଦଳୀ | : କଦ୍‌ଳୀ |
| କମଳା | : କମଳା |
| ପଗଡ଼ି | : ପାଗ୍, ଠେକା |

ପର : ପର୍ /ପକ୍ଷି
ଚଷମା : ଚଚ୍‌ମା
ଅଙ୍ଗ : ଅଂଶ / ଅଙ୍ଗ୍
ସମ୍ପର୍କ : ବଂଧୁ ବାନ୍ଧିବା, ସମ୍ବନ୍ଧ

## ପାଠ-୫

ପିଆଜ : ପିଆଜ୍
ଚପଲ : ଜୁତା, ଚଟି
କଲମ : ପେନ୍, କଲମ୍
ବଳଦ : ବଳଦ୍ / ହଳିଆ
ଦା : ଦାଆ /ଦାଭ / କଟରା
ମଲମ : ମଲମ୍
ଢୋଲ : ବାଇଦ, ଢୁଲ୍
ଏକରେ ଦୁଇ  ଯୋଡ଼ିଲେ ତିନି ହେବ । : ଏକ୍‌ରେ ଦୁଇ ମିଶିନେ ତିନ୍ ହେବାକ୍ ।
ହାତ ଗୋଟିଏ ଦେହର ଅଙ୍ଗ ଅଟେ । : ହାତ୍ ଗୁଟାଇ ଦେହର୍ ଅଂଶ ଅଟଇ ।
ଦେହର କ୍ଷତ ସ୍ଥାନକୁ ଔଷଧ ଲଗେଇବା । : ଦେହର୍ ଘା ଜାଗାକୁଇ ଅଷଦ୍ ଲଗାଇବ ।
ଔଷଧକୁ ମଲମ କୁହାଯାଏ । : ଅଷଦ୍ଦ କି ମଲମ୍ କହନ୍ତ୍ ।

## ପାଠ-୬

## କହିଲ ଦେଖି

ମୋର୍ : ମର୍
ବତାଇ : ବତାଇ
ଜେଜେ : ଦାଦା
ଅରଟ : ଅରଟ୍
ଅସରପା : ସମାଲ୍‌ପକ୍/ସମାଲି
କୁଣ୍ଡ : କୁଣ୍ଡ୍

## ପାଠ-୭

## ମୁନି ହାଟକୁ ଯାଇଥିଲା/ ମୁନି ହାଟ୍‌କଇ ଯାଇଥିଲା

ସଅଳ : ଝାଇଝାଇ / ଝଅଟ୍

## ପାଠ-୮
## ରାଜାଙ୍କ ଭୋଜି / ରାଜାଙ୍କର ଫିସ୍ଟି

| | |
|---|---|
| ପରଜା | : ପର୍ଜା |
| ରାଜଉଆସ | : ରାଜ୍ଉଆସ୍ |
| କଚ୍ଛି | : କଳହ / କଜ |
| ଦରବ | : ଦରବ୍ |
| ଢାକୁଣୀ | : ଢାକୁଣୀ / ଘଡ଼ଣୀ |
| ଉଆସ | : ଉଆସ୍ |
| ପରଷି | : ବାଂଟିବା |
| ଜଟ | : ଜଟ୍ |
| ମାଙ୍କଡ଼ | : ମାଙ୍କଲ୍ / ମାକଲ୍ |
| ଓଧ | : ଉଦ୍ / ଓଧ |
| ଜଳ | : ପାଣି / ପାନି |
| କାଙ୍କଡ଼ | : କାଙ୍କଲା/କାଙ୍କଣ |

## ପାଠ-୯
## ସପନି ଅଜାଙ୍କ ସପନ ଦେଖା (ସପନି ଦଦାର ସପନ୍ ଦେଖା)

| | |
|---|---|
| ଶୀତ | : ଜାଡ୍ / ଶୀତ୍ |
| ଉଷୁମ | : ଗରମ୍, ଉଷୁମ୍, ତତିଲା |
| ବିଛଣା | : କନ୍ଥା ପଟିଆ |
| ଭୁଷୁଡ଼ି | : ଧସ୍କିବା |
| ହାଉଳି | : ଭମ୍କାୟ୍ ହେବା |
| ନବ | : ନୂଆ / ନୂଆଁ |
| ଜପ | : ଜପ୍ |
| ହରଷ | : ହରଷ୍ |
| ସରସ | : ସୁନ୍ଦର୍, ବଢ଼ିଆଁ, ସରସ୍ |
| ଆହ୍ଲାଦ | : ଆହ୍ଲା / କାଡ୍ |
| ସତର | : ସତର୍ |
| ହାତୁଡ଼ି | : ମାରତୁଲ୍ / ହାତଳି |
| ଶବର | : କେଳା / ଶବର୍ |
| ପୋଷାକ | : ଲୁଗାପଟା |

| | |
|---|---|
| ବର୍ଷାତି | : ରେନିକୁଟ, ବର୍ଷାତି |
| ପାହାଡ଼ | : ବଣ୍, ପାହାଡ଼ |
| ଛକ | : ଦବାଟି |
| ବଣ | : ଜଙ୍ଗଲ୍ / ବଣ୍ / ଝାଲ୍ |
| ତାରା | : ତରା |
| କଳ | : କଲ୍ |
| ପତର | : ପତର୍ |
| ଅତର | : ଅତର୍ |
| ବହଳ | : ବହଳିଆ |
| ଗହଳ | : ଗହଳିଆ / ଭିଡ୍ |
| ଲାଭ | : ଲାଭ୍ |

## ପାଠ : ୬, ୭ , ୮ ଏବଂ ୯ର ର ବାକ୍ୟ ବ୍ୟବହାର

| | |
|---|---|
| କାନ୍ଥରେ ଅସରପା ଚାଲୁଛି । | : କାନ୍ଥରେ ସମାଲି ଚଲଛି । |
| ବାପାର ବାପାଙ୍କୁ ଜେଜେ କୁହାଯାଏ । | : ବୁଆର ବୁଆକୁଇ ଦଦା କହୁଁ । |
| ଏକ ପ୍ରକାର ଔଷଧ ସାପ କାମୁଡ଼ିଥିବା ସ୍ଥାନରେ ଲଗେଇଲେ ଛାଡ଼ିଯାଏ । | : ଏକ୍ ପରରକାର୍ ଅଷଧ୍ ସାପ୍ ଚବିଥିବା ଜାଗାରେ ଲଗାନେ ଛାଡ଼ିଯାଇ । |
| ରମେଶଙ୍କୁ ଟଂଚଳ ଆସିବାପାଇଁ କୁହାଗଲା । | : ରମେଶକଇ ବେଗିବେଗି ଆସିବା କଇ କହିଲାଇ । |
| ରଜା ପରଜା ମାନଙ୍କୁ ସୁଖରେ ପାଳନ କରୁଥିଲେ । | : ରଜା ଲୋକ୍ ମାନକଇ ନିକରେ /ଭଲରେ ଦେଖଥିଲାଇ । |
| ସାରା ଦେବଗଡ ରାଜଉଆସ ଥିଲା । | : ଦେବଗଡ ସାରା ରାଜଉଆସ୍ ଥିଲା । |
| ସମାନ ଭାଗରେ ବାଂଟି ନିଅ । | : ଏକା ଏକା କରି ବାଂଟି ନେଅଁ । |
| ନଦୀରେ ରହିବା ମୂଷାକୁ ଓଧ କୁହାଯାଏ । | : ନଦୀରେ ରହଇ ମୂଷାକଇ ଉଦ୍ କହନ୍ତ୍ । |
| ଶୀତଦିନେ ଉଷ୍ଣମ ଜାଗାରେ ରହିବାକୁ ଭଲଲାଗେ । | : ଜାଡ୍ ଦିନେ ଗରମ୍ ଜାଗାରେ ରହିବାକଇ ନିକ ଲାଗଇ । |
| ଗଣେଶ ପୂଜାରେ ପିଲାମାନେ ଭଲ ନାଚୁଛନ୍ତି । | : ଗଣେଶ ପୂଜାରେ ପିଲାଲା ନିକ କରି ନାଚୁଛନ୍ତ୍ । |
| ରାଜା ପରଜା ମାନଙ୍କୁ ସୁଖରେ ପାଳନ କରୁଥିଲେ । | : ରଜା ପରଜା ମାନକଇ ନିକରେ / ଖୁସିରେ ଦେଖ ଥିଲାଇ । |
| କଳ୍ପନା ମଧ୍ୟ ନାଚ ଦଳରେ ଭଲ କରିଥିଲା । | : କଳ୍ପନା ହିଁ ନାଚ ଭିତରେ ନିକ କରିଥିଲା, ନିକ ନାଚଥିଲା । |
| କୁଣ ପଥରକୁ ହାତୁଡ଼ିରେ ଭାଙ୍ଗିଦେଲା । | : କୁଣ୍ ଟାଙ୍ଗରଟାକଇ ମାରତୁଲ୍‌ରେ ଭାଙ୍ଗିଲା । |
| ବଣରେ ଗୟଳ ରହେ । | : ବଣ୍‌ରେ ଗୟଲ୍ ରହଇ । |

## ପାଠ-୧୦
## (ଲିମ୍ବୁ / ଲେମ୍ବୁ)

| | |
|---|---|
| ଦେଉଳ | : ଦେଉଳ୍ |
| ବିନ୍ଦୁ | : ଟିପ୍‌ଟିପ୍ |
| ଲାଞ୍ଜ | : ନେଞ୍ଜ୍ / ଲାଙ୍ଗୁଲ୍ |
| କିପରି | : କେମନ୍ତ୍ |
| ଅଲଗା | : ଠାଣେଠାଣେ / ଅଲ୍‌ଗା |
| ପକ୍ଷୀ | : ଚଢ଼ଇ |
| ପାଳିବା | : ରଖିବା, ପୋଷିବା |
| ଜିଭ | : ଜିଭ୍ |
| ଲାଙ୍ଗୁଡ଼ | : ନେଞ୍ଜ୍ / ନାଙ୍ଗୁଲ୍ |
| ଶୁଣ୍ଢ | : ଥର |
| ଥଂଟ | : ଥଂଟ୍ |
| ଝାଡ଼ିବା | : ଝାଳିବା |
| ଧୋଇବା | : ଧଇବା |
| ଘଷିବା | : ମାଜିବା |
| ଗରମ | : ତତିଲା, ଉଷୁମ |
| ମାଛି | : ମାଛି |
| ବହୁତ | : ଜବର୍ |
| ଯେପରି | : ଯେମନ୍ତ୍ |
| ଉପରେ | : ଉପ୍‌ରେ |
| ଗଣିବା | : ହିସାବ କରିବା |

## ପାଠ-୧୧
## କିଚିରି ମିଚିରି (କିଚିର୍ ମିଚିର୍)

| | |
|---|---|
| ଜଗିଥିଲା | : ଜଗିଥିଲା |
| ଖେଳଣା | : ପୁତୁଳା / ଖେଳଣା |
| ରଙ୍ଗିନ | : ରଙ୍ଗିଆ |
| ଜିନିଷ | : ଦରବ୍ / ଜିନିଷ୍ |
| ସମ୍ପର୍କ | : ଚିହ୍ନା, ଜଣା, ସମନ୍ଧ |
| ବାଇଗଣ | : ବାଇଗଣ୍ |

| | |
|---|---|
| ଘାସ | : ଲୁଡ୍ / ଘାସ୍ |
| ପରିବା | : ପରିବା |
| ଏହିପରି | : ଇମିତି / ଏମନ୍ତ |
| ଚଢ଼େଇ | : ଚଳଇ |
| ବଳଦ | : ହଳିଆ |
| ପ୍ରଜାପତି | : ଫେମେଲା |
| ଫୁଟିବା | : ଫୁଟିବା |
| ଗୀତ | : ଗୀତ୍ |

## ପାଠ-୧୨

## ଦୀପାବଳି

| | |
|---|---|
| ଦୀପାବଳି | : ଦୀପାବଳି |
| କୁଣିଆଁ | : କୁଣିଆଁ |
| ବହୁତ | : ଜବର୍ |
| ଭିଡ଼ | : ଠେଲାଠେଲି / ଭିଡ୍ |
| ମହମବତୀ | : ମହମ୍‌ବତୀ |
| ସାହାଯ୍ୟ | : ଧରମ୍ / ସାଇଜ / ସାଙ୍ଗ୍ |
| ସଜାଇ | : ସଜାଡିବା |
| ପାଳିବା | : ପୋଷିବା |
| ମନ୍ଦାର | : ମନ୍ଦାର |

## ପାଠ-୧୩

## ଚତୁରା କୁକୁଳି

| | |
|---|---|
| କୁକୁଡ଼ା | : କୁକୁଳି |
| କୁକୁର | : କୁକର୍ |
| ମୀତ | : ମୈତ୍ର /ମଇତର / ମୀତ୍ |
| ଭଲପଢ଼େ | : ନିକ ପଡଇ |
| ଦିନଯିବା | : ବେଳ୍‌ବୁଡ଼ିବା |
| ହାଲିଆ | : ଥକିବା |
| ଭୟ | : ଡ଼ର୍ |
| ଭାବିବା | : ଚିନ୍ତାକରିବା |
| ଚଢ଼ିବା | : ଠକିବା |

| | |
|---|---|
| ଚାଲାକି | : ଚତୁର୍ |
| ବୁଝିବା | : ବୁଝିବା |
| ରହ | : ରଇଥା |
| ଭାରି | : ଓଜନ୍ / ଭାରି |
| ଦେହ | : ଦେହ / ଦେଏ |
| ରଢ଼ି | : ପାଟି କରିବା |
| ଗୟଳ | : ଗୟଲ୍ |
| ନୟନ | : ଆଁଖି / ଆଁଖ୍ |
| ଜାତୀୟ | : ଜାତୀୟ |
| ଭାରୁଆ | : ଭାରୁଆ |
| ଶୟନ | : ଶୁଇବା |
| ଚୟନ | : ବାଛିବା |
| ଗାୟକ | : ଗାଉଣି |
| ବୟସ | : ବୟସ୍ |
| ଭରସା | : ଭରସା |
| ତୀର | : କାଣ୍ଡ୍ |
| ଫିଙ୍ଗିବା | : ଫିଙ୍ଗ୍ବା |
| ତାରା | : ତରା |
| ବିଦ୍ୟାଳୟ | : ଇସ୍କୁଲ୍ |
| ମନ୍ଦିର | : ଦେଉଳ୍ |
| ବିନ୍ଦୁ ବିନ୍ଦୁ କରି ସିଧା ଗାର ଟାଣ । | : ଟିପି ଟିପି କରି ସିଧା ଗାର୍ ଟାଣ୍ । |
| ହାତୀ ଶୁଣ୍ଢଟି ବହୁତ ଲମ୍ବା । | : ହାତୀ ଥର୍ ଜବର ନମା ଆଛି । |
| ବଡ ସଂଖ୍ୟାରୁ ସାନ ସଂଖ୍ୟାକୁ ଅଲଗା କର । | : ବଡ଼ ସଂଖ୍ୟାରୁ ସୁରୁ ସଂଖ୍ୟାକଇ ଅଲ୍ଗା କର୍ । |
| ପୁଅ ଓ ଝିଅ ଅଲଗା । | : ପୁଅ ଆରି ଝିଅ ଅଲ୍ଗା । |
| ତେମେ ଏମିତି ଉତ୍ତର ଦେବ ଯେପରି ଲୋକ ଖୁସି ହେବେ । | : ତୁଇଁ ଇମିତର୍ ଉତର୍ ଦେବେଯେ ଯେମନ୍ ଲୁକ୍ଲା ଖୁସି ହେବାଇ । |
| ଅକ୍ଟୋବର ମାସରେ ଦିପାବଳି ପର୍ବ ହୁଏ । | : ଅକ୍ଟୋବର ମାସରେ ଦିଆଲି ପରବ୍ ହେଇ । |
| ରାମବାବୁ ଆମର ପଡୋଶୀ ଲୋକ ଅଟନ୍ତି । | : ରାମବାବୁ ଆମର୍ ପାସର ଲୁକ୍ ଅଟଇ । |
| ରଥଯାତ୍ରାରେ ଲୋକ ଭିଡ଼ ହୋଇଥିଲେ । | : ରଥ୍ ଯତରାରେ ଲକ୍କା ଯୋର୍‌ରେ ଭିଡ୍ ହିଥିଲାଇ । |
| ପାଠ ପଢ଼ି ପଢ଼ି ଦିନ ବିତିଯାଉଛି । | : ପାଠ୍ ପଢ଼ି ପଢ଼ି ଦିନ୍ ବିତଛି । |
| ସେ ଜଣେ ଭାରୁଆ ଲୋକଟିଏ । | : ସିଏ ଝଣେ ଭାରୁଆ ଲୁକ୍ଟାଏ । |
| ସେସ୍ଥାନ ଶୟନ ପାଇଁ ଉପଯୁକ୍ତ ଅଟେ । | : ସଜାଗା ଶୁଇବାକଇ ନିକ ଆଛି । |

ହସଖେଳ

(ଭାଗ-୨)

ପାଠ -୧

## ମନ ବଦଳିଲା (ମନ୍ ବଦଳିଲା)

| | |
|---|---|
| ଫଗୁଣ | : ଫଗୁଣ୍ |
| ଭାରି | : ଜବର୍ / ଭାରି |
| ଖରା | : ଖରା |
| ଭରା | : ଅଧିକ |
| ଶିକାର | : ଶିକାର୍/ପାରଧି |
| ଧନୁ | : ଧୁଣ୍ |
| ଶୋଷ | : ଶଷ୍ / ଶୁଷ୍ |
| ଦୟା | : ଦୟା |
| ଫୋପାଡ଼ିଦେବା | : ଫିଙ୍ଗିଦେବା |
| ଖଡ଼ିକା | : କମି, ଖଳିକା |
| ଲୁହା ଭାରି ଓଜନ | : ଲୁହା ଜୋର୍ ଓରଜନ |
| ଫୁଲ ଫଳ ଭରାଗଛ | : ଫୁଲ୍, ଫଲ୍ ଥିବା ଗଛ୍ |

ପାଠ-୨

## ଶଙ୍ଖୀ ବିଲେଇର ଶଙ୍ଖା

| | |
|---|---|
| ମାଙ୍କଡ | : ମାଙ୍କଲ୍ / ମାକଲ୍ |
| ପୁଡ଼ିଆ | : ପୁଟୁଳି |
| ବାଉଳା | : ବାଉଳି ହେବା |
| ଚୋବାଇ | : ଚାବଇ/ଚବାଇ |
| ହସ | : ହସ୍ /ହଂସ୍ |
| ମୁଦ୍ରା | : ଟଙ୍କା, ପଇସା |
| ଖେଳଣା | : ପୁତୁଳା / ଖେଲ୍ଣା |
| ହଂସ | : ହଂସ୍ |
| ଶୁଆ | : ରାଇକା |
| ମୂଷା | : ମୂଷା |
| ଦାମ | : ଦର୍ |
| ବୁଢ଼ାଟଙ୍କା ପୁଡ଼ିଆ ଧରିଛି । | : ବୁଢ଼ାଟା ଟଙ୍କା ମଂଟ୍ ଧେରିଛି । |
| ସାପ ଦେଖି ବାଉଳା ହେଲା । | : ସାପ୍ ଦେଖିକରି ବାଉଳି ହେଲା । |

## ପାଠ-୩
## ନଦୀବନ୍ଧି / ନଈବନ୍ଧି

ଡଙ୍ଗା : ଡଙ୍ଗା
ବର୍ଷା : ବର୍‌ଷା
ଅସୁବିଧା : ହଇରାଣ୍‌
ନିଆଁ : ନିଆଁ
ଡଙ୍ଗା ନଦୀପାର ପାଇଁ ବ୍ୟବହାର ହୁଏ । : ଡଙ୍ଗା ନଦୀ ପାର୍ ହେବାକଇ ବେହାର୍ ହିଅଇ ।
ମୋତେ ଅସୁବିଧା ହଉଛି । : ମକଇ ହଇରାଣ ହେଛି ।

## ପାଠ-୪
## ନେଉଁଳ ମୂଷାର ଘର ଦନା

ଏକଲା : ଏକ୍‌ଲା / ଏକୁଣା
ଅଢେଇ : ଦୁଇ ଅଧେ / ଅଢାଇ
ଠେକୁଆ : ଖେଳିଆ
ମୁଁ ଏକଲା ଅଛି । : ମୁଇଁ ଏକ୍‌ଲା ଆଛଇଁ ।
ମୋତେ ଅଢେଇ କେଜି ଦିଅ । : ମକଇ ଦୁଇ କିଲ ଅଧା ଦେଅ / ମକାଇ ଅଢାଇ କିଲ ଦେଅ ।

## ପାଠ-୫
## ବର୍‌ଷା

ବରଷା : ବର୍‌ଷା
କଲବଲ : ଛଟ୍‌ପଟ୍
ଶୋଷ : ଶଷ୍‌ / ଶୁଷ୍‌
ଓଠ : ଓଠକି / ଭଠ୍‌
ଆତୁର : ମେଘ୍‌
ମେଘ : ମେଷ୍‌
ତୋରଣ : ତୋରଣ, ଗେଟ୍‌
ତାକୁ କଲବଲ କରି ମାରିଲେ । : ତାକଇ କଲ୍‌ବଲ୍ କରି ମାରିଲାଇ ।
ରାଜ୍ୟରେ ମରୁଡ଼ି ଦେଖି ଆତୁର ହେଲେ । : ରାଇଜରେ ମରଡି ଦେଖିକରି ଛାନିଆଁ ହେଲାଏ ।
ମେଘର ରଙ୍ଗ ନୀଳ । : ମେଘର୍ ରଙ୍ଗ୍ ନୀଳିଆ ।
ଛାତରୁ ପାଣି ଝରିଲା । : ଛାତ୍‌ରୁ ପାଣି ଝରିଲାନେ ।
ତୋରଣ ଖୋଲ । : ଗେଟ୍ ଖୋଲ୍ ।

## ପାଠ-୬

## ହନୁ ମାଙ୍କଡ଼ର କଦଳୀ ଖିଆ

| | |
|---|---|
| ହନୁ | : ହନୁ ମାଙ୍କଡ଼୍ |
| ଭାରି | : ଓଜନ ଜୁର୍ |
| ନଦୀ | : ନଦୀ, ନଈ |
| ମୋଟ | : ସବୁଯାକ |
| ଧାଡ଼ି | : ଧାଳି |
| ଲମ୍ବା | : ନମ୍ବ୍ରାଁ / ନମା |
| ମାପିବା | : ନାପିବା |
| ଓସାର | : ମେଲ୍ଲୁ / ଅସାର୍ |
| ଜିଭ | : ଜିଭ୍ |
| ଖଟା | : ଆମ୍ବିଳା / ଆମିଳା |
| ନଦୀକୂଳରେ ଜାମ୍ବୁ ଗଛ | : ନଦୀକୁଳ୍‌ରେ ଜାମ୍‌ଗଛ୍ |

## ପାଠ-୭

## ମୂଷା ରଜା

| | |
|---|---|
| ଫୁଲମାଳ | : ଫୁଲ୍‌ମାଳ୍ |
| ମୁକୁଟ | : ମକୁଟ୍ |
| ଉଭା | : ସାମ୍‌ନାରେ ଦେଖାହେବା |
| ଧୂପ | : ଧୂପ୍ / ଖରା |
| ଦୀପ | : ଦୀପ୍ |
| ଜାଳି | : ଜାଳନ୍ତି |
| ମଉଜ | : ମଜା |
| ଉଣା | : କମ୍ |
| ଠାକୁରଙ୍କୁ ଫୁଲମାଳ ଦିଅ । | : ଦେବ୍‌ତାକି ଫୁଲ୍‌ମାଳ୍ ଦେଅ । |
| ରାଜ ମୁକୁଟ ପିନ୍ଧି ବାହାରିଲେ । | : ରାଜା ମକୁଟ୍ ପନ୍ଧିକରି ବାହାରିଲାଇ । |
| ଆମ ଗାଁରେ ଗଣେଶ ଠାକୁର ଉଭା । | : ଆମର ଗାଆଁରେ ଗଣେଶ ଠାକୁର୍ ବାହାରିଛନ୍ତ । |
| ଠାକୁରଙ୍କୁ ଧୂପ ଦିଆଯାଏ । | : ଦେବ୍‌ତା କି ଧୂପ୍ ଦେଉ୍ । |
| ସନ୍ଧ୍ୟାରେ ଦୀପ ଦିଅନ୍ତି । | : ସଞ୍ଜରେ ଦୀପ୍ ଦେନ୍ତ୍ । |
| କାଠ ଜାଳିବା । | : କାଠ୍ ଜାଳନ୍ତ୍ । |
| ଶ୍ୟାମ ମଉଜ କରୁଛି । | : ଶିଆମ୍ ମଜା କରୁଛି । |

### ପାଠ-୮

## ପଳା ପଳା ପୃଥିବୀ ଫାଟିଲା

| | | |
|---|---|---|
| ଶୃଗାଳ | : | ଶିଆଲ୍ |
| ମୃଗ | : | ମିରିଗ୍ |
| ବାଟଯାକ | : | ବାଟ୍‌ସାରା |
| ଖାଲିଜାଗା | : | ଖୋଲାଜାଗା / ମେଲାଜାଗା |
| ପାଳନ | : | ପାଳିବା / ମାନିବା |
| ଶୃଗାଳ କୁକୁଡ଼ା ଖାଏ । | : | ଶିଆଲ୍ କୁକୁଳି ଖାଇ । |
| ବାଟଯାକ ଗଛ ଲାଗିଛି । | : | ବାଟ୍ ସାରା ଗଛ ଲାଗିଛି । |
| ଖାଲି ଜାଗାରେ ଜିନିଷ ରଖ । | : | ମେଲା ଖୋଲା ଜାଗାନେ ଜିନିଷ / ସାମାନ୍ ରଖ । |
| କୁକୁର ପାଳନ କରିବା । | : | କୁକୁର ପୋଷିବା । |

### ପାଠ-୯

## ଓ୍ୱିକେଟ୍ ଟା ଉଡ଼ିଲା

| | | |
|---|---|---|
| ବୁଲିଆସିବା | : | ବୁଲିଆସିବା |
| ଚୁଲି | : | ଚୁଲି |
| ତଲଓ୍ୱାର | : | ଖଣ୍ଡା |
| ଜବାନ | : | ସିପାଇ |
| ଆସ ବଜାର ବୁଲି ଆସିବା । | : | ଆସ୍ ହାଟ ବୁଲି କରି ଆସିବା । |
| ଚୁଲିରେ ଭାତ ବସିଛି । | : | ଚୁଲିକେ ଭାତ୍ ବସିଛି । |
| ରାଜବଂଶରେ ତଲଓ୍ୱାର ଶିକ୍ଷା କରୁଥିଲେ । | : | ରାଜ୍ ବଂଶ୍‌ରେ ଖଣ୍ଡା ଚଲାଇବା ଶିଖିଥିଲାଇ । |
| ଆମଦେଶକୁ ରକ୍ଷା କରନ୍ତି । | : | ଆମର୍ ଦେଶକି ରଇକ୍ଷା କରନ୍ତ୍ । |

### ପାଠ-୧୦

## କାଂଚନ୍‌ର ପାଂଚ୍‌ଟା କଥା

| | | |
|---|---|---|
| ଦିନକର | : | ଏକ ଦିନ୍‌ର୍ |
| ହତା | : | ହତା |
| କଷଣ | : | ଦୁଃଖ୍ |
| ଉପାୟ | : | ବୁଦ୍ଧି / ଉପାଇ |
| ସଂଚୟ | : | ଏକାଠି / ଗଦା କରିବା |
| ଏଇଟା ଦିନକର କାମ । | : | ଇଟା ଏକ୍ ଦିନର୍ କାମ୍ । |

ଘର ଭିତରେବହୁ ଲୋକ ଅଛନ୍ତି । : ଘର୍ ଭିତ୍‌ରେ ଢବର ଲୁକ୍ ଆଛନ୍ତ୍ ।
ମହନ ବେଶି କଷ୍ଟରେ ଅଛି । : ମହନ୍ ବହୁତ୍ କଷଟରେ ଆଛି ।
ପୁଅ ପାଇଁ ବାପା ଟଙ୍କା ସଂଚୟ କରୁଛନ୍ତି । : ପୁଅର ଲାଗି ବୁଆ ଟଙ୍କା ଛିମା କରଛନ୍ତ୍ ।

## ପାଠ-୧୧

## ଏଢ଼େ ପିଢ଼୍

ବୈଶାଖ : ବୈଶାଖ୍
ଐରାବତ : ହାତୀ
ହନୁ : ହନୁ ମାଙ୍କଲ୍
ତରଭୁଜ : ତରଭୂଜ୍
ଦୈନିକ : ସବୁଦିନ୍ / ଦିନ୍‌ଦିନ୍
ମାଂସ : ମାଉଁସ/ମାଇଁସ୍
ଐତିହାସିକ : ଇତିହାସ୍‌ର କଥା
ବୈଶାଖ ମାସରେ ଆମ୍ବ ପାଚେ । : ବୈଶାଖ୍ ମାସ୍‌ରେ ଆମ୍ ପାଚଇ ।
ଢଦୁଢଦିଆ ଖରା ହେଉଛି । : ଟାଇଁ ଟାଇଁ ଖରା ହେଲି ।
ରଘୁ ଦୈନିକ ପରିବା ଆଣେ । : ରଘୁ ସବୁଦିନ୍ ପନିପରିବା ଆଣଇଁ ।
ହାତୀପଥର ଗୋଟିଏ ଐତିହାସିକ ସ୍ଥାନ । : ହାତୀ ଟାଙ୍ଗର୍ ଗୁଟାଇ ଐତିହାସିକ୍ ଜାଗା ।

## ପାଠ-୧୨

## ଖଞ୍ଜଣି ବାଜାର୍ ମଁଜା

ଖଞ୍ଜଣି : ଖଞ୍ଜଣି
ନାଚ : ନାଁଚ୍
ମିରିଗ : ମିରିଗ୍
ପିଞ୍ଜରା : ପାଞ୍ଜରି / ଘାରି
ମଞ୍ଜା : ମଞ୍ଜା/ମୁଞ୍ଜା
ବଳୁଛି : ବଳିଛି
ପିଲା ଖଞ୍ଜଣି ବଜାଇ ନାଚୁଛି । : ଟକାଟା ଖଞ୍ଜଣି ବଜାଇ୍ ବଜାଇ୍ ନାଁଚଛି ।
ପିଞ୍ଜରାରେ ଶୁଆ ଅଛି । : ପାରିକେ ରାଇକା ଆଛି ।
କଦଳୀ ଗଛର ମଞ୍ଜା । : କଦ୍‌ଳୀ ଗଛ୍‌ର ମଞ୍ଜି / ମଞ୍ଜ୍ ।

## ପାଠ-୧୩

## ଟଂଟିକେ କଂଟା ଲାଗିଛି

| | |
|---|---|
| ସଳଖି | : ସଳକି |
| ବଇଦ | : ବଇଦ |
| ଚଣ୍ଡି | : ଟଣ୍ଡି |
| ପିଲାମାନେ ସଳଖ ହୋଇ ଚାଲୁଛନ୍ତି । | : ପିଲାଳା ସଳଖି କରି ଚଲାଛନ୍ତ୍ । |
| ବଇଦ ରୋଗୀକୁ ଭଲ କରନ୍ତି । | : ବଇଦ ରୁଗୀକଇ ନିକ କରନ୍ତ୍ । |

## ପାଠ-୧୪

## ଝିଅ ହେବ ହେନେ ଇମିତିର୍

| | |
|---|---|
| ପରିବାର | : କୁଟୁମ୍ |
| ଅଭାବ | : ମହରଗ୍ |
| ଖରାପ | : ଖେରାପ୍ / ହେମନ୍ତ୍ |
| ଝଡ଼ | : ଝଡ଼୍ / ଝଳିଆ |
| ସହିପାରିବା | : ସମାଳିପାରିବା |
| ବତାସ | : ତୁଫାନ |
| ଦୁଃସାହସ | : ସାହସିଆ |
| କୌତୁକିଆ | : କୁତ୍କୁତିଆ, ଫେଡିରିଆ |
| ବାଟୋଇ | : ବାଟୋଇ |
| ଝାଳନାଳ | : ଝାଲ୍ନାଲ୍ |
| ପରିବାର କହିଲେ ବାପା, ଅପା, ଭାଇ, ଭଉଣୀ | : କୁଟୁମ୍ କହିନେ ବୁଆ, ଝି, ଭାଇ, ନାନି |
| ଝଡ଼ ତୋଫାନ କୁ ବଡ଼ ଭୟ । | : ପାଣି ପବନକଇ ବଡେ ଡ଼ର୍ । |
| ପୁରୁଷର ସହିପାରିବା ଭଲଗୁଣ । | : ଅଣ୍ଡିରାର ସଇବାଟା ନିକ ଗୁଣ୍ । |
| ବତାସ ଓଡ଼ିଶାର ଦୁଃଖ । | : ବତାସ୍ ଓଡ଼ିଶାର୍ ଦୁଃଖ୍ । |
| ଅଜୟ ଦୁଃସାହସ ବାଳକ । | : ଅଜୟ ସାହସିଆ ଟକା । |
| ଛେଳିଛୁଆ ଦେଖିବାକୁ କୌତୁକିଆ । | : ଛେଲିଛୁଆ ଦେଖିବାକୁ ଛିନ୍ଛିନିଆ । |
| ଜଣେ ବାଟୋଇ ରାସ୍ତାରେ ଯାଉଛି । | : ଝଣେବାଟୋଇ ବାଟ୍କେ ଯାଛି । |
| ପିଲାଟି ଝାଳନାଳ ହୋଇଛି । | : ଟକାଟା ଝାଲ୍ନାଲ୍ ହିଛି । |

## ପାଠ-୧୫

## ରତ୍ନାକରର୍ ଜନମ୍ ଦିନ

| | |
|---|---|
| ବଡ଼ିଭୋର | : ଭୋର୍ ସକାଳୁଁ |
| ସ୍ନାନ | : ଗାଧିବା |
| ପ୍ରଣାମ | : ଜୁହାର |
| ଉପହାର | : ଉପହାର୍ |
| ପ୍ରସାଦ | : ପରସ୍ଥୁ ଭୁଗ୍ |
| ଅନ୍ନ | : ଭାତ୍ |
| ଜହ୍ନି | : ଜହ୍ନି |
| ପିଲାମାନେ ବଡ଼ିଭୋରରୁ ଉଠିଲେ । | : ଛୁଆଳା ସକାଳୁ ସକାଳୁ ଉଠିଲାଇ । |
| ପୂଜାରୀ ସ୍ନାନ କରୁଛନ୍ତି । | : ଦେହୁରୀଟା ଗାଧିଛି । |
| ପିଲାମାନେ ଗୁରୁଙ୍କୁ ପ୍ରଣାମ କରନ୍ତି । | : ପିଲାଳା ମାଷ୍ଟରଟାକେ଼୍ ଜୁହାର କରନ୍ତ୍ । |
| ଆସ ଭାତ ଖାଇବା । | : ଆଇ ଭାତ୍ ଖାବା । |
| ଆମ ବାଡ଼ିରେ ଜହ୍ନି ଲତା ମାଡି ଅଛି । | : ଆମର ବାଳିରେ ଜହ୍ନି ଲଟି ମାଡିଛି । |

## ଦ୍ୱିତୀୟ ଶ୍ରେଣୀ

## ପାଠ-୧

## ହସ୍‌ଖୁସି

| | |
|---|---|
| କାଉ ଉଡୁଛି । | : କାଉ ଉଡ଼ୁଛି । |
| ପାଣି ବଢୁଛି । | : ପାଣି୍ ବଢ଼ୁଛି । |
| ସୂର୍ଯ୍ୟ ବାହାରୁଛନ୍ତି । | : ବେଲ୍ ବାହାରଛି । |
| ପାଣି ନେଉଛନ୍ତି । | : ପାଣି ନେଛନ୍ତ୍ । |
| କରନ୍ତି | : କରନ୍ତି୍ |
| ପୁଅ ଓ ଝିଅ ଦୋଳି ଖେଳୁଛନ୍ତି । | : ଟକା ଟକୀ ଦଳି ଖେଳଛନ୍ତ୍ । |
| ହରିଣ ଜଙ୍ଗଲରେ ରହେ । | : ମିରିଗ୍ ବଣ୍‌ରେ ରହଇ । |
| ବଳଦ ଚଷ କରେ । | : ହଳିଆ ଚାଷ୍ କରଇ । |
| ମୟୂରନାଚେ । | : ମଞ୍ଜୁର ନାଚଇ । |
| କୁକୁଡ଼ା ଡାକେ । | : କୁକୁଳି ରଳଇ । |
| କୁକୁର ଭୁକେ । | : କୁକୁର ଭୁକଇ । |
| ବଗିଚାରେ ଫୁଲ ଫୁଟିଛି । | : ବାଳିରେ ଫୁଲ୍ ଫୁଟିଛି । |
| ବିଲେଇ ଘରେ ରହେ । | : ବିଲାଇ ଘରେ ରହଇ । |

| | |
|---|---|
| ବିଲୁଆ ଘରୁ କୁକୁଡ଼ା ନେଇଯାଏ । | : ସିଆଳ ଘରରୁଁ କୁକୁଡ଼ି କାକୟ ନେଇଁ । |
| ସ୍କୁଲକୁ ଯାଅ । | : ଇସ୍‌କୁଲକୟ୍ ଯାଅ । |
| ବେଙ୍ଗ ପାଣିରେ ରହେ । | : ବେଙ୍ଗ୍ ପାଣିକେ ରହଇ । |
| ନଡ଼ିଆ ମନ୍ଦିରକୁ ଦିଆଯାଏ । | : ନଡ଼ିଆ ମନ୍ଦିର୍‌କୟ୍ ଦିଆଯାଏ । |

## ନିଜ ବେଭାର

| | |
|---|---|
| ପିତା ମାତାଙ୍କୁ ନମସ୍କାର କରିବା । | : ମା ବାବାକେ ଜୁହାର୍ କରିବା । |
| ଭାଇ ଭଉଣୀଙ୍କୁ ସ୍ନେହ କରିବା । | : ଭାଉ ଭଉଣୀକୟ୍ ଆଦର୍ କରିବା । |
| ଗୁରୁଜନଙ୍କ କଥା ମାନି ଚଳିବା । | : ମାଷ୍ଟ୍ରର୍‌ଲାର୍ କଥା ମାନି ଚଳିବା । |
| ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା । | : ଇସ୍‌କୁଲକୟ ଠିକ୍ ବେଳାରେ ଆସିବା । |
| ଖାଇବା ପୂର୍ବରୁ ହାତ ଧୋଇବା । | : ଖାବା ଆଗରୁ ହାତ୍ ଧେଇବା । |
| ରାସ୍ତା ମଝିରେ ନ ଚାଲିବା । | : ବାଟ୍ ମଞ୍ଜିରେ ଘଲ ନାଇଁ । |
| ବଡଲୋକଙ୍କ ସହ ଯୁକ୍ତି ତର୍କ ନ କରିବା । | : ବଡ଼୍‌ଲୁକ୍ ସାଙ୍ଗେ ଯିଧିବାଦୀ କର ନାଇଁ । |

## ଦ୍ୱିତୀୟ ଶ୍ରେଣୀ

## ହସଖୁସି

| | |
|---|---|
| ଗପକହ । | : ବଖାଣି କହ / ଗପ୍ କହ / କଥାଣ୍ଠୀ କହ । |
| ସକାଳ | : ସକାଲ୍ |
| କାଉ ଉଡୁଛି । | : କାଉ ଉଡଛି । |
| ଉଡୁଛି | : ଉଡ଼ଛି |
| ପାଣି ଖୋଜୁଛି । | : ପାଣ୍ଡି ଖଜଛି । |
| ଗୋଟେ ଜାଗାରେ କୂଅ ଥିଲା । | : ଗଟେ ଜାଗାରେ କୁଉ ଥିଲା / କୁଆଁ ଥେଲା । |
| ସେଥିରେ ହାଣ୍ଡିଥିଲା । | : ସେଠି ହାଣ୍ଡିଟାଏ ଥିଲା । |
| ଦେଖିଲା | : ଦେଖିଲା |
| ହାଣ୍ଡିରେ ବସିଲା । | : ହାଣ୍ଡିକେ ବସିଲା । |
| ଅଧା ପାଣି ଥିଲା । | : ଅଳପ୍ ପାଣ୍ଡି ଥିଲା । |
| ସେ ଚିନ୍ତା କଲା । | : ସିଏ ଭାବିଲା । |
| ଗୋଡ଼ି ପକେଇଲେ ପାଣି ଉପରକୁ ଉଠିବ । | : ଗୁଡ଼ି ପକାଇଲେ ପାଣି ଉପର୍‌କଇ ଉଠିଆକ୍ । |
| ଉଠିଲା | : ଉଠିଲା |
| କାଉ | : କାଉ / କୁଆ |
| ଖୁସିରେ ଥଂଟ ବୁଡ଼ାଇ ପିଇଲା । | : ଖୁସିରେ ଟଂଟ ବୁଡ଼ାଇ ପିଇଲା । |

## ଦ୍ୱିତୀୟ ଶ୍ରେଣୀ

## ହସଖୁସି

ଚିତ୍ରଦେଖ୍ଲି : ଚିତ୍ର ଦେଖ୍ଲି
ଗପକହ : ବଖାଣ୍ କହ / ଗପ୍ କହ
ଉଡୁଛି : ଉଡ଼୍ଛି
ଅଧାପାଣି : ଅଳପ୍ ପାଣି
ପକେଇଲେ : ପକାଇଦେଲାଇ
ଉପରକୁ : ଉପର୍କଇ
ଥଂଟ : ଥଂଟ
ପିଲାମାନେ ଚିତ୍ର ଦେଖୁଛନ୍ତି । : ଛୁଆଳା ଚିତ୍ର ଛବି ଦେଖଛନ୍ତ୍ ।
ଜଣେ ଗପ କହୁଛି । : ଝଣେ ବଖାଣି କହଛି ।
ପିଲାଦୃଶ୍ୟ ଦେଖୁଛି । : ପିଲାଟା ଚିତ୍ର ଦେଖ୍ଛି ।
ଚଢେଇ ଉଡୁଛି । : ଚଳଇଟା ଉଡ଼୍ଛି ।
ହାଣ୍ଡିରେ ଆଧା ପାଣି ଅଛି । : ହାଣ୍ଡିରେ ଅଧାପାଣ୍ ଆଛି ।
ପିଲାମାନେ ପାଣି ପକେଇଲେ । : ପିଲାଳା ପାଣ୍ ପକ୍ଲାଇ ।
ପିଲା ଉପରକୁ ଚଢିଲା । : ପିଲା ଉପରକଯ ଉଠିଲା ।
ବଗ ଥଂଟରେ ମାଛ ଧରିଛି । : ବଗ୍‌ଟା ଥଂଟକେ ମାଛ୍ ଧେରିଛି ।

## ବେଙ୍ଗ୍‌ଟା କେଁକଟର କରଛି

ଶୀତୁଆ ସକାଳ । : ଶୀତୁଆ ସକାଲ୍ / ଜାଡ଼ ସକାଲ୍ ।
ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । : ଘେରିଆଳେ କୁହୁଳି ପୁରିଛି ।
ନୂଆ ସୁର ଅଭ୍ୟାସ କର । : ନୂଆ ସୁର୍ ବାହାର କର୍ ।
ନିର୍ଦ୍ଦେଶ : ବାଟ୍ ଦେଖା, ଆଦେଶ୍
କଇଁଛର ମର୍ଦ୍ଦଳ : କଛିଅଁର ମର୍ଦ୍ଦଲ୍
ପାଣି ଧଣ୍ଡର ବଂଶୀ : ପାଣି ଧଣ୍ଡର୍ ବଂଶୀ
କଙ୍କଡ଼ା : କଙ୍କଳା
ହାର ମୋନିୟମ୍ : ହାରମାନୀ
ମାଙ୍କଡର ଢୋଲକି : ମାଙ୍କଳର ଢ଼ୋଲ୍
ଆଖଡାଘର କର୍ମ ଉଠିବ । : ଆଖଡ଼ା ଘର୍ କର୍ମ ଉଠିଆକ୍ ।
ମାଟିରେ ଶୋଇବା : ଉଟାରେ ଶୋଇବା / ତଳେ ଶୋଇବା
ବିଜୁଳି ଚମକ : ବିଜ୍‌ଲି ମାରଛି

| | |
|---|---|
| ଘଡ଼ଘଡ଼ି ଶବ୍ଦରେ | : ଘଡ଼ଘଡ଼ି ଶବଦ୍ କରଛି |
| ସୂର୍ଯ୍ୟ ଉଦୟ | : ବେଲ୍ ବାହାରିବା |
| ଚତୁର୍ଦ୍ଦଶୀ | : ଚତୁର୍ଦ୍ଦଶୀ |
| ଉଦ୍ଧାର | : ଧାର ଆଣିବା / ଉଧାର କରିବା |

## ବେଙ୍ଗ୍‌ଟା କେଁ କଟର କରଛି

| | |
|---|---|
| ଚତୁର୍ଦ୍ଦିଗ | : ଘରିଆଳେ |
| ଚତୁର୍ଦ୍ଦିଗ ଭଲ । | : ଘରିଆଳେ ନିକ, ବଢ଼ିଆଁ । |
| ଗୀତ | : ଗୀତ୍ |
| ରାମ ସଂଗୀତ ଗାଏ । | : ରାମ ଗୀତ୍ ଗାଏ । |
| ନୂଆସୁର ଅଭ୍ୟାସ । | : ନୂଆଁସୁର୍ ଅଭ୍ୟାସ୍ କରଛି । |
| ଧଣ୍ଡସାପ ପାଣିରେ ରହେ । | : ପାଣି ଧଣ୍ଡ୍ ପାଣିକେ ରହଇ । |
| କଙ୍କଡ଼ା ଖାଆନ୍ତି । | : କଙ୍କଳା ଖାଛନ୍ତି । |
| ଆଜି ଥଣ୍ଡା ପାଗ ହେଉଛି । | : ଆଜି ଥଣ୍ଡା ପାଗ୍ ହେଛି । |
| ମାଟିରେ ଇଟା ଗଢ । | : ମାଠିକେ ଇଟା ବନାଅଁ । |
| ବିଜୁଳି ମାରୁଛି । | : ବିଜ୍‌ଳି ମାରଛି । |
| ଚତୁର୍ଦ୍ଦିଗ  କୁହୁଡ଼ି ହୋଇଛି । | : ସବୁଆଳେ କୁହୁଳି ମାଡିଛି । |
| ମୁଁ ସଙ୍ଗୀତ ଗାଉଛି । | : ମୁଇଁ ଗୀତ ଗାଉଁଛଇଁ । |
| ସେ ମର୍ଦ୍ଦଳ ବଜାଉଛି । | : ସିଏ ମାଦଳ ବଜାଉଛି । |
| ସେ କଙ୍କଡ଼ା ଧରୁଛି । | : ସିଏ କଙ୍କଳା ଧେରଛି । |
| ଆଜି ଥଣ୍ଡା ପାଗ ହେଉଛି । | : ଆଜି ଠଣ୍ଡାପାଗ୍ ହେଛି । |
| ମୁଁ ମାଟିରେ ଘର କରିଛି । | : ମୁଇଁ ମାଣ୍ଡିକେ ଘର କରିଛଇଁ । |
| ବର୍ଷାରେ ବିଜୁଳି ମାରୁଛି । | : ବରଷାରେ ବିଜ୍‌ଲି ମାରଛି । |
| ଆମେ ପୃଥିବୀରେ ଅଛୁ । | : ଆମେ ବାସକୀରେ ଆଛୁ । |

## ଏକାଠି ହେନେ ବଳ ଆସଇ

| | |
|---|---|
| ବସିଲା ସଭା ବିଚାରିଲେ | : ମିଟିନ୍ ହେଲା ଆଉ ବିଘର୍ କଲାଇ |
| ଆଖୁ ଘଷ କରିବା | : ଆଖୁ ଘଷ୍ କରିବା |
| ଯତନେ କିଆରି ତିଆରି କଲେ | : ଯତନ୍‌ରେ ବିଲ୍ ବନ୍‌ଲାଇ |
| ବାଛି ବାଛି ଚାରା ଲଗାଇଦେଲେ | : ବାଛି ବାଛି ତଳି ଲଗାଇ ଦେଲାଇ |
| କିଆରିରେ ଦେଲେ | : କିଆରିରେ ଦେଲାଇ |

ପାତି ମାଙ୍କଡ଼କୁ ଦେଲେ ଜଗାଇ : ପାତି ମାଙ୍କଳକଇ୍ ଜଗାଇ ଦେଲାଇ
ବଢିଗଲା ଆଖୁ ହେଲା ପାକଳ : ଢ଼େଙ୍ଗୀ ହେଲା ଆଖୁ ପାକଳ ହେଲା
ହାତୀର ପାଟିରୁ ଗଡ଼ିଲା ଲାଳ : ହାତୀର୍ ଟୁଣ୍ଡ୍ରୁ ପଳୀଲା ଲାଲ୍
ଆଖୁ କିଆରିରେ ପଶିଲା ହାତୀ : ଆଖୁ ଜମିରେ ଢୁକିଲା ହାତୀ
ଡାକିଲା ପାତି : ଡାକିଲା ପାତୀ
ଶୁଣିଲେ ପିମ୍ପୁଡ଼ି ଆସିଲେ ଧାଇଁ : ଶୁଣିଲେ ପିମ୍ପଲ୍  ଆସିଲାଇ ଦବଡ଼ି
ହାତୀ ପିମ୍ପୁଡି ଙ୍କ ହେଲା ଲଢେଇ : ହାତୀ ପିମ୍ପଲ୍ ଲଗାଲଗି ହେଲାଇ
ପିମ୍ପୁଡ଼ି କାମୁଡ଼ା ସହି ନ ପାରି : ପିମ୍ପଲ୍ ଋବିବା ସମ୍ଭାଳି ନ ପାରି
ହାତୀ ପଳାଇଲା ଜୀବନ ଧରି : ହାତୀ ପଳ୍ଲା ଜୀବନ କଇନେଇଁ
କିଆରିରେ ହାତୀ ରହିଲା ନାହିଁ : ଜମିରେ ହାତୀ ନାଁ ରହିଲା
ଖୁସିରେ ପିମ୍ପୁଡ଼ି ଉଠିଲେ ଗାଇ : ଖୁସିରେ ପିମ୍ପଳି ଗାଲେ ଗୀତ
ହାତୀ ଖାଇଯିବ ଆମ ସମ୍ପତି : ହାତୀ ଖାଇ ଯିବାକ୍ ଆମର୍ ଧନ
ଛାଡ଼ିଦେବୁ ଆମେ : ଆମେ ନାଛାଡ଼ି ଦେଉଁ

## ଏକତାର୍ ବଲ୍

ବାଡ଼ : ଅଟରା / ବେଦାଳ
ମାଙ୍କଡ଼ : ମାଙ୍କଲ୍
ବଢିଗଲା : ବଢ଼ିଲା
ପାଟି : ଟୁଣ୍ଡ୍
ଲାଳ : ଲାଲ୍
ପିମ୍ପୁଡ଼ି : ପିମ୍ପଳି
ଲଢେଇ : ଲଢ଼ାଇ / କଳି / ମାରପିଟ୍
ସହି ନ ପାରି : ସହି ନା ପାରି
ଖୁସି : ଉଷତ୍
ସମ୍ପତି : ଧନ୍
ମୋର କିଆରି ଅଛି । : ମର୍ ଜମି ଆଛି ।
ମୋର ବାଡ ଥିଲା । : ମର୍ ଅଟରା ଥିଲା ।
ମାଙ୍କଡ଼ ଗଛରେ ଅଛି । : ମାଙ୍କଲ୍ ଗଛ୍କେ ଆଛି ।
ଗଛ ବଢିଗଲା । : ଗଛ୍ ବଢିଗଲା ।
ମୋର ମାଟି ଅଛି । : ମର ମାଟି ଆଛି ।
ମତେ କାକୁଡ଼ି ଦେଖି ଲାଳ ଗଡ଼ିଲା । : ମକଇ କାକଳି୍ ଦେଖିକରି ଲାଲ୍ ପଡ଼ିଲା ।
ପିମ୍ପୁଡ଼ି ମନ୍ଦା ମନ୍ଦା ଅଛନ୍ତି । : ପିମ୍ପଳି ଟେଳାଟେଳା ଆଛନ୍ତ୍ ।
ଦୁଇ ସାଙ୍ଗ ଲଢେଇ କରୁଥିଲେ । : ଦୁଇ ସାଙ୍ଗ୍ ପିଟାପିଟି କରଥିଲାଇ ହେଥିଲାଇ ।

## ଦ୍ୱିତୀୟ ଶ୍ରେଣୀ

## ଗାଁର ସକାଲ୍

| | |
|---|---|
| ସକାଳ ସୂର୍ଯ୍ୟ ଉଦୟ ହେଲେ । | : ସକାଲ୍ ବେଲ୍ ବାହାର୍ ହେଲା । |
| ଲୋକ ମୁହଁ ଧୋଇ ନିଜନିଜ କାମ କରନ୍ତି । | : ଲକ୍‌ଲା ମୁହୁଁ ଧେଇ ଜେଝାଜେଝା କାମ୍ କରଛନ୍ତ୍ । |
| ମାଁ ମାନେ ସକାଳେ ଉଠି ଦାଣ୍ଡ ସଫା କରନ୍ତି । | : ମାଁ ଲକ୍ ସକାଣ୍ଣୁ ଉଠି ଡାଣ୍ଡ୍ ଖରକ ଛନ୍ତି । |
| ପାଣି ଘରକୁ ନିଅନ୍ତି । | : ପାଣି ଘରକଯ୍ ନେଏନ୍ତ୍ । |
| ଗାଧୋଇ | : ଗାଧାଇ |
| ଗଛରେ | : ଗଛ୍‌କେ |
| କରନ୍ତି | : କରନ୍ତ୍ |
| ଆଉ ପିଲାମାନେ ଦାଣ୍ଡରେ ଖେଳନ୍ତି । | : ଆରି ଛୁଆମାନେ ଡ଼ାଣ୍ଡ୍‌କେ ଖେଳନ୍ତ୍ । |
| କେତେ ପିଲା ସ୍କୁଲକୁ ଯାଆନ୍ତି । | : କେତେ ଛୁଆ ଇସ୍‌କୁଲକଇ ଯାଆନ୍ତ୍ । |
| ଗାଁ ଦାଣ୍ଡରେ ବସି କଥାବାର୍ତ୍ତା କରନ୍ତି । | : ଗାଁ ଡ଼ାଣ୍ଡ୍‌ରେ ବସିକରି କଥାବାର୍ତା କରନ୍ତ୍ । |
| ଗିନାଥାଳି ମାଜନ୍ତି । | : ଗିନାଥାଳି ମାଜନ୍ତ୍ । |

## ଦ୍ୱିତୀୟ ଶ୍ରେଣୀ

## ନଳା ଘର୍ ବନମା

| | |
|---|---|
| ଦୁଇସାଙ୍ଗ | : ଦି-ସାଙ୍ଗ |
| ଦୁହେଁ ବୁଲୁଥିଲେ । | : ଦିଝଣ ବୁଲଥିଲାଇ । |
| କିଛି ଲୋକ | : କିଛି ଲକ୍ |
| ଗୋଟିଏ ବଡ଼ଗଛରେ ଠିଆ ହୋଇଥିଲେ । | : ଗଟେ ବଡ଼ ଗଛ୍‌କେ ଠିଆ ହିଥିଲାଇ । |
| ସେ ଗଛରେ ଥିବା ପକ୍ଷୀ ମାନଙ୍କୁ ଭଲ ପାଉଥିଲେ । | : ସି ଗଛକେ ଥିବା ଚଳଇ ମାନ୍‌କଇ ଭଲ୍ ପାଆଥିଲାଇଁ । |
| କବୁଲୁ କହିଲା ସେଠାରେ ଭିଡ଼ କାହିଁକି ? | : କବୁଲ କହଲା ସେଠି ଜବର ଲକ୍ କିସ୍‌କଇ ? |
| ରଙ୍ଗ କହିଲା ଚାଲ ଯାଇ ଦେଖିବା । | : ରଙ୍ଗ୍ କହଲା ଚାଲ୍ ଯାଇ ଦେଖିବା । |
| ଦୁହେଁ ସେଠାକୁ ଗଲେ । | : ଦିଝଣ୍ ସିଟିକି ଗଲାଇ । |
| ଲୁଚିକରି କଥା ଶୁଣିଲେ । | : ଛାପିକରି କଥା ଶୁଣିଲାଇ । |
| ଡରିଗଲେ | : ଡରି ଗଲାଇ |
| ଆମ ଗଛକୁ କାଟିଦେବେ । | : ଆମର୍ ଗଛ୍ ଟାକଇ କାଟିଦେବାଇ । |
| ବର୍ଷାଦିନ | : ବରଷା ଦିନ୍ |
| ପକ୍ଷୀମାନେ | : ଚଳଇମାନେ |
| କରିବେ | : କରିମାଇଁ |

| | |
|---|---|
| ଘର ଭାଙ୍ଗିଯିବ । | : ଘର ଭାଙ୍ଗିଯିବାକ୍ । |
| ବିଗର | : ଭାବିବା |
| ରହିବେ କେଉଁଠି ? | : କେଁଠି ରହିବାଇ ? |
| ଶୋଇବେ କେଉଁଠି ? | : ଶଇବାଇ କେଁଠି ? |
| ପିଲା ପୋଷିବେ କେମିତି ? | : ଛୁଆ କେମନ୍ତ କରି ପୋଷିବାଇ ? |
| ବୁଲୁଥିଲେ | : ବୁଲଥିଲାଇ |
| ଦୁହେଁ | : ଦିଝଣ ଯାକ |
| କାଟିଦେବେ | : କାଟିଦେବାଇ |
| ପୋଷିବେ | : ପାଳିବାଇ / ରଖିବାଇ |
| ବଗିଚରେ ବୁଲୁଥିଲେ । | : ବାଳିରେ ବୁଲଥିଲାଇ । |
| ସେମାନେ ବୁଲୁଥିଲେ । | : ସେମାନେ ବୁଲଥିଲାଇ । |
| ରାମ ଓ ସାମ ଦୁହେଁ ବୁଲୁଥିଲେ । | : ରାମ ହାର ସାମ ବୁଲଥିଲାଇ । |
| ପିଲାମାନେ ଦୌଡ଼ି କାଟିଦେବେ । | : ପିଲାମାନେ ଦେଉଳ କାଟିଦେବାଇ । |

## ଚିତ୍ରକଇ ଦେଖି କଥାଣି କଉ

| | |
|---|---|
| ଗୋଟିଏ ଜଙ୍ଗଲରେ ପୋଖରୀ ଥିଲା । | : ଗୁଟା ବଣରେ ପୋଖରି ଥିଲା । |
| ପୋଖରୀରେ କଇଁଛ ରହୁଥିଲା । | : ପୋଖରୀରେ କଛିମ୍ ରହଥିଲା । |
| ଖରାବେଳେ ଠେକୁଆକୁ ଶୋଷ ଲାଗିଲା । | : ଖରାବେଳେ ଖେଳିଆକୟ୍ ଶଷ୍ ଲାଗ୍ଲା / କଲା । |
| ଠେକୁଆ ପାଣି ଖୋଜି ବୁଲିଲା । | : ଖେଳିଆ ପାଣି ଖଜି ବୁଲିଲା । |
| ସେ ପୋଖରୀଟିଏ ଦେଖିଲା । | : ସିଏ ପଖରୀଟାଏ ଦେଖଲା । |
| ପାଣି ପିଇବି କହିବାରୁ ମନାକଲା । | : ପାଣି ପିଇବି କହିଲାରୁ ମନା କଲା । |
| କଇଁଛ: ମୁଁ ଜଙ୍ଗଲ / ପୋଖରୀର ରାଜା କହିଲା । | : କଇଁଛ୍: ମୁଇଁ ଜଙ୍ଗଲ / ପଖରୀର ରାଜା ବଲା । |
| ଠେକୁଆ :ମୁଁ ଜଙ୍ଗଲର ରାଜା କହିଲା । | : ଖେଳିଆ: ମୁଇଁ ଜଙ୍ଗଲର ରାଜା ବଲା । |
| ସେମାନେ ନିଜକୁ ବଡ଼ କହିଲେ । | : ସେମାନେ ନିଜ୍କୁ ବଡ଼ କହିଲାଇ । |
| ସେତେବେଳେ ସେମାନେ ଠିକ୍ କଲେ । | : ସେବେଁ ସେମାନେ ଠିକ୍ କରିଲାଇ୍ । |
| ଯିଏ ଦ୍ରୁତ ଗତିରେ ଦୌଡ଼ିବ । | : ଯିଏ ଜୋରରେ ଘଟିକିଆକ୍ । |
| ଯିଏ ଆଗରେ ପର୍ବତ ମୁଣ୍ଡିକୁ ଯିବ । | : ଯିଏ ଆଗେ ପର୍ବତ୍ ମୁଣ୍ଡିକଇ ଯିଆକ୍ । |
| ଯିଏ ଆଗ ସେ ହେବ ବଡ଼ । | : ଯିଏ ଆଗେ, ସିଏ ହେବ ବଡ୍ । |
| ଦୌଡ଼ିବା ଆରମ୍ଭ କଲେ । | : ଘଟକିବା ଆରମ୍ଭ କଲାଇ । |
| କଇଁଚ ତାର ଗତିରେ ଗଲା । | : କଇଁଛ୍ ତାର ଗତିରେ ଗଲା । |
| ଠେକୁଆ ତାରି ଗତିରେ ଦ୍ରୁତରେ ଗଲା । | : ଖେଳିଆ ତାର ଗତିରେ ଜୋର୍‌ରେ ଗଲା । |

| | |
|---|---|
| ଦୌଡ଼ିବା ବେଳେ ବାଟରେ ଥକି ଗଲା । | : ଘଟକିବା ବେଳେ ବାଟ୍‌ରେ ଥକି ଗଲା । |
| ଛାଇରେ ବିଶ୍ରାମ ନେଲା । | : ଛାଇକଇ  ଆରାମ / ଥକା ମାରିଲା । |
| ଦେଖିଲା କଇଁଛ ବହୁ ପଛରେ ଅଛି । | : ଦେଖ୍‌ଲା କଇଁଛ୍ ଢୁର୍ ପଛରେ ଆଛି । |
| ସେ ଭିତରେ ଠେକୁଆ ଶୋଇ ପଡ଼ିଲା । | : ସେଇ ଭିତ୍‌ରେ ଖେଳିଆ ଶୁଇ ପଜିଲା । |
| ତାପରେ ଧିରେଧିରେ କଇଁଛ ପହଂଚିଲା । | : ତା'ପଛେ କଇଁଛ୍ ଥିର୍‌ଥିର୍ ପହଂଚିଲା । |
| ଠେକୁଆକୁ ପାରି କରି ଆଗକୁ ଗଲା । | : ଠେକୁଆକୟ୍ ପାର୍‌ହି କରି ଆଟିଲା କୟଗଲା । |
| ଆଗରେ ଯାଇ ପର୍ବତ ମୁଣ୍ଡିରେ ପହଂଚିଲା । | : ଆଗେ ଯାଇ କରି ପର୍ବତ୍ ମୁଣ୍ଡିରେ ପହଂଚିଲା । |
| ପରେ ଠେକୁଆ ଦ୍ରୁତ ଗତିରେ  ଦୌଡ଼ିଲା । | : ପଛେ ଖେଳିଆ ଢୁରେ ଢୁରେ ଘଟକିଲା । |
| ଜିତିଲା କଇଁଛ । | : କଛିଅଁ ଜିତିଲା । |
| ସେଦିନଠାରୁ କଇଁଛକୁ ବଡ଼ ବୋଲି କହିଲେ । | : ସିଦିନ୍‌ଠାଣୁଁ କଛିଅଁ କଇ ବଡ଼ ବୋଲି କହିଲାଇ । |
| ଜଙ୍ଗଲରେ ବାଘ ରହେ । | : ବଣରେ ବାଗ୍ ରହଇ । |
| ଠେକୁଆ ଘାସ ଖାଉଛି । | : ଖେଳିଆ ଢୁଡ୍ ଖାଆଛି । |
| ଠେକୁଆ ଦ୍ରୁତରେ ଦୌଡେ । | : ଖେଳିଆ ଢୁର୍‌ରେ ଘଟକଇ । |
| କୁକୁର ଦୌଡୁଛି । | : କୁକର୍ ଘଟକଛି । |
| ବସ୍ ପହଂଚିଲା । | : ବସ୍ ପହଂଚିଲା । |

## ଖରା, ବର୍‌ଷା, ଶୀତ୍

| | |
|---|---|
| ଗାଁଟିର ନାଁ ଡେଙ୍ଗିପଡା । | : ଗାଁଟାର ନାଉଁ  ଡ଼େଙ୍ଗ୍‌ପଡ଼ା । |
| ସେହି ଗାଁରେ ପ୍ରାୟ ଶହେ ଘର । | : ସି ଗାରେ ପ୍ରାୟ ଶହେଟା ଘର୍ । |
| ସିଚୁ ଗାଁର ସବୁଠାରୁ ଧନୀବ୍ୟକ୍ତି । | : ସିତୁ ଗାଁର୍ ସବୁଠାରୁ ଧନୀ ଲୁକ୍ । |
| ତାଙ୍କ ନାତୁଣିର ନାମ ସଞ୍ଜୁ । | : ତାର୍ ନାତ୍ତଣିର  ନାଉଁ ସଞ୍ଜୁ । |
| ଜେଜେ ଏତେ ଗରମ କାହିଁକି ହଉଛି । | : ଦଦା ଏତେ ଗରମ କିସ୍‌କଇ ହେଛି । |
| ଖରାଦିନ ଖରା ହେବ ନି ତ କ'ଣ ହେବ ? | : ଖରାଦିନ୍ ଖରାନାହେବାକ୍‌ତା କିସ୍ ହେବାକ ? |
| ଆଜିକାଲି  କ'ଣ ଶୀଘ୍ର ସନ୍ଧ୍ୟା ହେଉନାହିଁ ? | : ଏଘା କିସ୍ କୟ ଝାଇକରି ସାଞ୍ଜ୍ ହେବାକଇ ନାହିଁ ? |
| ଖରା ଦିନ ବଡ଼ ହୁଏ । | : ଖରାଦିନ୍ ବଡ଼ ହିଅଇ । |
| ସୂର୍ଯ୍ୟ ବଡ଼ି ଭୋରରୁ ଉଦୟ ହୁଅନ୍ତି । | : ବେଳ ସକାଳ୍‌କରୁ ଉଁଅଇ । |
| ଡେରିରେ ଅସ୍ତ ହୁଅନ୍ତି । | : ଡ଼େରିରେ ବେଲ୍ ବୁଡ଼ଇ । |
| ଖରାଯୋଗୁଁ ଗଛପତ୍ର ଝାଉଳିଯାଏ । | : ଖରା ଲାଗି ଗଛ୍‌ପତର ଶୁକିଯାଇ । |
| ଗରମ ପବନ ବହେ । | : ତତିଲା ପବନ ବହଇ । |
| ବର୍ଷା ହୁଏ ନାହିଁ । | : ବର୍ଷା ହେଇନାଇଁ । |
| ଏ ସମୟରେ ଜମି ହଳ କରାଯାଏ । | : ଇ ସମୟରେ ବିଲ୍‌ରେ ହଳ କରତ୍ । |

| | |
|---|---|
| ଖରାଦିନେ କେଉଁ କେଉଁ ଫଳ ମିଳେ ? | : ଖରାଦିନେ କେଁ କେଁ ଫଳ ମିଳଇ ? |
| ଖରାଦିନ ପାଚିଲାଫଳ ମିଳେ । | : ଖରାଦିନେ ପାକିଲା ଫଲ୍ ମିଳଇ । |
| ଖରାଦିନେ କେଉଁ ଫୁଲ ଫୁଟେ ? | : ଖରାଦିନେ କେଁ ଫୁଲ୍ ଫୁଟଇ ? |
| ମଲ୍ଲୀ, ମାଳତୀ, ଟଗର । | : ମଲ୍ଲୀ, ମାଲ୍‌ତୀ, ଟଗର୍ । |
| କେବେ ବର୍ଷା ହେବ ? | : କେଭେ କଇ ବର୍ଷା ହେବାକ୍ ? |
| ରଜ ପର୍ବକୁ ବର୍ଷା ହେବ । | : ରଜ ପରବ୍‌କି ବର୍ଷା ହେବାକ୍ । |
| ଘରିଆଡ଼େ କାଦ ହେବ । | : ଘରିଆଡ଼େ କାଦ ହେବାକ୍ । |
| ସପ୍ତାହ ଧରି ବର୍ଷା ହୁଏ । | : ହପ୍ତେ ଧରିକରି ବର୍ଷା ହେଇ । |
| ନଈ ବଢ଼ିହୁଏ । | : ନଇବଢ଼ି ହେଇ । |
| ବେଶି ଭଲ ଲାଗେ । | : ବେଶୀ / ଜବର ଭଲ୍ ଲାଗଇ । |
| ବର୍ଷାହେଲେ ଧାନ ବୁଣାହୁଏ । | : ବର୍ଷା ହେନେ ଧାନ ବୁଣାହେଇ । |
| ବର୍ଷାଦିନ ପରିବା ଚାଷ କରାଯିବ । | : ବର୍ଷାଦିନେ ପରିବା ଚାଷ୍ କରାଯିବାକ୍ । |
| ଶୀତଦିନ ଅମଳ ହୁଏ । | : ଶିତ୍ ଦିନେ ଆଦାଇ ହେଇ । |
| ଧାନ ପାଇଲେ ଚାଷି ଖୁସିହୁଏ । | : ଧାନ୍ ପାଇଲେ ଚାଷି ଭଷତ୍ ହିଅଇ । |
| ଶୀତରୁ କିପରି ରକ୍ଷା ମିଳେ । | : ଶିତ୍‌ରୁ କେମନ୍ତ ରଇଖା ମିଳଇ । |
| ଶୀତ ପୋଷାକ ପିନ୍ଧୁ । | : ଶୀତ୍ ଲୁଗା ପିନ୍ଧୁ । |
| ନିଆଁ ଜଳାଯାଏ । | : ନିଆଁ ଜଳାଯାଏ । |
| ପାଖରେ ବସାଯାଏ । | : ପାସ୍‌କେ ବସାଯାଏ । |
| ଖରା ବର୍ଷା ଶୀତ । | : ଖରା ବର୍ଷା ଶୀତ୍ । |
| ଜେଜେ | : ଦାଦା |
| ଶିଘ୍ର | : ବେଗି/ଝଅଟ |
| ବେଗି | : ଝାଇଝାଇ |
| ଆଜି | : ଆଜି |
| ବଡ଼ | : ମେଲ୍ଲୁ, ବଡ୍ |
| ଆମ ଗାଁରେ ଗଛପତ୍ର ଅଛି । | : ଆମର୍ ଗାଁରେ ଗଛ ପତର ଆଛି । |
| ଆମ ଗାଁରେ ନଦୀ ନାଳ ଅଛି । | : ଆମର୍ ଗାଁରେ ନଦୀ ନାଲ୍ ଆଛି । |
| କାଦୁଅ ମାଟିରେ ତଳି ଲଗାଯାଏ । | : କାଦୁଅ ମାଟିକଇ ଧାନ ଲଗାଉ । |
| ସନ୍ଧ୍ୟାରେ ସୂର୍ଯ୍ୟ ଅସ୍ତ ହୁଅନ୍ତି । | : ସଞ୍ଜ ହେନେ ବେଲ୍ ବୁଡ଼ଇ । |
| ସପ୍ତାହକୁ ସାତ ଦିନ । | : ହପ୍ତାକଇ ସାତ୍ ଦିନ୍ । |
| ମୋତେ ମାଁକୁ ଭଲ ଲାଗେ । | : ମକଇ ମାଁକୁ ନିକ ଲାଗଇ । |

## ମାଆର୍ ମିତି କିଏ ହେବାକ୍

ଆଖିର ଲୁହ ପୋଛିଦିଏ । : ଆଖିଁର ପାଣି ପଁଛିଦେଇ ।
କାଖ କରେ : ପାଞ୍ଜୁରି ଦେଇ୍
ମୋତେ ହସେଇ ଦେବ । : ମଂକଇ ହଂସାଇ ଦେବାକ୍ ।
ଗପ କହିବ । : ବଖାଣି କହିବ
ଗୀତ ଗାଇ ଗାଇ ବିଂଚଣାରେ ସୁଆଇଦିଏ । : ଗୀତ୍ ଗାଇଁ ଗାଇଁ ବିଛାଇ କରି ସୁଆଇ ଦେଇ ।
ଦାଣ୍ଡରୁ ଆସିଲେ ଆଗ ମୁଁ ଥିବି । : ଡ଼ାଣ୍ଡରୁ ଆସିଲେ ମୁଇଁ ଥିବି ଆଗ୍ ।
ଧୂଳି ଝାଡିଦିଏ । : ଧୂଳି ଝାଳି ଦେଇ୍ ।
ମୁଣ୍ଡ କୁଣ୍ଡାଇ ଦିଏ । : ମୁଣ୍ଡ୍ ଛାଞ୍ଚୁଣି ଦିଅଇ ।
ପୋଷାକ ପିନ୍ଧାଇ ଦିଏ । : ସାଟ୍ ପେଣ୍ଟ ପିଳାଇ ଦେଇ
ହାତ ଟେକି ଦେଖାଏ ଜହ୍ନ ମାମୁଁକୁ । : ହାତ୍ ଟେକି ଦେଖାଏ ଜନ ମାମୁକୟ୍ ।
ବହି ସଜାଡ଼ି ଦିଏ । : ବହି ସଜାଳିଦେଇ୍ ହେଇ ।
ପାଠ ପଢିବାକୁ ପଠାଏ । : ପାଠ୍ ପଢ଼ିବାକଇ ବଟିଆଇ୍ ।
ଦୁନିଆରେ ମୁଁ ବଡ଼ । : ଦୁନିଆଁରେ ମୁଇଁ ବଡ଼୍ ।
ଶୁଭ ମନାସିବ । : ପାଣି ମାନ୍ସିକ୍ କରିବା ।

## ମାପରି କିଏସେ ହେବ

ଚଇତ ପର୍ବରେ ଲୋକେ ନାନାଗୀତ ଗାଆନ୍ତି । : ଚଇତ୍ ପରବରେ ଲକୁଳା ଏଟାସେଟା ଗୀତ୍ ଗାଆନ୍ତି ।
ରାମ ଆଖିରୁ ଲୁହ ଗଡାଉଛି । : ରାମର ଆଁଖିରୁପାଣି ଝରୁଛି ।
ମାଁ କଥା କହି ଝିଅକୁ ଶୁଆଉଛନ୍ତି । : ମାଁ କଥା କହି କରି ଟକିଟାକୁ ସୁଆଛି ।
ଶାଶୁ ବିଛଣା ପକାଇ ଶୋଇଛନ୍ତି । : ଶାଶୁ ବିଛଣା ବିଛାଇକରି ଶୋଇଛନ୍ତ୍ ।
ପିଲାମାନେ ଦାଣ୍ଡରେ ଖେଳୁଛନ୍ତି । : ଟକାଳା ଡାଣ୍ଡ୍କେ ଖେଳଛନ୍ତ୍ ।
ପିଲାମାନେ ଜହ୍ନକୁ ଦେଖୁଛନ୍ତି । : ପିଲାମାନେ ଜନ ଦେଖଛନ୍ତ୍ ।
ଭଣଜା ମାମୁଁ ଘରକୁ ଯାଉଛି । : ଭଣ୍ଡ୍ଜା ମାମୁ ଘର୍କଇ ଯାଛି ।

## ଲାକୁ ନୂଆଁ ଜାଗା ଦେଖିଲା

ପୁଅର ନାଁ ଲାକୁ : ପୁଅର ନାଉଁ ଲାକୁ
ମାଉଁସୀ ବେମାର ଥିଲେ । : ମାଉଁସୀ ଜରା ଥିଲା ।
ଲାକୁ ମା'ସହିତ ଦେଖିବାକୁ ଗଲେ । : ଲାକୁ ମାଁହାଙ୍କର ସାଙ୍ଗେ ଦେଖିବା କଇ ଗଲା ଇ ।
ବାହାରିଲା ଲାକୁ । : ବାହାରିଲା ଲାକୁ

ମା' : ମାଁ
ଏଇଟା କେଉଁ ବିଦ୍ୟାଳୟ ? : ଏଟା କେଁ ଇସ୍କୁଲ ?
ଏହାର ନାମ ଡ଼ଙ୍ଗଣି । : ଇଆର ନାଉଁ ଡଙ୍ଗଣି ।
ସରକାରୀ ପ୍ରାଥମିକ ବିଦ୍ୟାଳୟ । : ସରକାରୀ  ଇସ୍‌କୁଲ୍ ।
ଏଠାରେ ମୁଁ ପାଠ ପଢୁଥିଲି । : ଇଠାରେ ମୁଁଇ ପାଠ୍ ପଢ଼ୁଥିଲି ।
ଏଇଟା ଲାକୁର ଗଛ । : ଏଟା  ଲାକୁର ଗଛ୍ ।
ସେପଟେ ଚମ୍ପା ଗଛ । : ସେବାଟେ ଚମ୍ପା ଗଛ୍ ।
ଆମ୍ବ, ପଣସ, ମନ୍ଦାର । : ଆମ୍, ପଣସ୍, ମନ୍ଦାର୍ ।
ଏତେ ଗୁଡ଼ିଏ ବଗିଇ । : ହେତେ ଗୁଡ଼ିଏ ବଗିଇ ।
ପାଣି କୋଉଠି ଦେଉଛ ? : ପାଣି କେଁଠି ଦେଛ ?
ଦେଖୁନୁ ବଡ଼ କୂଅ ଅଛି । : ଦେଖ୍ ...ନେ ବଡ଼ କୁହୁ ଆଛି ।
ପମ୍ପରେ ପାଣି ଉଠାଯାଏ । : ପମ୍ପକେ ପାଣି ଉଠାଯାଇ ।
ବଗିଇରେ ଦିଆଯାଏ । : ବଗିଇକେ ଦିଆହେଇ ।
ବିଦ୍ୟାଳୟରେ କ'ଣ ସବୁ ହୁଏ ? : ଇସ୍କୁଲରେ କିସ୍ କିସ୍ ହେଇ ?
ଏହା ମୁନିଖୋଲ ପଂଚାୟତ । : ଏଇଟା ମୁନିଖୋଲ ପଞ୍ଚାଏତ୍ ।
ଏ ଅଫିସରେ କି କାମ ? : ଏ ଅଫିସ୍‌ରେ କିସ୍ କାମ୍ ?
ଗ୍ରାମ ସଡ଼କ ତିଆରି ହୁଏ । : ଗାଁ ରାସ୍ତା ତିଆରି ହେଇ ।
ସେଥିରେ ଗୋଟିଏ ସଭାହୁଏ । : ସିଠି ଗୁଟେ ସଭା ହେଇ ।
ଗାଁରେ ଗଣ୍ଡଗୋଳ ସମାଧାନ କରେ । : ଗାଁରେ ବିଚାର କରାଯାଏ ।
କେମିତି ଗଠିତ ହୁଏ ? : କେମତ୍ କରୀ ବନାଉ୍ ?
ଗୋଟିଏ ବଡ ଗାଁ । : ଗୁଟେ ମେରୁ ଗାଁ ।
ଆଉ କେତେ ଛୋଟ ଗାଁ । : ଆଉ କେତେ ସାନ୍ ଗାଁ ।
ଲାକୁ ଦେଖିଲା ନୂଆ ଜାଗା । : ଲାକୁ ଦେଖିଲା ନୂଆଁ ଜେଗା ।
ନନ୍ଦନ କାନନ ଦେଖିବାକୁ ବାହାରିଲେ । : ନନ୍ଦନକାନନ ଦେଖିବାକଇ ବାହାରିଲାଇ ।
ଆମ ବଗିଇରେ ସୁନ୍ଦର ଫୁଲ ଗୁଡ଼ିକ ଫୁଟିଛନ୍ତି । : ଆମର ବଗିଇରେ ନିକ ଫୁଲ୍ ଫୁଟିଛି ।
ରାମର ବାଡ଼ିପଟେ ଚମ୍ପାଗଛ ଅଛି । : ରାମର ବାଳି ବାଟେ ଚମ୍ପାଗଛ୍ ଆଛି ।
ଆମ ସ୍କୁଲ ଆଗରେ ଉତ୍ତମ ସଡ଼କ ଅଛି । : ଆମର୍ ଇସ୍କୁଲ ଆଗ୍‌ରେ ନିକବାଟ୍ ଆଛି ।
ଶ୍ୟାମ ସୁନ୍ଦରଙ୍କର ବଡ଼ ବନ୍ଧ ଅଛି । : ଶ୍ୟାମ ସୁନ୍ଦରର୍ ମେରୁ ବନ୍ଧ ଆଛି ।
ଆମ ଗାଁରେ ନୂଆ ଖିଆ କରିବା ପାଇଁ ସଭା ବସିଛନ୍ତି । : ଆମର୍ ଗାଁରେ ନୂଆଁ ଖିଆ କରିବାକଇ ଦରବାର୍ ବସିଛନ୍ତ୍ ।

ଗ୍ରାମ ପଂଚାୟତର ଭଲମନ୍ଦ ସରପଂଚ ବୁଝନ୍ତି । : ଗ୍ରାମ ପଂଚାଇତ୍‌ର ଭଲମନ୍ଦ ସରପଂଚ ବୁଝନ୍ତ୍ ।
ଆମର ପର୍ବ ପର୍ବାଣୀ । : ଆମର ପୁନଇ ପରବ୍ ।
ଏହା ଦୀପାବଳୀ ପର୍ବ । : ଇଟା ଦୀପାବଳୀ ପରବ୍ ।
କେଉଁ ଠାକୁରାଣୀ ପୂଜା ହୁଏ । : କେଁ ଦେପ୍‌ତା ପୂଜା ପାଅଇ ।
ସେ ଦିନ ଘରେ କ'ଣ କରନ୍ତି । : ସି ଦିନ୍ ଘରେ କିସ୍ କରନ୍ତ୍ ।
କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା । : କାର୍ତିକ୍ ମାସ୍ ଅନ୍ଧାର ପକ୍ଷ୍ ଅମିସା ।

## ଆମର୍ ପୁନେଇଁ ପରବ

ହାଣ୍ଡିରେ ଆଧା ପାଣି ଅଛି : ହାଣ୍ଡିକେ ଅଧେ ପାଣି ଆଛି ।
ଦୀପାବଳୀ : ଦୀପାବଳୀ
ପୂଜା : ପୂଜା
କାର୍ତିକ : କାତିକ୍
ଅମାବାସ୍ୟା : ଅମିସା
ମନେ ପକାଇବା : ମନେ ପକ୍‌କା

## ବାର ମାସର୍ ଗୀତ୍

ଗ୍ରୀଷ୍ମ, ବୈଶାଖ, ଜ୍ୟେଷ୍ଠମାସ : ଗୀରସମ୍, ବଇଶାଖ, ଜ୍ୟେଷ୍ଠ୍‌ମାସ୍
ପ୍ରଚଣ୍ଡ : ପ୍ରବଳା ଜୁର୍
ବର୍ଷାରେ ଆଷାଢ ଶ୍ରାବଣ : ବରଷାରେ ଅଷାଢ, ଶିରାବଣ
ମେଘ ବରଷେ ଘନ ଘନ : ମେଘ୍ ବରଷଇ ଘନ୍‌ଘନ୍
ଭାଦ୍ରବ ଆଶ୍ୱିନ ଶରତରେ : ଭଦ୍ର ଅଶିଣ୍ ଶରତରେ
ନିର୍ମଳ ଶୋଭା ଜଗତରେ : ଚାରିଆଡେ ସଫା ସୁତୁରା ଦିଶଇ
ହିମେ କାର୍ତିକ ମାର୍ଗଶିର : ହିମେ କାରତିକ୍ ମଗ୍‌ଶିର୍
ରାତିରେ ପଡ଼ଇ ଶିଶିର : ରାତ୍‌କଇ ପଳଇ ଶିଶିର୍
ଶୀତରେ ପୌଷ ମାଘ : ଶୀତ୍‌ରେ ପୁଷ୍ ମାଘ୍
ଫାଲଗୁନ ଚୈତ୍ର ବସନ୍ତରେ : ଫଗୁଣ ଚଇତ୍ ବସନ୍ତରେ
ମୃଦୁ ମଳୟ ମନହରେ : ସୁନ୍ଦର ପବନ ମନ୍‌କି ଛିଇଁଥାଏ
ବାର ମାସର କଥା : ବାର ମାସର୍ କଥା

## ତୃତୀୟ ଶ୍ରେଣୀ

# ଆମ ଭାଷା, ସାହିତ୍ୟ / ଆମର୍ ଭାଷା ସାଇତ

| | |
|---|---|
| ଜନମ ଯେଉଁ ଦେଶରେ | : ଯେଁ ଦେଶ୍‌ରେ ଜନମ୍ |
| ଯାହାର | : ଯା'ର୍ |
| ବଢୁଛି | : ବଢ଼ୁଛି |
| ଜନନୀ ପାଳୁଚି | : ମାଁ ପାଳଛି |
| ଗହନ ବନ | : ଲଟା ବଣ୍ |
| ଶ୍ୟାମଳ ତରୁ | : ଶାଗୁଆ ଗଛ୍ |
| ଗହଳ ଲତା | : ବହଳିଆ ଲଟି |
| ଦେହେ | : ଦେହକେ |
| ଶୋହେ | : ସୁନ୍ଦର୍ ଦିଶଇ |
| ଡାଳେରୁ | : ଡାଳ୍‌ରୁ |
| ଡାଳେ | : ଡାଳେ |
| ବିହଙ୍ଗ | : ଚଢ଼େଇ |
| ମୁଁ ପିପିଲି ଗୁଡ଼ାରେ ଜନ୍ମ ହୋଇଛି । | : ମୁଇଁ ପିପିଲି ଗୁଡ଼ାରେ ଜନମ୍ ହିଛଇଁ । |
| ମାଁ ଶିଶୁକୁ  ଧରିଛି । | : ମାଁ ଛୁଆଟା କଇ ଧେରଛି । |
| ଫୁଲ ଗଛ ବଢୁଛି । | : ଫୁଲ୍ ଗଛ୍ ବଢ଼ୁଛି । |
| ଗାଈ ଗୃହ ପାଳିତ ପଶୁ । | : ଗାଈ ଗୃହପାଳିତ୍ ପଶୁ । |
| ଗାଁ ପାଖରେ ଗହନବନ ଅଛି । | : ଗାଁ ପାସ୍‌କେ ଲଟା ବଣ୍ ଆଛି । |
| ତାରାକା | : ତରା |
| ଜୋଛନା | : ଉକିଆ / ଉଜା |
| ବିମଳା | : ବିମ୍‌ଳା |
| ଶଶୀ | : ଜନ୍ |
| କୁସୁମଫୁଟି | : ଫୁଲ୍ ଫୁଟିକରି |
| ସାଗରେ | : ସମୁନ୍ଦର୍ |
| ଲହରୀ | : ଉଲ୍ଲୁଲ୍ / ଢେଉ |
| ଚରଣ | : ପାଦ୍ |
| ସରାଗେ | : ଉସତ୍ |
| ପଲ୍ଲୀ | : ଗାଁ |
| ସଭିଏଁ | : ସବିଏଁ |
| ସେନେହେ | : ସର୍‌ଦାରେ |

| | |
|---|---|
| ଆକାଶରେ ତାରାକା ଦେଖାଯାଆନ୍ତି । | : ଆକାଶ୍‌ରେ ତରା ଦେଖାଦେତ୍ । |
| ପୂର୍ଣ୍ଣମୀ ଦିନ ପୂର୍ଣ୍ଣ ଶଶୀ ଦେଖାଯାନ୍ତି । | : ପୁନଈଁ ଦିନ୍ ପୁରାଜନ୍ ଦେଖାଦେଉ । |
| ସମୁଦ୍ରରେ ଲହରି ବାରମ୍ବାର ମାରେ । | : ସମୁନ୍ଦରରେ ସବୁବେଳେ ଉଲୁନ୍ ମାରଇ । |

## ତୃତୀୟ ଶ୍ରେଣୀ

## ଆସ ଜନ୍‌ଟାକଇ ଧେରିବା

| | |
|---|---|
| ପୋଖରୀ | : ପୁଖରୀ |
| ସମସ୍ତେ | : ସବିଏଁ |
| ଉପାୟ | : ବୁଦ୍ଧି |
| ପାଂଚିଲେ | : ଭାବିଲାଇଁ |
| ବ୍ୟସ୍ତ | : ହରବର |
| ଅନ୍ୟମାନେ | : ଆଉଲା |
| ବୋଧହୁଏ | : ହିଥିବାକ୍ |

## କହିବା ଆଗରୁ କରିବା

| | |
|---|---|
| ବିଦ୍ୟାଳୟ | : ଇସ୍କୁଲ୍ |
| କାହାଣୀ | : ବଖାଣି, କଥାଣି |
| ଚମତ୍କାର | : ଟାଟକା |
| ଖୁବ୍ | : ଜବର୍ |
| ସୁସ୍ୱାଦ | : ମହୁର୍ |
| ଅମଙ୍ଗ | : ଅରାଜି |
| ଆରୋଗ୍ୟ | : ନିରୋଗୀ |
| ଉପଦେଶ | : ଭଲ୍ ବାଟ୍ ବତାବା |
| ସଂକଳ୍ପ | : ଭଲ୍ କାମ୍ କରିବାକଇ ସ୍ଥିର୍ କରିବା । |
| ଚିକିତ୍ସକ | : ଭଲ ହେବା କଇ/ ବଇଦା ଡାକତର |
| ସୁଫଳ | : ଭଲ ଫଲ୍ |
| ଶିଘ୍ର | : ବେଗି |
| ସ୍ୱାଧୀନତା | : ନିଜର୍ ଇଚ୍ଛା |
| ଯାଦୁକର ଚମତ୍କାର ଖେଳ ଦେଖେଇଲେ । | : ଯାଦୁବାଲା ଚମତ୍କାର୍ ଖେଲ୍ ଦେଖେଲା । |
| ରୋଗୀଟି ଆରୋଗ୍ୟ ହେଲା । | : ରୁଗୀଟା ନିକ ହେଲା । |
| ଶିକ୍ଷକଙ୍କ ରାଗ ମୁହୂର୍ତ୍ତକ ଭିତରେ କମିଗଲା । | : ମାଷ୍ଟରଟାର ରାଗଟା ଝାଇକରି ଥମରିଗଲା। |

## ଭାସିଯା ମର୍ କାଗଜ୍ ଡ଼ଙ୍ଗା

| | |
|---|---|
| ଝିପିଝିପି | : ଝୁପୁର୍ / ଝୁପୁର୍ |
| ବିଜୁଳି | : ବିଜ୍ଲି |
| ଅସୁମାରି | : ଅସୁମାରି / ଜବର୍ |
| କାର୍ତ୍ତିକ ମାସେ | : କାର୍ତିକ ମାସ୍‌ରେ |
| ବୋଇତ | : ଡ଼ଙ୍ଗା |
| ସାଧବାଣୀ | : ସାଧବାଣି / ସାଧବ୍‌ବୁଢ୍ୀ |
| ଝଡତୋପାନ | : ଝଡ୍‌ବତାସ୍ / ପାଣି ପବନ୍ |
| ଦରିଆ | : ସମୁନ୍ଦର୍ |
| ନାରିକେଳ | : ନଡିଆ |
| ଭରସା | : ଆଶା |
| ଶ୍ରାବଣ ମାସରେ ବିଶେଷ କରି ଝିପିଝିପି ବର୍ଷାହୁଏ । | : ଶ୍ରାବଣ ମାସେ ଜୁରେ ଟୁପୁର୍ ଟୁପୁର୍ ପାଣି ମାରଇ । |
| ଆକାଶରେ ମେଘ ଆସିଲେ ବିଜୁଳି ମାରେ । | : ଆକାଶରେ ମେଘ୍ ଆଇଲେ ବିଜୁଳି ମାରଇ । |
| ଝଡ ତୋପାନ ହେଲେ ଘରଦ୍ୱାର ଭାଙ୍ଗିଯାଏ । | : ଝଳି ପବନ ହେନେ ଘର୍‌ଦ୍ୱାର୍ ଭାଙ୍ଗଇ । |

## ସେମାନେ ଆଉଥରେ ହସିଲାଇ

| | |
|---|---|
| ଯାନିଯାତ୍ରା | : ପରବପର୍ବାଣି / ଯାନି ଯାତ୍‌ରା |
| ପାହାରେ | : ବାଡ଼ିଏ |
| ଦୁଃଖ | : ଦୁଃଖ୍ |
| ଶବ୍ଦ | : ଶବଦ୍ |
| ହାଲୁକା | : ଉଷାଣ୍ |
| ହଠାତ୍ | : ଝାଇ କରି |
| ଜବତ | : ଆକଟ |
| ଯାନିଯାତ୍ରାରେ ବହୁତ ଲୋକ ଠୁଳ ହୁଅନ୍ତି । | : ଯାନି ଯାତ୍‌ରାରେ ଜବର ଲୁକ୍ ଠୁଳିଆଇ ହିଥାନ୍ତି । |
| ବିଲେଇ ସବୁଦିନେ ଭାତ ଚୋରି ଖାଉଥିବାରୁ | : ବିଲାଇ ସବୁଦିନ ଭାତ୍ ଚୁରାଇ ଖାଥିବାରୁ |
| ଦିନେ ଘର ମାଲିକ ପାହାରେ ଦେଲେ । | : ଘରର୍ ସାହୁ ବାଡ଼ିଏ ମାରିଲା । |
| ଜଣେ ଲୋକ ଶହେଟଙ୍କା ପାଇବାପାଇଁ ସାହୁକାରଙ୍କୁ ନେହୁରା ହେଲା । | : ଝଣେ ଲୁକ୍ ଶହେ ଟଙ୍କା ପାଇବାକଇ ମାଲିକ ପାସ୍‌ରେ ନିଲଜ୍ ହେଲା । |
| ଘରର ସ୍ତ୍ରୀ ମରିବାରୁ ଦୁଃଖରେ ରହିଛି । | : ଘରର ତିର୍‌ଲା ମରିବାରୁ ଦୁଃଖରେ ଆଛି । |
| ବାଣ ଫୁଟିଲେ ଶବ୍ଦ ହୁଏ । | : ବାଣ୍ ଫୁଟିଲେ ଶବଦ୍ ହେଇ । |
| ବନବିଭାଗ କର୍ମଚାରୀ ମାନେ ଚୋରିକରି ନେଉଥିବା କାଠକୁ ଜବତ କରନ୍ତି । | : ଗାଡ୍‌ମାନେ ଚୁରାଇକରି ନେଏଥିବା କାଠଲାକଯ୍ ଜବତ୍ କରନ୍ତ୍ । |

## ତର୍ ମିତିର୍ ସାନ୍ ପିଲାଟାଏ

| | | |
|---|---|---|
| ଗାଁ ଚାହାଳି | : | ଗାଁ ଇସ୍କୁଲ୍ |
| ଚାଟ | : | ପାଠ୍ |
| ଡଭଳଡାଭଳ | : | ଗୁଲ୍ ଗାଲିଆ |
| ସରସର | : | ସର୍‌ବର୍ |
| ତିଳେହେଁ | : | କଟିଏହିଁ |
| ସମତୁଲ | : | ସମାନ |
| ଚାଟସଭା | : | ପାଠ୍ ମଟିଙ୍ଗ୍ |
| ବାରିଷ୍ଟର | : | ଓକିଲ |
| ଯଶ | : | ନାଁ |
| କାନେକାନେ | : | କାନେ କାନେ |
| ଗୌରବ | : | ଟେକ୍‌ପଣ |
| ମହିମା | : | ମହିମା |
| ତେଜଭରା | : | ତେଇ୍‌ଭରା |
| ମହତ୍ୱ | : | ମହତ୍, ଭଲ |
| ଜ୍ୱର ହେଲେ ତିଳେହେଁ ବିଳମ୍ୱ କରିବା ଉଚିତ୍ ନୁହେଁ । | : | ଜର୍ ହେନେ କଟିଏହିଁ ଢ଼େରି କରିବା କଥା ନାଇଁ । |
| ସ୍କୁଲରେ  ଚାଟସଭା କଲେ ଉନ୍ନତି ହୁଏ । | : | ଇସ୍କୁଲ୍‌ରେ ପାଠ୍ ମିଟିଙ୍ଗ୍ କଲେ ମଙ୍ଗଲ୍ ହେଇ । |
| ମୃତ୍ୟୁ ଖବର କାନେ, କାନେ କୁହାଯାଏ । | : | ମଲା ଖବର କାନେକାନେ କହନ୍ତ୍ । |
| ଗଛ ଲଗାଇବା ମହତ କାର୍ଯ୍ୟ । | : | ଗଛ୍ ଲଗବାଟା ଗଟେ ମହତ୍ କାମ୍ । |

### ଅଷ୍ଟମ ପାଠ
### ସବୁ ଭଲ
### (ସବିଏଁ ବଢ଼ିଆଁ)

| | | |
|---|---|---|
| ପ୍ରଚୁର | : | ଜବର୍ |
| ପୃଥିବୀ | : | ପୃଥ୍ୱୀ / ବାସ୍‌କୀ |
| ଇତ୍ୟାଦି | : | ଇମିତିର୍ |
| ମରୁଭୂମି | : | ଟାଙ୍ଗରା ଭୂଇଁ |
| ବାଷ୍ପ | : | କୁହୁଡି / ଫାଗ / କୁହୁଲି୍ |
| ପରିଷ୍କାର | : | ସଫାସୁତର୍ |
| ଏ ବର୍ଷ ପ୍ରଚୁର ବାଇଗଣ ଫଳିଛି । | : | ଏ ବୁଁ ଜବର ବାଇଗଣ୍ ପଳିଛି । |
| ପୃଥିବୀରେ ତିନି ଭାଗ ଜଳଏକଭାଗ ସ୍ଥଳ । | : | ବାସ୍‌କୀରେ ତିନ୍ ଭାଗ୍ ପାଣି ଭାଗେ ଭୂଇଁ । |

## ଅଷ୍ଟମ ପାଠ

# ରାଇଜର ଫଲ୍

| | |
|---|---|
| ମଗୁଡ଼ି | : ମଗଳି |
| ଆଉଟୁପାଉଟୁ | : କଲ୍‌ବଲ୍ |
| ହାହାକାର | : ହାଇହାଇ |
| ପଣ୍ଡିତ | : ପଣ୍ଡିତ୍ |
| କରୁଣା | : ଦୟାଭାବ୍ |
| ଚକିତ ଚାହାଣି | : ଟାଟ୍‌କା |
| ବିପଦ | : ଦୁଃଖ୍ / ବିପଦ୍ |
| ପ୍ରଣାମ | : ଜୁହାର୍ |
| ଅନୁରୋଧ | : ଗୁହାରି |
| ମାଲିକ୍ | : ସାହୁକାର୍ |
| ସୌଭାଗ୍ୟ | : ଭଲଭାଗ୍ୟ |
| ଉତ୍ସାହିତ | : ଉସତ |
| ଉନ୍ନତି | : ଆଗକୁ ବଢ଼ିବା, ଧନରେ ବଢ଼ିବା |
| ସହାନୁଭୂତି | : ସହାନୁଭୂତି |
| ମଗୁଡ଼ି | : ମଗଳି |
| ପିଲାଟି ଖାଇବାକୁ ନପାଇ ଆଉଟୁ ପାଉଟୁ ହେଲା । | : ଛୁଆଟା ଖାବାକଇ ନାଁପାଇ ଆକୁପାକୁ ହେଲା । |
| ରାମ କୁ ହରି କରୁଣା କଲା । | : ରାମକଇ ହରି ଦୟା କଲା । |
| ମୁଁ ମୋ ପିତା, ମାତାଙ୍କୁ ପ୍ରତିଦିନ ସକାଳୁ ପ୍ରଣାମ କରେ । | : ମୁଇଁ ବୁଆ ମାଁ କଇ ସବୁଦିନ୍ ଜୁହାର କରଇ । |
| ଆମ ଗଣିତ ଶିକ୍ଷକ ଉତ୍ସାହିତ କରି ଗଣିତ ପଢାନ୍ତି । | : ଆମର ଗଣିତ୍ ମାଷ୍ଟର୍ ଉଷତ୍‌ହି କରି ପାଠ୍ ପଢ଼ାଭ୍ । |

# ଛୋଟିଆ ଫୁଲର ଗନ୍ଧ–ସୁରୁଫୁଲର୍ ବାସନା

| | |
|---|---|
| ଭଅଁର | : ଭମ୍‌ରା |
| ଜଗତ କରତା | : ଜଗତ୍ ଠାକୁର୍ / ଭଗ୍‌ବାନ୍ |
| ଅପାର | : ଅନେକ |
| କରୁଣା | : ଦୟା, ଧରମ |
| ଭକତି ଅନ୍ତରେ | : ଭକତି ମନରେ, ଭକ୍ତି ମନରେ |
| ପ୍ରଭୁ ପରମେଶ୍ୱର | : ଈଶ୍ୱର ଠାକୁର, ପ୍ରଭୁ ଭଗବାନ୍ |
| ମାଖି | : ବୋଳିହେବା, ମାଖି / ଲିପିହେଇ |
| ପାଖୁଡ଼ା | : ପାଖୁଲା |
| ବିତରିବା | : ବାଂଟିବା / ମହକିବା |

| | |
|---|---|
| ତୋଷି | : ମନ୍‌କୁ ଜିତିବା |
| ଭଅଁର ଫୁଲର ରସ ଶୋଷିଦିଏ । | : ଭମ୍‌ରା ଫୁଲର୍ ରସ୍ ପିଇଦେଇ । |
| ରାଜା ମାନଙ୍କ ପାଖରେ ଅପାର ଧନ ସଂପତି ରହୁଥିଲା । | : ରାଜା ମାନଙ୍କର ପାସ୍‌ରେ ବହୁତ୍ ଧନ ଦରବ୍ ରହୁଥିଲା / ଭହଥିଲା । |
| ଧନ୍ୟ ପରମେଶ୍ୱରଙ୍କୁ | : ଧଇନ ଭଗ୍‌ବାନ୍ କଇ |
| ଆନ୍ତରିକ ସହ ପୂଜା ଅର୍ଚ୍ଚନା କଲେ | : ମନ୍ ଲଗାଇ କରି ପୂଜା କର୍ନେଁ |
| ମନସ୍କାମନା ପୂରଣ ହେବ । | : ନିଜର୍ ସବୁ ଇଚ୍ଛାଲା ପୂରଣ୍ ହେଇ । |
| ଧନୀ ଲୋକମାନେ ଖାଦ୍ୟ ଓ ପୋଷାକ ବିତରଣ କରୁଥିଲେ । | : ଧନୀ  ଲୁକ୍‌ଲା ତାହାଙ୍କର ଇଚ୍ଛାରେ ଖାଇବ, ଲୁଗା ପଟା ବାଂଟ ଥିଲାଇ । |
| ସୀତା ରାମର ମନକୁ ଟାଣିନେଲା । | : ରାମର୍ ମନ୍‌ଟାକଇ ସୀତା ଟାଣିନେଲା । |

## ଜଙ୍ଗଲ ମିଟିଙ୍ଗ୍

| | |
|---|---|
| କୋଳାହଳ | : ହୁ ହାଲା |
| ଆୟୋଜନ | : ବନ୍ଦବସ୍ତ / ଯୋଗାଳ ହେଲା |
| ପ୍ରଣାମ | : ଜୁହାର୍ |
| କୌଶଳ | : ଘଲାକ୍, ଉପାୟ୍ / ବୁଦ୍ଧି |
| ନୀରବ | : ନୀରବ୍, ଚୁପ୍ ଚାପ୍ |
| ଶାସ୍ତି | : ଦଣ୍ଡ୍ |
| ସାରସପକ୍ଷୀ | : ଚଳଇ, ସାରସ ଚଳଇ |
| ନିରୀହ | : ସରଳିଆ, ନିରୀହ |
| ସ୍ୱୀକାର | : ମନିନେବା |
| ସ୍ୱାର୍ଥପର | : ନିଜରଲାଗି |
| ସମ୍ମୁଖୀନ | : ମୁହାଁମୁହିଁ |
| ବଜାରରେ କୋଳାହଳ ହୁଏ । | : ହାଟରେ ହୋ ହାଲ୍ଲା ହେଇ । |
| ବୟସ୍କ ଲୋକଙ୍କୁ ପ୍ରଣାମ କରିବା । | : ବୁଢ଼ା ଲାକଇ ଜୁହାର୍ କର୍‌ବା । |

## ବଣ୍ ହେଲା ବଣି

| | |
|---|---|
| ପଂଝୁରି | : ପଂଝୁର୍ / ଘାରି |
| ନିଇତି | : ଦିନ୍ ଦିନ୍ |
| ମିତ | : ସଇ |
| ବନ୍ଦୀ | : ବନ୍ଦ, ଆକଟ୍ |
| ଅସ୍ତ୍ର | : ଅସ୍ତ୍ର |
| ଅସହଯୋଗ | : ସାହାଯ୍ୟ ନାଁ କରିବା |
| ପଂଝୁରୀରେ ଶୁଆ, ଶାରୀଙ୍କୁ ପୋଷନ୍ତି । | : ଘାରିକଇ ରାଇକା ରାମିଲାକଇ ପୁଷତ୍ । |

ମିତ ସହ ବିଶ୍ୱାସ ଘାତକ କରିବା ଆବଶ୍ୟକ ନୁହେଁ । : ସଇ ସାଙ୍ଗେ ଅବିଶାସୀ କରିବା ନାଇଁ ।
ଚୋରି କଲେ ପୋଲିସ୍ ଚୋରକୁ ନେଇ ବନ୍ଦି କରନ୍ତି । : ଚୋରୀ ହାରି କର୍ନେ ପୋଲିସ୍ ଚୋର୍‌କଇ ନେଇଁ ଥାନାରେ ଖୁଆଳନ୍ତ୍ ।
ଚୋର ମାନେ ହାତରେ ଅସ୍ତ୍ର ଧରି ବୁଲନ୍ତି । : ଚୋର୍‌ମାନେ ହାତରେ ବୁଡ଼ିଆ କାତି ଧେରିକରି ବୁଲନ୍ତ୍ ।

## ନେତା ବକ୍ସି ଜଗବଂଧୁ

ନିକାଟଂନ : ନାଁ ଯିବା ଯାଗା / ନାଁ ଯା ହେଥିବା ଯାଗା
ସର୍ଦ୍ଦାର : ଡାକୁଟା / ମୁଖିଆ
ଦୃଷ୍ଟି : ଦେଖିଆ / ଦେଖିବା
ସମ୍ମାନ : ଜୁହାର୍
ନିର୍ଦ୍ଦୟ : ହରକତ, ଦୟା ଧରମ୍ ନାହିଁ
ସରସ : ବଢ଼ିଆଁ
ରେଢାଖୋଲ ଅଂଚଳରେ ଏକ ନିକାଟଂନ ଜଙ୍ଗଲ ଅଛି । : ରେଢାଖୋଲ ଅଂଚଳରେ / ଜାଗାରେ ଜୋର୍ ଜଙ୍ଗଲ୍ ଆଛି ।
ଚକ୍ଷୁହୀନ ଲୋକଙ୍କୁ ଦୃଷ୍ଟିହୀନ କୁହାଯାଏ । : ଆଖିନାଁଥିବା ଲୋକ୍‌ଲାକଇ କଣା କହନ୍ତ୍ ।
ଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଦେବା ଉଚିତ । : ବଡ଼ ଲୁକ୍‌କାକଇ ମାନ ସମ୍ମାନ ଦେବାର୍ କଥା ।
ଗୋପାଳ ଜଣେ ନିର୍ଦ୍ଦୟ ବ୍ୟକ୍ତି । : ଗୋପାଳ ଝଣେ ଦୟା ଧରମ୍ ଲୁକ୍ ।

## କାଗଜ୍ ଖେଲ୍

ରିଙ୍ଗୁ ଓ ମିଙ୍ଗୁ : ରିଙ୍ଗୁ ଆର୍ ମିଙ୍ଗୁ
ଡ଼ଙ୍ଗା : ଡ଼ଙ୍ଗା
ଫଟକା : ଫୁଟ୍‌କା
ଟୋପି : ଟୁପି
ଟ୍ରେ ଟ୍ରେ : ଥାଳି
ପ୍ରଭୃତି : ନାନା ପ୍ରକାର / କେତେ ପର୍‌କାର୍
ଭାଙ୍ଗି : ଭାଙ୍ଗି
କ'ଣ : କିସ୍
ସେହିଭଳି : ସିମିତି
ଖଣ୍ଡେ : ଫାଳେ
ଦାଗ : ଦାଗ୍, ଚିନ୍
ଖୁବ୍ ଜୋରରେ ଚାପିଦିଅ । : ବେଶୀ ଜୋର୍‌ରେ ଯାକିଦେ ।
ସ୍ଥାନରୁ କାଟିଦିଅ । : ଜାଗାରୁ କାଟିଦେଅ ।
ଆକୃତି : ହିମିତିର୍, ଢଙ୍ଗର୍

| | |
|---|---|
| ତ୍ରିଭୂଜ କୁହାଯାଏ । | : ତିନ୍ କୋଣିଆଁ କହନ୍ତ୍ । |
| ନିଅ ତାହାକୁ ରଙ୍ଗଦିଅ । | : ନେଁ ତାକଇ ରଙ୍ଗଦେଅ । |
| ତ୍ରିଭୁଜ | : ତ୍ରିଭୂଜ୍ |
| ତିଆରି | : ବନମା, ଗଢ଼ିବା |
| ଅଠାରେ ଲଗାଅ | : ଅଠାରେ ଲଗାଅ |
| କଇଁଚି ସାହାଯ୍ୟରେ | : କଇଁଚି ସାଇଜରେ |
| ତିନିପଟରେ ଥିବା | : ତିନିବାଟେ / ତିନ୍‌କଳେ ଥିବା |
| ବାହୁ କୁହାଯାଏ । | : ବାହି କହନ୍ତ୍ । |
| କେତୋଟି | : କେତ୍‌ଟା |
| ପ୍ରତ୍ୟେକ | : ସବୁ |
| ରଖ | : ରଖ |
| ଚାରିପାଖରେ | : ଚାରିଆଡେ / ଘରିଆଳେ |
| ଟାଣ | : ଟାଣ୍ / ଧପଟ୍ |
| ପାଉଛ | : ପାଉଚ / ପାଆଛ |
| କିପରି | : କେମନ୍ତ୍ |
| ଆୟତ ଚିତ୍ର | : ଘରିକଣିଆ ଛବି |
| ଅଂଶରେ | : ଫାଳେ |
| ଚିହ୍ନାଉଥିବା | : ଚିହ୍ନାଇଁ ଦେବା |
| କାଠି | : କାଠି |
| ଖଡ଼ିକା | : ଖଳିକା |
| ଯୋଡି | : ଲଦି |

## ଜିନିଷକଇ ଦେଖିକରି ଜାଣିମା
## ଗଣିତ ମଜା

| | |
|---|---|
| ବୃତ୍ତ | : ଗୋଲେଇ / ଗୋଲ୍ |
| ଧାର | : ଧାର୍ |
| ବକ୍ର | : ବଙ୍କା |
| ସରଳ | : ସିଧା, ସଳଖ୍ |
| ସରଳରେଖା | : ସିଧାଗାର୍ |
| ବକ୍ରରେଖା | : ବଙ୍କାଗାର୍ |
| ଜ୍ୟାମିତି ବାକ୍ସ | : ଜ୍ୟାମିତି ବାକସ୍ |
| ଟ୍ୟାନ୍ ଗ୍ରାମ୍ | : ଟ୍ୟାନ୍‌ଗ୍ରାମ୍ |
| ଟ୍ୟାନଗ୍ରାମ ଚିତ୍ର | : ଟ୍ୟାନଗ୍ରାମ୍ ଚିତ୍ର |

କୁଲ : କୁଲ୍
ବ୍ୟବହାର : ବେଭାର୍
କେବଳ : କେବଲ୍
ଘର ଅଗଣା : ଘର୍ ଡାଣ୍ଡ୍
ମୁକୁଳ : ମୁକୁଳ୍
ବିନ୍ଦୁ : ଟୋପା
ଅଙ୍କନ : ଚିତିର / ଅଙ୍କନ୍
ଡାହାଣପଟେ : ଭୁକୁଣିଆଡ଼େ / ସିଧାହାତ୍ କଜେ
ଗ୍ଲାସ : ଗିଲାସ୍
ଗ୍ରିଡରେ : ଗ୍ରୀଡ୍‌ରେ
ବସ୍ତୁ : ଜିନିଷ୍
ବାହୁ : ବାହୁ
ଦୈର୍ଘ୍ୟ : ନମା
ନିମ୍ନରେ : ତଳେ
ବର୍ଗଚିତ୍ର : ବର୍ଗଚିତ୍ର
ଆୟତଚିତ୍ର : ନମା ଛରିକଣିଆ ଚିତ୍ର
ଭଳି : ମିତି
କ୍ଷୁଦ୍ରତମ : ଇଡିକିଟିଏ / ଛୁଟିଆ
ବଳକା : ବଳିଲା
ସାହାଯ୍ୟ : ସାଇଜ୍
ଲକ୍ଷ୍ୟ : ନଜର୍,ନଜାର୍
ବର୍ଗାକାର : ସମାନ ଛରିକୋଣିଆ
ସଜାଡ଼ : ସଜାଡ଼ / ସଜାଲ୍
ସମ୍ପର୍କ : ସଂପର୍କ
ବିପରୀତ : ଆର୍‌ପଟ
ସୃଷ୍ଟି : ତିଆରି
ଏହାଦ୍ୱାରା : ଇଆର୍ ଦ୍ୱାରା
ସାରଣୀ : ସାରଣୀ
ମୁଣ୍ଡୁଳା : ଗୋଲେଇ, ମଣ୍ଡଳା
ବାହୁସଂଖ୍ୟା : ବାହୁସଂଖ୍ୟା
କୋଣ : କଣ୍
କର୍ଣ୍ଣ : କାନ୍, କର୍ଣ୍ଣ

## ତୃତୀୟ ଶ୍ରେଣୀ

# ବସ୍ତୁର୍ ଆକୃତି ଜାଣିମା

ସର୍କସ : ସର୍କସ୍
ଗୋଲକ : ଗୋଲକ, ଗୋଲ୍
ସିଲିଣ୍ଡର : ସିଲିଣ୍ଡର୍
ଆଇସିକ୍ରିମ୍ : ଆଇସ୍କ୍ରିମ୍
ବରଫ : ହେମ୍ / ବରଫ୍
ଆୟତଘନ : ନମା ନିଦା ଘରିକଣିଆ ଜିନିଷ
ସମଘନ : ସମାନ ଘରିକଣିଆ ଜିନିଷ
କୋନ : କୋନ୍
ବ୍ୟାଟେରୀ : ବେଟାରି
ଦିଆସିଲି : ମାଟିସ୍
ଚଟାଣ : ଭୁଇଁ
ଡିଜାଇନ୍ : ବଢ଼ିଆଁ / ବଢ଼ିଆଁ
ସମ୍ପୂର୍ଣ୍ଣ : ସବୁ / ପୁରା
ନକ୍ସା : ନକସା
ପହଂଚିବା : ପହଂଚିବା
ଶ୍ରେଣୀଗୃହ : ପାଠ୍ ପଢା ଘର୍ / କିଲାସ୍ ଘର୍
ରୋଷେଇ ଘର : ରନ୍ଧାଘର୍
ନଳକୂପ : ଟାଙ୍କି, ନଳକୂଅ
ଗଣିବା : ଗଣିବା
ଯେପରି : ଯେମଂତ୍
ସେହିପରି : ସେମନ୍ତ
ଏହିପରି : ଇମିତି
କଂଟା : କଂଟା
ସଂଖ୍ୟା : ସଂଖ୍ୟା
କ୍ରମାନ୍ୱୟରେ : ଧାଣ୍ଡି, ଧାଡ଼ି ଧାଡ଼ି କ୍ରମରେ
ତୀରଚିହ୍ନ : କାଣ୍ଡ୍ ଚିହ୍ନ / କାଣ୍ଡ୍ ଚିନ୍
ଗତ : କାଲ୍‌ହର / କାଲ୍
ଏକଅଙ୍କ : ଗଟେ ଅଙ୍କ୍
ଦୁଇ ଅଙ୍କ : ଦୁଇ ଅଙ୍କ୍

| | | |
|---|---|---|
| ତିନି ଅଙ୍କ | : | ତିନିଟା ଅଙ୍କ୍ |
| ଚାରି ଅଙ୍କ | : | ଚାରି ଅଙ୍କ୍ |
| ପାଂଚ ଅଙ୍କ | : | ପାଂଚ ଅଙ୍କ୍ |
| ଛଅ ଅଙ୍କ | : | ଛଅ ଅଙ୍କ୍ |
| ସାତ ଅଙ୍କ | : | ସାତ ଅଙ୍କ୍ |
| ଏକ ଅଙ୍କ ବିଶିଷ୍ଟ | : | ଏକାଙ୍କ ବିଶିଷ୍ଟ |
| ବାଟି | : | ବାଟି |
| ତଳ ଘର ପୂରଣ କର | : | ତଳର୍ ଘରଟା ପୂରଣ୍ କର୍ |
| ଉଦାହରଣ | : | ଉଦାହରଣ୍ |
| ୮୯ | : | ଅଣାନବେ |

## ଜାଗା ଜାଣିବା

| | | |
|---|---|---|
| କେଉଁ ରେଳ ଡବା | : | କେଁ ରେଲ୍‌ଡ଼ବା |
| ଦ୍ୱାଦଶ ଡବା | : | ବାର ନଂ, ବାରଡବା |
| ପଂଚଦଶ | : | ପନ୍ଦର୍ |
| ପୂର୍ବବର୍ତ୍ତି | : | ଆଗର୍‌ଟା |
| ବସିଥିବା | : | ବସିଥିବା |
| ମଧ୍ୟରେ | : | ମଝିରେ / ମଇଧ |
| ଏକାଦଶରୁ ବିଂଶ ପର୍ଯ୍ୟନ୍ତ | : | ଏଗାରରୁ କୁଳିଏ ଯାକେ |
| ପୁରଣବାଚକ | : | ପୂରଣ ବାଚକ |
| ସଂପର୍କରେ | : | ସଂପର୍କରେ |
| ପିଲାଙ୍କୁ ପଚାରିବେ | : | ପିଲାଜାକର ପଚାରିବେ |
| ପୁରଣବାଚକ ସଂଖ୍ୟା | : | ପୂରଣ ବାଚକ ସଇଁଖା |
| ଆଗପଛ ଦେଖିବା | : | ଆଗ୍‌ପଛ୍ ଦେଖିବା |
| ଆଗ ପଛ ଜାଣିବା | : | ଆଗ୍ ପଛ୍ ଜାଣିବା |
| ପଶୁ ପକ୍ଷୀ ମାନେ ସଭା କଲେ । | : | ପଶୁ ଚଡ଼ଇ ମିଟିଙ୍ଗ୍ କଲାଇ । |
| ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । | : | ତାଙ୍କର୍ ଭିତ୍‌ରେ ଭାଳେଣୀ ପଡିଲା । |
| ମଣିଷମାନେ ଜଙ୍ଗଲ କାଟୁଛନ୍ତି କାହିଁକି ? | : | ଲୁକ୍‌ଜା ବଣ୍ କାଟଛତ୍ କିଶ୍ କଇ ? |
| ଜଙ୍ଗଲ ସଫାହେଲେ ଆମେ କେଉଁଠି ରହିବା ? | : | ବଣ୍ ସାଫା ହେନେଁ ଆମେ କେଁଠି ରହିଁବା ? |
| କ'ଣ ଖାଇବା ? | : | କିସ୍ ଖାବା ? |
| କୋକିଶିଆଳି ଉଠି କହିଲା । | : | ଶିଆଳ୍ ଉଠିକରି କହିଲା । |
| ପରବର୍ତ୍ତି ସଂଖ୍ୟା | : | ପଛ ସଇଁଖା |

| | |
|---|---|
| ମଧ୍ୟବର୍ତ୍ତି ସଂଖ୍ୟା | : ମଝି ସଇଁଖା |
| ପୂର୍ବବର୍ତ୍ତି ସଂଖ୍ୟା | : ଆଗ ସଇଁଖା |
| ଯୋଗ ଓ ବିୟୋଗ ସଂଖ୍ୟା | : ମିଶାଣ ଫେଡ଼ାଣ ସଇଁଖା |
| ଏକାଦଶ | : ଏକାଦଶ୍ |
| ଦ୍ୱାଦଶ | : ଦ୍ୱାଦଶ୍ |
| ତ୍ରୟୋଦଶ | : ତ୍ରୟଦଶ୍ |
| ଚତୁଃଦଶ | : ଚତୁର୍ଦଶ୍ |
| ପଂଚଦଶ | : ପଂଚଦଶ୍ |
| ଷୋଡ଼ଶ | : ଷଡ଼ଶ |
| ସପ୍ତଦଶ | : ସପ୍ତଦଶ୍ |
| ଅଷ୍ଟଦଶ | : ଅଷ୍ଟଦଶ୍ |
| ଊନବିଂଶ | : ଊନବିଂଶ୍ |
| ବିଂଶ | : କୋଳିଏ / କୁଳି |
| ସାନ ବଡ଼ | : ସାନ୍ ବଡ୍ |
| ବଡ଼ ଛୋଟ | : ବଡ୍ ସାନ୍ |
| ବୃହତର | : ସବୁଠାରୁ ବଡ଼ |
| କ୍ଷୁଦ୍ରତର | : ସବୁଠାରୁ ସାନ୍ |
| ସ୍ଥାନୀୟମାନ ନିର୍ଣ୍ଣୟକର । | : ସ୍ଥାନୀୟ ମାନ୍ ନିର୍ଣ୍ଣୟ କର । |
| ବୁହାଇଲେ | : ବୁହାଇ ଦେଲେ |
| ମିଶାଣ | : ମିଶାଣ୍ |
| ସମାଧାନ କର | : ସମାଧାନ କର |
| ଅନୁମାନ କରି ଯୋଗଫଳ କରିବା । | : ଅନମାନ୍ କରି ମିଶାଣ୍ ଫଳ କରିବା । |
| ବାଦ୍ | : ଛାଡ଼ିଦେବା |
| ମନେ ମନେ ହିସାବ କର ଓ କହ । | : ମନେ ମନେ ହିସାବ କର୍ ଆଉ କଉ । |
| କେଉଁ କେଉଁ ସଂଖ୍ୟାକୁ ଫେଡ଼ିଲେ ଫେଡାଣ ଫଳ ପନ୍ଦର ହେବ ? | : କେଁ କେଁ ସଂଖ୍ୟାକଇ ଫେଡିନେ ଫେଡ଼ାଣ ଫଳ ୧୫ ହେବାକ୍ ? |

## ପାଠ-୧୦

## ଫେଡ଼ାଣ୍

| | |
|---|---|
| ପତ୍ର ଗଣିବା । | : ପତର୍ ଗଣିବା । |
| କାହାର ବେଶୀ କାହାର କମ । | : କା'ର ଢବର କାହାର କମ୍ । |
| ସୀତା ୧୦୦ଟି ପତ୍ର ତୋଳିଲା । | : ସୀତା ୧୦୦ଟିପତର୍ ତଳିଲା । |

ଗୀତା ୬୦ଟି ପତ୍ର ତୋଳିଲା । : ଗୀତା ୬୦ଟି ପତର୍ ତଳିଲା ।

ସୀତାର ପତ୍ର ବେଶୀ ନା ଗୀତାର ପତ୍ର ବେଶୀ କେମିତି ଜାଣିଲ ? : ସୀତାର ପତର୍ ଜବର୍‌କି ଗୀତାର ପତର୍ ଜବର୍ ବେଶୀବଲି କେମନ୍ତ ଜାଣିଲ ?

ଗୋଟିଏ ବଣରେ ବାଘସଂଖ୍ୟା ୫୮୫ । ଓ ଭାଲୁ ୯୫୪ : ଗୋଟିଏ ଜଙ୍ଗଲ୍‌ରେ ବାଗ୍ ସଂଖ୍ୟା । ୫୮୫ ଆଉ ଭାଲୁ ୯୫୪

ଓ ହରିଣ ୫୨୮ ଓ ଠେକୁଆ ୨୮ ଥିଲେ । : ଓ ମିରିଗ୍ ୫୨୮ ଓ ଖେଳିଆ ୨୮ ଥିଲାଇ ।

ବାଘ, ଭାଲୁ ମିଶି କେତେ ଥିଲେ ? : ବାଗ୍ ଭାଲୁ ମିଶି କେତେ ଥିଲାଇ ?

ବାଘ ଓ ଠେକୁଆ ମିଶି କେତେ ଥିଲେ ? : ବାଗ୍ ଓ ଖେଳିଆ ମିଶି କେତେ ଥିଲାଇ ?

## ଆସ ଗଣିମା

କ୍ରିକେଟ ଖେଳ । : କିର୍‌କେଟ୍ ଖେଲ୍ ।

ଗୋଟିଏ ଓଭର କେତେଟି ବଲ ପଡ଼ିବ । : ଏକ୍ ଓଭରରେ କେତଟା ବଲ ଫିଙ୍ଗିବା ।

ରାମ ୫ ଓଭରରେ ୩୫ ରନ୍ କଲା । : ରାମ ୫ ଓଭରରେ ୩୫ ରନ୍ କଲା ।

ଗୋଟିଏ ଓଭର ୬ଟି ବଲ୍ ଫିଙ୍ଗାଯାଏ । : ଏକ ଓଭର୍‌ରେ ୬ଟି ବଲ୍ ଫିଙ୍ଗା ହେଇ ।

## 'ଓ' ଆସ ବାଂଟିବା 'କୁ'

ତୁମେ ଯେତେ ଆମେ ସେତେ । : ତମେ ଯେତିକି ଆମେ ସେତିକି ।

ଆମ ପଛରେ ଆହୁରି ସେତେ । : ଆମ ପଛକଇ ଆରି ସେତିକି ।

ଆମେ ସମସ୍ତେ ଅଠର । : ଆମେ ସବୁଯାକ ହିକରି ଅଠର ।

## ସମୟ କହଇ ମୁଇଁ ଠିକ୍

ଘଂଟା : ଘଡି, ଘଂଟା

ହାତଘଂଟା : ହାତ ଘଡି

ଘଂଟାରେ ଏକ ଠାରୁ ବାର ପର୍ଯ୍ୟନ୍ତ । : ଘଡିରେ ଏକ ଠାରୁ ବାଆର ଯାକେ ସଂଖ୍ୟା ଆଛି ।

ଘଂଟାରେ ତିନୋଟି କଂଟା ଅଛି । : ଘଡିରେ ତିନ୍‌ଟା କଂଟା ଆଛି ।

ଦିନରାତି ଚବିଶ ଘଂଟା । : ଦିନରାତି ମିଶାନେ ଚବିଶ୍ ଘଂଟା ।

ଦିନକୁ ବାର ଘଂଟା । : ଦିନକଇ ବାର ଘଂଟା ।

ରାତିକୁ ବାର ଘଂଟା । : ରାତି କଇ ବାର ଘଂଟା ।

ଦଶ ଘଂଟା ହେଲେ ସ୍କୁଲକୁ ଯାଉ । : ଦଶ ଘଂଟା ହେନେ ଇସ୍‌କୁଲ ଯାଉଁ ।

ଖରାବେଳେ ମଧ୍ୟାହ୍ନ ଭୋଜନ ହୁଏ । : ବେଳାରେ ମଧ୍ୟାହ୍ନ ଭୋଜନ ହେଇ ।

ସନ୍ଧ୍ୟା ଘରିଟାରେ ଛୁଟି ହୁଏ । : ସଞ୍ଜ୍ ଘରିଟାରେ ଛୁଟି ହେଇ ।

ପାହାନ୍ତିଆରେ ଉଠିବା । : ପାହାନ୍ତାରେ ଉଠିବା ।

ରାତି ଆଠ ଘଂଟାରେ ଶୋଇବା । : ରାତି ଆଠ ଘଂଟାରେ ଶୋଇବା ।

# ଟଙ୍କା ପଇସା ହିସାବ

| | |
|---|---|
| ୧ ପଇସା | : ଏକ୍ ପଇସା |
| ୫ ପଇସା | : ପାଂଚ୍ ପଇସା |
| ୨୦ ପଇସା | : କୁଳିଏ ପଇସା |
| ୨୫ ପଇସା | : ପଚିଶ୍ ପଇସା / ଋରଣା |
| ୫୦ ପଇସା | : ପଉସ୍ ପଇସା / ଆଠଣା |
| ୭୫ ପଇସା | : ପଂଚସ୍ତରି ପଇସା / ବାର୍‌ଣା |
| ୧ ଟଙ୍କା | : ଏକ୍ ଟଙ୍କା / ଟଙ୍କ୍‌ଟାଇ |
| ୨ ଟଙ୍କା | : ଦୁଇ ଟଙ୍କା / ଦିଟଙ୍କା |
| ୫ ଟଙ୍କା | : ପାଂଚ୍ ଟଙ୍କା |
| ୧୦ ଟଙ୍କା | : ଦଶ୍ ଟଙ୍କା |
| ୨୦ ଟଙ୍କା | : କୁଳିଏ ଟଙ୍କା |
| ବାଇଗଣ ୧ କେଜି ୧୦ ଟଙ୍କାରେ ମିଳେ । | : ବାଇଗଣ ୧ କିଲକଇ ୧୦ ଟଙ୍କାରେ ମିଳଇ । |
| ଟମାଟ ୧ କେଜି ୨୦ ଟଙ୍କାରେ ମିଳେ । | : ପାଚଲ ଘଣ୍ଟା ୧ କିଲୋ କୁଳିଏ ଟଙ୍କାରେ ମିଳଇ । |
| ବାଇଗଣ ଓ ଟମାଟ କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ । | : ବାଇଗଣ୍ ଓ ପଚଲ୍ ଘଣ୍ଟା କିଣିଲାଇ କେତେ ଟଙ୍କା ଦେବାକଇ ହେବାକ୍ । |
| ରାମ ୧୦ ଟଙ୍କା ନେଇ ୬ ଟଙ୍କା ପେନ୍ କିଣିଲା, କେତେ ଟଙ୍କା ବଳିଲା । | : ରାମ୍ ଦଶ୍ ଟଙ୍କା ନେଁଇ ୬ ଟଙ୍କାରେ ପେନ୍ ଘେନିଲା, ଆରି କେତ୍ ଟଙ୍କା ବିଳିବାକ୍ । |
| କ୍ୟାଲେଣ୍ଡରରୁ ଶିଖିବା । | : କେଲେଣ୍ଡରରୁ ଜାଣିବା । |
| ବର୍ଷ | : ବର୍ଷ |
| ଜାନୁୟାରୀ ମାସ ୩୧ ଦିନ । | : ପୁଷ୍ ମାସ୍‌ଟା ୩୧ ଦିନିଆଁ । |
| ଫେବୃଆରୀ ମାସ ୨୮ ଦିନ । | : ମାଘ୍ ମାସ୍‌ଟା ୨୮ ଦିନିଆଁ । |
| ମାର୍ଚ୍ଚ ମାସ ୩୧ ଦିନ । | : ଫଗୁଣ ମାସ୍‌ଟା ୩୧ ଦିନିଆଁ । |
| ଏପ୍ରେଲ୍ ମାସ ୩୦ ଦିନ । | : ଚଇତି ମାସ୍‌ଟା ୩୦ ଦିନିଆଁ । |
| ମଇ ମାସ ୩୧ ଦିନ । | : ବଇଶାଖ୍ ମାସଟା ୩୧ ଦିନିଆଁ । |
| ଜୁନ୍ ମାସ ୩୦ ଦିନ । | : ଜେଷ୍ଠ୍ ମାସ୍‌ଟା ୩୦ ଦିନିଆଁ । |
| ଜୁଲାଇ ମାସ ୩୧ ଦିନ । | : ଆଶାଳ ମାସ୍‌ଟା ୩୧ ଦିନିଆଁ । |
| ଅଗଷ୍ଟ ମାସ ୩୧ ଦିନ । | : ଶାବଣ ମାସ୍‌ଟା ୩୧ ଦିନିଆଁ । |
| ସେପ୍ଟେମ୍ବର ମାସ ୩୦ ଦିନ । | : ଭୁଦ ମାସ୍‌ଟା ୩୦ ଦିନିଆଁ । |
| ଅକ୍ଟୋବର ମାସ ୩୧ ଦିନ । | : ଆଶିନ୍ / ଦଶରା ମାସଟା ୩୧ ଦିନିଆଁ । |

| | |
|---|---|
| ନଭେମ୍ବର ମାସ ୩୦ ଦିନ । | : କାର୍ତିକ୍ ମାସ୍‌ଟା ୩୦ ଦିନିଆଁ । |
| ଡିସେମ୍ବର ମାସ ୩୧ ଦିନ । | : ମଗଶିର୍ ମାସଟା ୩୧ ଦିନିଆଁ । |

## ମାପ

| | |
|---|---|
| ଚାଖଣ୍ଡ | : ଗଖ୍‌ଣ୍ଡେ |
| ଇଂଚେ | : ଏକ୍ ଇଂଚ୍ / ଇଂଚେ |
| ହାତେ | : ଏକ୍ ପାବ୍, ହାତେ |
| ହରିର ଉଚ୍ଚତା ୪ ଫୁଟ | : ହରି ୪ ଫୁଟ ଲଂଚା |
| ବାଡ଼ି | : ଠେଙ୍ଗା |
| ସ୍କେଲ୍ | : ଇସ୍‌କେଲ୍ |
| ଦାମର କୂଅ ଗଭିରତା ୨୦ ମିଟର । | : ଦାମର କୁଅଟାର ଖାଲ୍ ୨୦ ମିଟର । |
| ରାମ ପାଇଁ ୧ ମିଟର କନା ଦରକାର । | : ରାମ ପାଇଁ ୧ ମିଟର କପଡ଼ା ଦରକାର । |
| ଆନୁମାନିକ ମାପ | : ଅନମାନିଆଁ ନାପ୍ |
| ପ୍ରକୃତ ମାପ | : ସଠିକ୍ / ଠିକ୍ ମାପ / ସଠିକ୍ ନାପ |

## ପାଠ-୧୪

| | |
|---|---|
| ଓଜନ ଓ ପରିମାଣ ଜାଣିବା । | : ଓଜନ୍ ଆଉ ପରିମାଣ୍ ଜାଣିମା । |
| ତେଙ୍ଗୁରା | : ଜଣାଇବା |
| ଚାଉଳ, ଡାଲି, ଚିନି, ଗହମ, ଆଳୁ, ପିଆଜ କେଜିରେ ଓଜନ କରାଯାଏ । | : ଗଉଳ୍, ଡାଲି, ଚିନି, ଗହମ, ଆଳୁ, ପିଆଜ୍ କିଲ ପଲାରେ ନାପନ୍ତି । |
| କିରାସିନି (ଲିଟରରେ ମପାଯାଏ) | : କିରାସିନି (ପଳାରେ ମପାଯାଏ) |
| କିଲୋମିଟର | : କିଲୋମିଟର / ମାଇଲ |
| ୧ କେଜି | : ୧ କିଲୋ |
| ୧/୨ ଅଧାକେଜି ୫୦୦ ଗ୍ରାମ୍ | : ୧/୨ ଅଧାକିଲେ ୫୦୦ ଗ୍ରାମ୍ |
| ୧ଲିଟର ୧୦୦୦ମି.ଲି.ଲିଟର | : ୧ଲିଟର ୧୦୦୦ମି.ଲି.ଲିଟର |
| ୫୦୦ ମିଲିଲିଟର | : ୧/୨ ଲିଟର |

## ତଇଥ ଜାଣିମା

| | |
|---|---|
| ବଣରେ କେଉଁ ଜୀବମାନେ ରହନ୍ତି । | : ଜଙ୍ଗଲରେ କେଁ କେଁ ଜୀବ ମାନେ ରହତ୍ । |
| କେତେ ପ୍ରକାର ବାଘ ଦେଖିଛ । | : କେତ୍ ପରକାର୍ ବାଘ୍ ଦେଖିଛସି । |
| କେତେ ପ୍ରକାର ପକ୍ଷୀ ଦେଖିଛ । | : କେତେ ପରକାର୍ ପକ୍ଷୀ ଦେଖିଛସ୍ । |
| କେତେ ପ୍ରକାର ଫୁଲ ଦେଖିଛ । | : କେତେ ପରକାର୍ ଫୁଲ୍ ଦେଖିଛସ୍ । |
| କେତେ ପ୍ରକାର ଗଛ ଦେଖିଛ । | : କେତେ ପରକାର୍ ଗଛ୍ ଦେଖିଛସ୍ । |

## ଚିତ୍ରଟାକଇ ଚିହ୍ନ

| | |
|---|---|
| ତ୍ରିଭୁଜ | : ତ୍ରିଭୁଜ |
| ବର୍ଗକ୍ଷେତ୍ର | : ବର୍ଗକ୍ଷେତ୍ର |
| ଆୟତକ୍ଷେତ୍ର | : ଆୟତକ୍ଷେତ୍ର |
| ଗୋଲ | : ଗୋଲ୍ ସିଧାଗାର ଟାଣିବା |
| ଭୂମି ଉପରେ ଠିଆ ହୋଇ ରହିବା ସିଧାଗାର । | : ଭୂଇଁ ଉପରେ ଠିଆ ହେଇଥିବା ସିଧା ଗାର । |
| ଭୂମି ଉପରେ ଶୋଇଥିବା ଭଳି ସିଧାଗାର । | : ଭୂଇଁ ଉପରେ ଶୋଇଥିବା ଭଳି ସିଧାଗାର୍ । |
| ଭୂମି ଉପରେ ତେରେଛା ଭାବେ ସିଧାଗାର । | : ଭୂଇଁଉପରେ ତେରଛା ଭାବ୍‌ରେ ସିଧାଗାର୍ । |
| ସ୍କେଲ ସାହାର୍ଯ୍ୟରେ ଗାର ଟାଣ । | : ଇସ୍କେଲ ସାହାଯ୍ୟରେ ଗାର୍ ଟାଣ । |
| କେଉଁ କେଉଁ ଜିନିଷ ବ୍ୟବହାର କରି ? | : କେଁ କେଇଁ ଜିନିଷ୍ ବେଭାର୍ କରି ସିଧାଗାର ଟାଣିପାରିବ ? |

## ବାକ୍ୟରେ ବ୍ୟବହାର

| | |
|---|---|
| ଗୋଜିଆ ପାହାଡ଼ ଗୋଟିଏ ତ୍ରିଭୁଜର ଉଦାହରଣ । | : ଗୁଜିଆ ପାହାଡ଼ ଗୋଟେ ତ୍ରିଭୁଜର ଉଦାହରଣ୍ । |
| ରୁମାଲ ଗୋଟିଏ ବର୍ଗକ୍ଷେତ୍ରର ଉଦାହରଣ । | : ରୁମାଲ ଗୋଟେ ବର୍ଗକ୍ଷେତ୍ରର ଉଦାହରଣ । |
| ଦିଆସିଲି ଗୋଟିଏ ଆୟତକ୍ଷେତ୍ରର ଉଦାହରଣ । | : ମାଚିସ୍ ଗୋଟେ ଆୟତ କ୍ଷେତ୍ରର ଉଦାହରଣ । |

## ଗଢ଼ବା

| | |
|---|---|
| ୧. କଦଳୀ | : କଦଳୀ |
| ୨. କ୍ରିକେଟ ବ୍ୟାଟ | : କ୍ରିକେଟ୍ ବ୍ୟାଟ୍ |
| ୩.ବଲ | : ବଲ୍ |
| ୪.ଚକ | : ଚକ୍ |
| ୫.ଇଟା | : ଇଟା |
| ୬.ଗୁଲିବାଡ଼ି | : ଗୋଲବାଡ଼ି |
| ୭.କମଳା | : କମଳା |
| ୮.ପ୍ଲେଟ | : ପ୍ଲେଟ୍ |

## ଦଳ ଦଳ କରି ଗଣିଆଁ

| | |
|---|---|
| ଗାଁ ହାଟରେ ବିକ୍ରି କରିବା ଜିନିଷ | : ଗାଁ ବଜାରରେ ବିକିବାର ଜିନିଷ୍ |
| ୧.ଲେମ୍ବୁ | : ଲେବୁ |
| ୨.ନଡ଼ିଆ | : ନଡିଆ |
| ୩.କଦଳୀ | : କଦଳୀ |
| ୪.୧ ପୁଞ୍ଜା | : ମୁଠେ |
| ୫.୧ ଯୋଡ଼ା | : ଯୋଡ଼ିଏ |

## ସାନ୍ ବଡ୍ ସଂଖ୍ୟା ଚିହ୍ନିବା

| | |
|---|---|
| ୧. ୫ ଟଙ୍କା ଓ ୨ ଟଙ୍କା ମଧ୍ୟରେ କାହାର ବେଶୀ । | : ୫ ଟଙ୍କା ୨ ଟଙ୍କା ଭିତରେ କେଁଟା ବେଶୀ । |
| ୨. ଧାଡି ହୋଇ ଛିଡ଼ା ହୁଅ ଓ ୧ ଠାରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ଗଣିବା । | : ଧାଳିରେ ଠିଆହେଇ ୧ ରୁ ୧୦ ପରଯନ୍ତ୍ ସଂଖ୍ୟା ଗଣିମା । |
| ୩. କିଏ ଆଗରେ ପହଂଚିବ ? | : ଆଗରେ କିଏ ପହଁଚିବାକ୍ ? |
| ୪. ତୁମ ବିଦ୍ୟାଳୟର ପାହଚ ଗଣ, ମିସ୍କୁଲତା ପାହାଚ ଗଣି ମୁଁ ବାକ୍ୟରେ ବ୍ୟବହାର କରିବି । | : ତମର୍ ଇସ୍କୁଲର ପାହାଚ ଗଣ, ମିସ୍କୁଲତା ଗଣିକରି ମୁଁଇ ବାକ୍ୟରେ ବେଭାର କର୍‌ବି । |
| ୫. କେଉଁ ଜିନିଷ ଘୋଷାଡ଼ି ନେଇପାରିବା ତାହା ଲେଖ । | : କେଁ ଜିନିଷ୍ ଳାକଇ ଘଷାରି କରି ନେଇ ପାର୍‌ବା ସେଳାକ ଲେଖିବା । |
| ୬. ଇଟା, କ୍ରିକେଟ, ବ୍ୟାଟ, ପ୍ଲେଟ । | : ଇଟା, କ୍ରିକେଟ୍, ବ୍ୟାଟ୍, ପ୍ଲେଟ୍ |
| ୭. ଗୋଟିଏ ପୁଞ୍ଜା କହିଲେ କେତୋଟି ? | : ଗୋଟେ ପୁଂଜା ହେନେ କେତଟା ? |
| ୮. ଗୋଟିଏ ପୁଞ୍ଜା ୪ ଟା । | : ୧ ପୁଞ୍ଜା ହେନେ ୪ଟା । |

## ମିଶାଣ୍ କରିବା

| | |
|---|---|
| ୧. ରାମ ଧରିଥିବା ଫୁଲ ଗୁଡ଼ିକ ସଂଖ୍ୟା କେତେ ? | : ରାମ କେତ୍‌ଟା ଫୁଲ୍ ଧେରିଛି ? |
| ୨. ଶ୍ୟାମ ଧରିଥିବା ଫୁଲ ଗୁଡ଼ିକ ସଂଖ୍ୟା କେତେ ? | : ଶ୍ୟାମ କେତ୍‌ଟା ଫୁଲ୍ ଧେରିଛି ? |
| ୩. କିଏ ଅଧିକ କିଏ କମ ଧରିଛି କହ ? | : କିଏ ଜୋର୍ ଆଉ କିଏ ଅଳପ୍ ଧେରିଛି କହ ? |
| ୪. ୫ଟି ଛେଳି ଓ ୬ଟି ଛେଳି ମିଶି କେତେ ହବ ? | : ୫ଟା ଛେଳି ଓ ୬ଟା ଛେଳି ମିଶିନେ କେତେ ହେବାକ୍ ? |
| ୫. ବସ୍‌ରେ ୫୫ ଜଣ ଲୋକଯାଇପାରିବେ । | : ବସ୍‌ରେ ଦୁଇକୋଡ଼ି ପନ୍ଦରଜଣ ଲୋକ୍ ଯାଇ ପାର୍‌ବେ । |
| ୬. ସାର୍ଟ ଓ ପ୍ୟାଂଟ ମିଶାଇ କିଣିଲେ କେତେ ଟଙ୍କା ହେବ ? | : ସାଟ୍ ହେଲା ପେଣ୍ଟ ମିଶାଇ କରି ଘେନିନେ କେତେ ଟଙ୍କା ହେବାକ୍ ? |
| ୭. ଛତା ଓ ବ୍ୟାଗର ଦାମ କେତେ ହେବ ? | : ଛତା ଓ ବ୍ୟାଗର୍ ରେଟ୍ କେତେ ହେବାକ୍ ? |
| ୮. ଗୋଟିଏ ପେନର ଦାମ କେତେ ? | : ଗୋଟେ ଡଟ୍‌ର ରେଟ୍ କେତେ ହେବାକ୍ ? |
| ୯. ଗୋଟିଏ ପେନସିଲର ଦାମ କେତେ ? | : ଗୁଟେ ପେନ୍‌ସିଲ୍‌ର ରେଟ୍ କେତେ ? |
| ୧୦. ପେନ ଓ ପେନସିଲର ମୂଲ୍ୟ କେତେ ? | : ଡଟ୍ ହେଲା ପେନ୍‌ସିଲର ରେଟ୍ କେତେ ହେବାକ୍ ? |

## ଫେଡାଣ କରିବା ପ୍ରଶ୍ନ

| | |
|---|---|
| ୧. ୫ ରୁ ୩ ଗଲେ କେତେ ? | : ୫ ରୁ ୩ ଗନେ କେତେ ? |
| ୨. ୧୦ ରୁ ୩ ଗଲେ କେତେ ? | : ୧୦ ରୁ ୩ ଗନେ କେତେ ? |
| ୩. ୮୦ ରୁ ୨୦ ଗଲେ କେତେ ? | : ଅଶୀରୁ କୋଡ଼ିଏ ଗନେ କେତେ ? |

## (+) ମିଶାଣ୍

| | |
|---|---|
| ଗୋଟିଏ ଛେଳିର ଦାମ ୫୦୦ ଟଙ୍କା ହେଲେ ୨ଟି ଛେଳିର ଦାମ୍ କେତେ? | ଗୁଟେ ଛେଳିର ଦାମ୍ ୫୦୦ ଟଙ୍କା ହେନେ ୨ଟା ଛେଳିର ରେଟ୍ କେତେ ହେବାକ୍? |

## (-) ଫେଡ଼ାଣ୍ /ପ୍ରଶ୍ନ

| | |
|---|---|
| ୫ ରୁ ୩ ଗଲେ (କେତେ ) | ୫ ରୁ ୩ ଗନେ କେତେ ? |

## ଶୂନ ମିଶବା ହେଲା ଫେଡ଼ିଆ

| | |
|---|---|
| (କ) ୫ରେ ୦ ମିଶାଇଲେକେତେ? | ୫ ରେ ୦ ମିଶାନେ କେତେ ? |
| (ଖ) ୧୦ରୁ ୫ ଗଲେ କେତେ ? | ୧୦ରୁ ୫ ଗନେ କେତେ ? |
| (ଗ) ୩୦ ଟଙ୍କା + ୨୦ ଟଙ୍କା କେତେ? | ୩୦ ଟଙ୍କା + ୨୦ ଟଙ୍କା କେତେ? |

## ମିଶ୍ବା ବଦଳରେ ଗୁଣିମା

| | |
|---|---|
| (କ) ଗୋଟିଏ ଫୁଲ ପେନ୍ଥାରେ କେତଟି ଫୁଲ ଅଛି । | ଗୁଟେ ଫୁଲ୍ ନେନ୍ଥାରେ କେତଟା ଫୁଲ ଆଛି । |
| (ଖ) ସେହିପରି ୫ ଟି ଫୁଲ ମାଳରେ କେତଟି ଫୁଲଥିବ? | ସିମିତିର୍ ୫ଟା ଫୁଲ୍ ମାଳକେ କେତେଟା ଫୁଲ ଥିଆକ୍ / ଥିବାକ୍? |
| (ଗ) ଧାଡ଼ି ଧାଡ଼ି ଗଣ । | ଧାଳି ଧାଳି ଗଣ୍ । |
| (ଘ) ଗୋଟିଏ ଚାବି ପେନ୍ଥାରେ କେତଟି ଚାବି ଅଛ? | ଗୁଟେ ଋବି ନେନ୍ଥାକେ କେତେଟା ଋବି ଆଛି? |
| (ଙ) ୫ ଟି ଚାବି ପେନ୍ଥାରେ କେତଟି ଚାବି ଅଛି? | ୫ଟା ଋବି ମେନ୍ଥାକେ କେତଟା ଋବି ଆଛି? |
| (ଚ)ଦୁଇଟି ହାତର ଆଙ୍ଗୁଠି କେତେ? | ଦୁଇଟା ହାତର ଆଙ୍ଗ୍ଳି କେତଟା? |

## ବାକ୍ୟରେ ବ୍ୟବହାର କର

| | |
|---|---|
| ୫ରେ ୦ (ଶୂନ) ମିଶିଲେ କେତେ? | ୫ ରେ ୦ ମିଶିନେ କେତେ ହିଆକ୍? |
| ୩୦ ଟଙ୍କା + ୨୦ ଟଙ୍କା = ୫୦ ଟଙ୍କା | ୩୦ ଟଙ୍କା + ୨୦ ଟଙ୍କା = ୫୦ ଟଙ୍କା |
| ୫୦ ( ପଚାଶ ଟଙ୍କା) | ୫୦= ଦିକୁଳି ଦଶଟଙ୍କା |

## ସମାନ ଭାଗରେ ବାଂଟିବା

| | |
|---|---|
| ୧. ୧୦ଟି ଆମ୍ବ ୫ ଜଣ ବାଂଟି ଖାଇଲେ । | ୧୦ଟା ଆମ୍ ୫ଝଣ୍ ବାଂଟି ଖାଲାଇ । |
| ୨. ୨୦ଟି କମଳା ୪ ଜଣକୁ କେତେଟି କମଳା ପଡ଼ିବ? | ୨୦ଟା କମଳା ୪ ଝଣ୍କଇ କେତେଟା କମଳା ପଡିଆକ୍? |
| ୩. ୮୦ଟି କଦଳୀ ୧୦ ଜଣ ପିଲା, ଜଣକା କେତୋଟି ଲେଖାଏଁ କଦଳୀ ଖାଇବେ? | ୮୦ଟା କଦଳ୍ୀକି ୧୦ ଝଣ ପିଲା କେତେଟା ଲେଖା ଖାବାଇ? |
| ୪. ୫ଟି ଶୁଆରେ ଗୋଟିଏ ଦଳ ସେହିପରି ୮ଟି ଦଳରେ କେତେ ରହିବେ ? | ୫ଟା ଶୁଆରେ ଗୁଟେ ଦଲ୍ ସିମିତି ୮ଟା ଦଳରେ କେତେ ରହିବାଇ? |

## ଟଙ୍କା ପଇସା ଦିଆନିଆ କରିବା

୧ ଟଙ୍କା : ୧ ଟଙ୍କା
୨ ଟଙ୍କା : ୨ ଟଙ୍କା (ଦିଟଙ୍କା)
୫ ଟଙ୍କା : ପାଂଚ ଟଙ୍କା
୧୦ ଟଙ୍କା : ୧୦ ଟଙ୍କା (ଦି ପାଞ୍ଚ୍ ଟଙ୍କା)
୨୦ ଟଙ୍କା : ୨୦ ଟଙ୍କା(କୋଳିଏ ଟଙ୍କା)
୫୦ ଟଙ୍କା : ୫୦ ଟଙ୍କା(ଦିକୁଳି ଦଶ୍ ଟଙ୍କା)
୧୦୦ ଟଙ୍କା : ୧୦୦ ଟଙ୍କା(ପାଞ୍ଚ କୁଳି ଟଙ୍କା)
୧୦୦୦ ଏକ ହଜାର : ହଜାରେ ଟଙ୍କା
୫୦୦୦ ପାଂଚ ହଜାର : ପାଂଚ ହଜାର୍
୧୦,୦୦୦ ଦଶ ହଜାର : ଦଶ୍ ହଜାର୍

## ବାକ୍ୟରେ ବ୍ୟବହାର / ବାଇକରେ ବେଭାର୍

୧. ୧୦ଟି ଆମ୍ବକୁ ୫ ଜଣ ପିଲାଙ୍କ ମଧ୍ୟରେ ବାଣ୍ଟିଲେ ୧ ଜଣକୁ କେତୋଟି ଆମ୍ବ ପାଇବେ? : ୧୦ ଟା ଆମ୍ ୫ ଝଣ୍ ବାଂଟିନେ କେତେଟା ଲେଖା ପାଇବାଇ?
୨. ଗୋଟିଏ ଗାଈର ଦାମ = ୧୦୦୦ ଟଙ୍କା, ହେଲେ ୨ଟି ଗାଈର ଦାମ କେତେ? : ଗୁଟେ ଗାଈର୍ ଦାମ୍ ୧୦୦୦ ଟଙ୍କା ହେନେ ୨ଟା ଗାଈର୍ ଦାମ୍ କେତେ ଦାମ୍ ହେବାକ୍?

### ପାଠ-୧୨

## ନମା କେତେ ଜାଣିଆଁ

ତୁମେ କେତେ ଲମ୍ବା ଅଛ? : ତମେ କେତେ ନମା ଆଛ?
ଟେବୁଲର ଲମ୍ବା କେତେ? : ଟେବୁଲର ନମା କେତେ?
ପେନ୍‌ର ଲମ୍ବା କେତେ ? : ପେନ୍‌ର ନମା କେତେ?
କବାଟର ଲମ୍ବା କେତେ? : ଢୁଗାଲ୍‌ର ନମା କେତେ?
ଶ୍ରେଣୀ କୋଠରୀର ଲମ୍ବା କେତେ? : ଶ୍ରେଣୀ ଘରର୍ ନମା କେତେ?

### ପାଠ-୧୩

## ଓଜନ୍ ଉଲାସ୍ କି ଭାରି ଜାଣିବା

ନିକିତି : ବିଷାଡ଼ାଙ୍ଗ / କିଲ ଦଣ୍ଡି / କିଲପଲା
ହାତୀ : ହାତୀ
ବିଲେଇ : ବିଲାଇ
ମିନୁ : ମିନୁ
ତୁମେ ଚାଉଳ ବସ୍ତା ନେଇପାରିବ କି ? : ତୁମେ ଗଉଳ ବସ୍ତା ନି ପାରିବ କି?

ତୁମେ ଲୁଣ ପ୍ୟାକେଟ ଉଠାଇ ପାରିବ କି ? : ତମେ ନୁଣ୍ ପକେଟ୍ ଉଠାଇ ପାରିବ କି ?
ବିଲେଇ ବଡ଼ ନା ହାତୀ ବଡ଼ । : ବିଲାଇ ବଡ଼ କି ହାତୀଟା ବଡ଼ ।
ମାଛ ବଡ଼ନା ବେଙ୍ଗ ବଡ଼ । : ମାଛ୍ ବଡ୍ ନା ବେଙ୍ଗ୍‌ଟା ବଡ୍ ।

## ବାକ୍ୟରେ ବ୍ୟବହାର / ବାଇକରେ ବେଭାର

ନିକିତି ଦ୍ୱାରା ଚାଉଳ ଓଜନ କରାଯାଏ । : କିଲପଲା ରେ ଚାଉଲ୍ ଓଜନ୍ କରାହେଇ ।
ମାଛ ନିକିତି ଦ୍ୱାରା ଓଜନ କରାଯାଏ । : ମାଛ୍ କିଲପଲା ରେ ଓଜନ୍ କରାହେଇ ।

## ଗିଲାସ୍ ନିକରିପାଣି ନାପିଆ

ବାଲଟି : ବାଲଟି / ବାଲ୍‌ଟିଣି
ମଗ : ମଗ୍
ଗ୍ଲାସ : ଗିଲାସ୍ / କମ୍
ବୋତଲ : ବୋତଲ୍
କେଉଁଥିରେ ଖୁବ୍ କମ୍ ପାଣି ଧରିବ ? : କେଁ ଟାରେ ବଢେ ଅଳପ୍ ପାଣି ଧେରିଆକ୍ ?
ବାଲ୍‌ଟିରେ ଅଧିକ ପାଣି ଧରିବ ନା ବୋତଲରେ । : ବାଲ୍‌ଟିକେ ଜୋର ପାଣି ଧରିଆକ୍ ନାଁ ବୋତଲ କଇ ।

## ବାର ମାସିର ନାଁ ଜାଣିଆଁ

ବର୍ଷ : ବରଷ୍
ମାସ : ମାସ୍
ବୈଶାଖ : ବୈଶାଗ୍
ଜ୍ୟେଷ୍ଠ ମାସ : ଜେଠ ମାସ୍
ଆଷାଢ଼ : ଅଶାଲ୍
ଶ୍ରାବଣ : ଶ୍ରାବଣ
ଭାଦ୍ରବ : ଭୁଦ
ଆଶ୍ୱିନ : ଅଶିଣ୍
କାର୍ତ୍ତିକ : କାର୍ତିକ
ମାର୍ଗଶିର : ମଗଶିର୍
ପୌଷ : ପୁଷ୍
ମାଘ : ମାଘ୍
ଫାଲଗୁନ : ଫଗୁଣ
ଚଇତ୍ର : ଚୂଇତ୍

# ବାକ୍ୟରେ ବ୍ୟବହାର କର

| | |
|---|---|
| ବାର ମାସରେ ଏକ ବର୍ଷ ହୁଏ । | : ବାର୍ ମାସରେ ଗୁଟେ ବର୍ଷ / ବରଷ୍ ହେଇ । |
| ବୈଶାଖ ମାସ ବେଶୀ ଖରା ହୁଏ । | : ବୈଶାଗ୍ ମାସ ଜୁର୍ ଖାରା ହେଇ । |
| ଆଷାଢ଼ ମାସ ଧାନ ଚାଷ କରାଯାଏ । | : ଆଶାଢ଼୍ ମାସ୍‌ରେ ଧାନ ଚାଷ କରାହେଇ । |
| ମାର୍ଗଶୀର ମାସରେ ବେଶୀ ଶୀତ ହୁଏ । | : ମଗ୍‌ଶୀର୍ ମାସ୍‌ରେ ଜୋର୍ ଶୀତ୍ ହେଇ । |
| ଚୈତ୍ର ମାସରେ ଚୈତ୍ର ପର୍ବ ପାଳନ ହୁଏ । | : ଚୂଇତ୍ ମାସରେ ଚଇତ୍ ପରବ୍ ପାଳନ ହେଇ । |
| **ସପ୍ତାହ** | **ହପ୍ତା** |
| ରବିବାର | ରଇବାର୍ |
| ସୋମବାର | ସମ୍‌ବାର୍ |
| ମଙ୍ଗଳବାର | ମଙ୍ଗଲ୍‌ବାର୍ |
| ବୁଧବାର | ବୁଧ୍‌ବାର୍ |
| ଗୁରୁବାର | ଗୁର୍‌ବାର୍ |
| ଶୁକ୍ରବାର | ଶୁକୁର୍‌ବାର୍ |
| ଶନିବାର | ଶନିବାର୍ |
| ବୁଧବାର ପରେ କେଉଁ ବାର ଆସେ । | : ବୁଧବାର ପଛେ କେଁ ବାର ଆସଇ । |
| ସୋମବାରର ତିନିଦିନ ପରେ କେଉଁବାର ପଡ଼ିବ ? | : ସୋମବାରର୍ ତିନି ଦିନ ପରେ କେଁବାର୍ ପଡ଼ିଆକ୍ ? |
| ଗତ କାଲି କେଉଁ ବାର ପଡ଼ିଥିଲା । | : କାଲ୍‌ର କେଁ ବାର୍ ପଡ଼ିଥିଲା । |
| ବୈଶାଖ ଜ୍ୟେଷ୍ଠ ମାସରେ ଅଧିକ ଆମ୍ବ ମିଳେ । | : ବୈଶାଖ୍ ଜେଷ୍ଠ୍ ମାସରେ ଜୋର୍ ଆମ୍ ମିଳଇ । |
| ଆଷାଢ଼ ଶ୍ରାବଣ ମାସରେ ଧାନ ରୁଆ ହୁଏ । | : ଆଶାଢ଼୍ ଶ୍ରାବଣ ମାସ୍‌ରେ ଧାନରୁଆ ହେଇ । |
| ମାଘ ପୌଷ ମାସରେ ଅଧିକ ଶୀତ ହୁଏ । | : ମାଘ୍, ପୁଷ୍ ମାସ୍‌ରେ ଜୋର୍ ଜାଡ଼ ହେଇ । |
| ଅକ୍ଟୋବର ମାସ ୨ ତାରିଖକୁ ଗାନ୍ଧି ଜୟନ୍ତି କହିଥାଉ । | : ଆକ୍ଟୋବର୍ ମାସ୍ ୨ ତାରିଖକଇ ଗାନ୍ଧୀଜୟନ୍ତି କହୁଁ । |
| ନଭେମ୍ବର ମାସ ୧୪ ତାରିଖରେ ଶିଶୁ ଦିବସ ପାଳନ କରାଯାଏ । | : ନଭେମ୍ବର୍ ମାସ୍ ୧୪ ତାରିଖରେ "ଶିଶୁଦିବସ" ପାଳନ କରାହେଇ । |
| ଆମେ ଜାନୁଆରୀ ମାସ ୨୩ ତାରିଖକୁ ନେତାଜୀ ଜୟନ୍ତୀ କହିଥାଉ । | : ଆମେ ଜାନୁୟାରୀ ମାସ ୨୩ ତାରିଖକଇ ନେତାଜୀ : ଜୟନ୍ତି କହିଥାଉଁ । |
| ଅପ୍ରେଲ ମାସ ୧ ତାରିଖକୁ ଉତ୍କଳ ଦିବସ ପାଳନ କରାଯାଏ । | : ଏପ୍ରିଲ ମାସ୍ ୧ତାରିଖ୍‌କି ଉତ୍କଳ ଦିବସ ପାଳନ୍ କରାହେଇ । |
| ସାତବାରରେ ଏକ ସପ୍ତାହ ହୁଏ । | : ସାତ ବାରରେ ଗୁଟେ ହପ୍ତା ହେଇ । |

ରବିବାର ସପ୍ତାହର ପ୍ରଥମ ଦିନ । : ରଇବାର୍ ହପ୍ତାହର୍ ପହିଲ୍ ଦିନ ।

ଗୁରୁବାର ଦିନ ଲକ୍ଷ୍ମୀପୂଜା କରାଯାଏ । : ଗୁରବାର୍ ଦିନେ ଲକ୍ଷ୍ମୀକଇ ପୂଜା କରତ୍ ।

## ସଜାଇ ସୁକୁ କରିଥା

ରାମ ଭଲ ସାର୍ଟ ପିନ୍ଧିଛି । : ରାମ ନିଙ୍କ ସାର୍ଟ ପିନ୍ଧିଛି ।

ତୋ ଫ୍ରକର ଅଂଟାରେ ଚୁମୁକି ଲାଗିଛି । : ତର୍ ଫ୍ରକର ଅଂଟାରେ ଚିମୁକି ଲାଗିଛି ।

ତୋ ସାର୍ଟରେ ଫୁଲ ଚିତ୍ର ଲାଗିଛି । : ତର୍ ସାର୍ଟରେ ଫୁଲଫୁଟା ଚିତ୍ର ଲାଗିଛି ।

କିଏ ଖୋଟି କରି ପାରିବ । : କିଏ ଝଟି କରି ପାରିଥାକ୍ ।

### ତୃତୀୟ ଶ୍ରେଣୀ

## ଜଣା ଅଜଣା

ଘର ଭିତରେ କାମ । : ଘର୍ ଭିତ୍ରେ କାମ୍ ।

ସମସ୍ତେ ମିଶି ପ୍ରାର୍ଥନା କରିବା । : ସବୁଲା ମିଶିକରି ପ୍ରାର୍ଥନା କରିବା ।

ସମସ୍ତେ ମିଶି ଖାଇବା । : ସବୁଲା ମିଶିକରି ଖାଇବା / ଖାବା ।

ମିଳିମିଶି ଖେଳିବା । : ମିଶିକରି ଖେଲ୍‌ବା ।

ଧାଡ଼ିବାନ୍ଧି କେଜି ଉଇଜ ମାଗିବା । : ଧାଲି କରି କେଜିଏ ଉଇଜ ମାଗିବା ।

ଧାଡ଼ିବାନ୍ଧି ଡାକ୍ତରଙ୍କୁ ସାକ୍ଷତ କରିବା । : ଧାଲି କରି ଡାକ୍ତର କଇ ଦେଖା କରିବା ।

## ଘର ବାହାର କାମ୍

ଧାଡ଼ି ବାନ୍ଧି ନଳକୂପରୁ ପାଣି ଆଣିବା । : ଧାଳି କରି ନଲକୁଉରୁ ପାଣି ଆଣିବା ।

ଧାଡ଼ି ବାନ୍ଧି ବସ୍‌ରେ ଚଢ଼ିବା । : ଧାଳି କରି ବସ୍‌ରେ ଉଠିବା ।

ରାସ୍ତାରେ ନିୟମ ମାନି ଚଳିବା । : ବାଟ୍‌ରେ ନିୟମ୍ ମାନି କରି ଚଲିବା ।

## ଶୃଙ୍ଖଳିତ ବ୍ୟବହାର

ପିତା ମାତାଙ୍କୁ ନମସ୍କାର କରିବା । : ବୁଆ ମାଁକୁ ଜୁହାର୍ କରିବା ।

ଭାଇ ଭଉଣୀଙ୍କୁ ସ୍ନେହ କରିବା । : ଭାଇ ଭଣୀ ଗାକଇ ଶରଧା କରିବା ।

ଗୁରୁଜନଙ୍କ କଥା ମାନିଚଳିବା । : ବଡ଼୍‌ଲାର କଥା ମାନି ଚଳିବା

ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା । : ଇସ୍କୁଲ୍‌କଇ ଠିକ୍ ସମଇରେ ଆସିବା ।

ଖାଇବା ପୂର୍ବରୁ ହାତ ଧୋଇବା । : ଖାବାର ଆଗରୁଁ ହାତ୍ ଧେଇବା ।

ରାସ୍ତା ମଝିରେ ଚାଲିବା ନାହିଁ । : ବାଟ ମଝିକେ ନାଇଁ ଚାଲିବା ।

ବଡ଼ ଲୋକଙ୍କୁ ଯୁକ୍ତି ତର୍କ କରିବା ନାହିଁ । : ବଡ଼ ମାନକଇ ଯକ୍ତିତର୍କ ନାଇଁ କରିବା ।

ଚାଲିବା ଶଗଡ଼ରେ ହାତ ମାରିବା ନାହିଁ । : ଚାଲିବା ହଳିଆ ଗାଡିରେ ହାତ୍ ନାଇଁ ମାରିବା / ମାରିଆ ।

ଭାଇ ଭଉଣୀଙ୍କୁ ମାରପିଟ କରିବା ନାହିଁ । : ଭାଇ ଭଉଣୀଲାକଇ ନାଇଁ ପିଟିବା / ପିଟିବା ।

ଶ୍ରେଣୀରେ ଶିକ୍ଷକ ପଢାଉଥିଲା ବେଳେ ଗପ କରିବା ନାହିଁ : କିଲାସ୍‌ରେ ମାଷ୍ଟର୍ ପଢ଼ାଥିବା ବେଳକଇ କଥା ନାଁହେବା ।

## ଇସ୍କୁଲ୍‌ର ନିୟମ୍‌ ଏକାଠି କର୍

ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା । : ଇସ୍କୁଲ୍‌କଇ ଠିକ୍ ସମଇରେ ଆସିବା

ଗୁରୁଜନଙ୍କୁ ନମସ୍କାର କରିବା । : ବଡ଼ ମାନକଇ ଜୁହାର୍ କରିବା

ମନ ଦେଇ ପାଠ ପଢ଼ିବା । : ମନ୍ ଦେଇକରି ପାଠ୍ ପଢ଼୍‌ବା

ଶିକ୍ଷକଙ୍କ ଅନୁପସ୍ଥିତିରେ ପାଟିତୁଣ୍ଡ କରିବାନାହିଁ । : ମାଷ୍ଟ୍ରର ନାଇଁଥିବା ବେଳ୍‌କଇ ପାଟିତୁଣ୍ଡ୍ ନାଇଁ କରିବା ।

ସକାଳୁ ଉଠି ମୁହଁ ଧୋଇବା । : ସକାଲୁ ଉଠି ମୁହୁଁ ମୁଛିବା ।

## ରାସ୍ତାର ସଙ୍କେତ / ବାଟର ଚିହ୍ନ

ନାଲିବତି ଜଳିଲେ ଗାଡ଼ି ରହିବ । : ନାଲ୍‌ବତି ଜଳିନେଁ ଗାଡ଼ି ରହିୟାକ୍ ।

ହଳଦିଆ ବତି ଜଳିଲେ ଯିବାପାଇଁ ପ୍ରସ୍ତୁତ ହୁଏ । : ହଳଦିଆ ବତୀ ଜଳିନେଁ ଯିବାଲାଗି ସଜ ହିଅନ୍ତ୍ ।

ସବୁଜ ବତୀ ଜଳିଲେ ନିରାପଦରେ ଯାଇପାର । : ଶାଗୁଆ ବତୀ ଜଳିନେଁ ଆରାମ୍‌ରେ ଯାଇହିଅଇ ।

## କେଁଠି କିସ୍ ହେଇ

ବିଦ୍ୟାଳୟରେ ପାଠ ପଢାହୁଏ । : ଇସ୍କୁଲ୍‌ରେ ପାଠ୍ ପଢ଼ା ହେଇ ।

ଡାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ । : ଡାକ୍‌ତରଖାନାରେ ରୋଗୀ ଲାକଇ ଚିକିତ୍ସା କରନ୍ତ୍ ।

ବ୍ୟାଙ୍କରେ ଟଙ୍କା ଜମା କରାଯାଏ । : ବ୍ୟାଙ୍କ୍‌ଲାରେ ଟଙ୍କା ଠୋଲ୍ କରନ୍ତି ।

ପୋଲିସ ଥାନାରେ ଅପରାଧିଙ୍କୁ ବନ୍ଦି କରାଯାଏ । : ପୋଲିସ୍ ଥାନାରେ ଦୋଷିଲାକଇ କିଳି କରି ରଖଇ ।

ଡାକ ଘରେ ଚିଠି ପକାଯାଏ । : ଡାକଘରେ ଚିଠିଲା ପକାନ୍ତି ।

ଚିଠି ପତ୍ର । : ଚିଠି ପତର୍ ।

ପାର୍ସଲ : ପାର୍ସଲ୍

## ଶୃଙ୍ଖଳା ପ୍ରହରୀ

ବନ୍ଧୁକ : ବନ୍ଧୁକ୍

ହାଜତ ଥାନା : ହାଜତ୍ ଥାନା

| | |
|---|---|
| ଟେଲିଫୋନ | : ଟେଲିଫୁନ୍ |
| ବାଡ଼ି | : ବାଡ଼ି |

### ଦମକଲ୍

| | |
|---|---|
| ଦମକଳ | : ଦମ୍‌କଲ୍ |
| ଘରପୋଡ଼ି | : ଘର୍‌ପୋଡ଼ି / ଘର୍ ପୁଡ଼ି |

## ଦଦାର ବିଷର ବଦ୍‌ଲିଲା

| | |
|---|---|
| ଋଣ | : ଋଣ୍, ଧାର୍ |
| ମ୍ୟାନେଜର | : ମେନ୍‌ଜର୍ |
| ଗୃହଋଣ | : ଗୃହ୍ ଋଣ୍ |
| କୁକୁଡ଼ା ଋଣ | : କୁକୁଡ଼ି ଋଣ୍ |

### ବ୍ୟବହାର

| | |
|---|---|
| ପୋଲିସ୍ ବନ୍ଧୁକ ଧରେ । | : ପୋଲିସ୍ ଟା ବନ୍ଧୁକ୍ ଧରଇ । |
| ଜେଲରେ କଏଦି ରହନ୍ତି । | : ଜିଅଲ୍‌ରେ କଏଦି ରହଅନ୍ତ୍ । |
| ନିଆଁ ଲାଗି ଘର ପୋଡ଼ିଯାଏ । | : ନିଆଁଟା ଲାଗିନେଁ ଘର୍ ପୁଡ଼ଇ । |
| ବ୍ୟାଙ୍କରେ ଋଣ ମିଳିଥାଏ । | : ବ୍ୟାଙ୍କ୍‌ରେ ଋଣ୍ ମିଳଇ । |
| ନିଆଁ ଲାଗିଲେ ଦମକଳ କୁ ଫୋନ କରାଯାଏ । | : ନିଆଁ ଲାଗିନେଁ ଦମକଲ୍ ଗାଡିଟାକଇ ଫୁନ୍ କରନ୍ତ୍ । |

## ଆମର୍ ଶାସନ ଆମର୍ ହାତେ

| | |
|---|---|
| ଗ୍ରାମ ପଞ୍ଚାୟତ | : ଗ୍ରାମ ପଂଚାଇତ୍ |
| ସରପଞ୍ଚ | : ସର୍‌ପଂଚ୍ |
| ମେମ୍ବର | : ମେଁବର୍ |
| ମୁନସିପାଲଟି | : ମୁନସି ପାଲ୍‌ଟି |
| ସଭ୍ୟ | : ସଭ୍ୟ |
| ବିଡିଓ | : ବିଡ଼ିଓ |

### ଅଦାଲତ

| | |
|---|---|
| ଓକିଲ | : ଉକିଲ |

| | |
|---|---|
| ଗୁମସ୍ତା | : ଗୁମାସ୍ତା |
| ଜର୍ଜ୍ | : ଜଜ୍ |
| ହାଇକୋଟ | : ହାଇକୁଟ୍ |
| ଜିଲ୍ଲାପାଳ | : ଜିଲ୍ଲାପାଲ୍ / କଲକ୍ଟର |
| ଜିଲ୍ଲା | : ଜିଲ୍ଲା |

## ବଣଭୋଜି

| | |
|---|---|
| ମାଂସ | : ମାଉଁସ୍ / ମାଇଁସ୍ |
| କାଠ | : କାଠ୍ |
| ତେଲ | : ତେଲ୍ |
| ଡାଲି | : ଡାଲି |
| ଦିଆସିଲି | : ମାଚିଶ୍ |
| ଲୁଣ | : ନୁଣ୍ |

### ବ୍ୟବହାର

| | |
|---|---|
| କେତେ ଗୁଡ଼ିଏ ଗ୍ରାମକୁ ନେଇ ଗ୍ରାମ ପଂଚାୟତ ଗଠନ ହୁଏ । | : କେତେ ଗୁଳିଏ ଗାଁ ନିକରି ଗ୍ରାମ ପଂଚାୟତ ଗଠିତ ହେଇ । |
| ପଂଚାୟତର ମୁଖିଆଙ୍କୁ ସରପଂଚ କୁହାଯାଏ । | : ପଂଚାୟତ୍‌ର ମୁଖିଆଙ୍କୁ ସରପଂଚ୍ କହନ୍ସି । |
| ବି.ଡ଼ି.ଓ. ବ୍ଲକର ମୁଖ୍ୟ ଅଧିକାରୀ । | : ବିଡ଼ିଓ ବ୍ଲକ୍‌ର ମେନ୍ ଲୋକ୍ । |
| ଓକିଲ କୋର୍ଟରେ କାମ କରନ୍ତି । | : ଓକିଲ୍ କୋର୍ଟରେ କାମ୍ କରଇ । |
| ଜିଲ୍ଲାର ମୁଖ୍ୟ ଜିଲ୍ଲାପାଳ ଅଟନ୍ତି । | : ଜିଲ୍ଲାର ମୁଖ୍ୟଙ୍କୁ ଜିଲ୍ଲାପାଲ୍ କହର୍ । |

## ମାନଚିତ୍ର ଆଙ୍କିଆ

| | |
|---|---|
| ଝରକା | : ଝର୍‌କା |
| କଳାପଟା | : କଳାପଟା |
| ପୂର୍ବଦିଗ | : ପୁରୁବୁଦିଗ୍ |
| ପଶ୍ଚିମ ଦିଗ | : ପଶ୍ଚିମ୍ ଦିଗ୍ / ପଛିମ୍ ଦିଗ୍ |
| ଦେଶନାମ | : ଦେଶରନାମ୍ |

## ପଂଚମ ପାଠ୍

ପୁରାତନରୁ ନୂତନ : ପୁରୁଣାଁ ରୁ ନୂଆଁ
ଆଦିମ ମଣିଷ : ଆଗର୍‌ଲୁକ୍ / ଆଗର୍‌ଲୋକ୍
ଆଜିର ମଣିଷ : ଆଜିର୍ ଲୁକ୍
ବାସଗୃହ : ରହିବାଘର୍
ଶାଢ଼ୀ : ଶାଡି
ଖାଦ୍ୟ : ଖାଇଦ
ବିଜୁଳି : ବିଜ୍‌ଲି,ଏଲ୍‌କେଟ୍ରି
ଆମ ଘରେ ଦୁଇଟି ଝରକା ଅଛି । : ଆମର୍ ଘରେ ଦୁଇଟା ଝର୍‌କା ଆଛି ।
କଳାପଟାରେ ଲେଖାଯାଏ । : କଳାପଟାରେ ଲେଖା ହେଇ୍ ।
ପୂର୍ବ ଦିଗରେ ଉଦୟ ହୁଅନ୍ତି । : ପୁରୁବ୍ ଦିଗରେ ଉଦୟ ହେଇ୍ ।
ଆମ ଦେଶର ନାମ ଭାରତ୍ । : ଆମ ଦେଶର୍ ନାଁ ଭାରତ୍ ।
ଆଗ ଲୋକମାନେ ବଣରେ ରହୁଥିଲେ । : ଆଗର ଲୋକ୍‌ଲା ବଣରେ ରହଥିଲାଇ ।
ଆଜିକାଲି ଲୋକମାନେ ବଣରେ ରହନ୍ତି ନାହିଁ । : ଆଜିକାଲି ଲୁକ୍‌ଲା ବଣରେ ନାଁ ରହଁନ୍ତ୍ ।
ବିଜୁଳି ସାହାଯ୍ୟରେ ଧାନକଳ ଚାଲେ । : ବିଜୁଳି ସାହାରେ ଧାନକଲ୍ ଚାଲୟୀ ।
ସୁଷମ ଖାଦ୍ୟ ଖାଇବା । : ସୁଷମ୍ ଖାଦ୍ୟ ଖାବା ।
ବଣ ଦେଖିବାକୁ ସୁନ୍ଦର । : ବଣ୍ ଦେଖିବାକଇ ସୁନ୍ଦର୍ ।
ବାପା, ମାଙ୍କୁ ନମସ୍କାର କରିବ । : ବାବା, ମାଙ୍କୁ ଜୁହାର କରି୍ବ ।
ମୋତେ ଭାରି ଭୋକ ହେଉଛି । : ମକଇ ଜୋର୍‌ରେ ଭୋକ୍ କରଛି ।
ବଡ଼ ଲୋକଙ୍କୁ ଜୁହାର ହେବେ । : ବଡ୍ ଲୋକ୍ ମାନଙ୍କୁ ଜୁହାର୍ କରିବ ।

### ଷଷ୍ଠ ପାଠ

## ମୁଖ୍ୟ ପରିବାର (ନିଜ କୁଟୁମ୍ବ)

ବାଘ : ବାଘ୍
ବଣ : ବଣ୍
ପରିବାର : କୁଟୁମ୍ବ୍
ଖାଦ୍ୟର ଅଭାବ : ଖାଇବାର୍ ଅଭାବ୍
ହାଟ : ହାଟ୍

| | |
|---|---|
| ବାପା | : ବୁଆ |
| ମାଆ | : ମାଁ |
| ଭୋକ | : ଭୋକ୍ |
| ଡ଼ଂଟି | : ଚଣ୍ଡି |

## ଆମରି ଗୁରୁଜନ

| | |
|---|---|
| ପସନ୍ଦ କାମ | : ମନ୍‌କଇ ହେଲାମିତି କାମ |
| ପସନ୍ଦ ନୁହେଁ କାମ | : ମନକଇନାଇଁ କାମ୍ |
| ନମସ୍କାର | : ଜୁହାର୍ |
| ସମ୍ମାନ | : ସମ୍ମାନ୍ |
| ବୟସ୍କଲୋକ | : ବୁଢ଼ାଲୋକ୍ |

## ଆଖିଖୋଲିଲା

| | |
|---|---|
| ପୁଅ | : ପୁଅ |
| ଝିଅ | : ଝି |
| ଅଂଟା | : ଅଂଟା |
| ରୋଷେଇ | : ରନ୍ଧା |
| ବାସନ | : ବାସନ୍ |
| ବାର୍ଷିକ ଉତ୍ସବ | : ବରଷ୍କର ଉତ୍ସବ, ପରବ୍ |

## ନୁହେଁ ମୁ ଶ୍ରମିକ

| | |
|---|---|
| କୂଅ | : କୁଉ |
| ଅସରପା | : ସମାଲିପୋକ |
| ଛେଳି | : ସେଳି / ଛେଲ୍ |
| ବହି | : ବହି |
| ମେଘ | : ମେଘ୍ |
| ତଳାରି | : ତଳାରି |
| ପର୍ବତ | : ପର୍ବତ୍ |
| ପବନ | : ପବନ୍ |

| | |
|---|---|
| ସୁନାହାର | : ସୁନାହାର୍, ସୁନା ମାଳ |
| ଆମ୍ବଗଛ | : ଆମ୍ ଗଛ୍ |
| ପାଣି | : ପାଁଣି |
| ସୂର୍ଯ୍ୟ | : ବେଏଲ୍, ବେଲ୍ |
| ଚନ୍ଦ୍ର | : ଜହ୍ନ୍, ଜନ୍ |

## ବେଭାର୍

| | |
|---|---|
| ସବୁଦିନ ନିଜ ଦାନ୍ତକୁ ଝାଡୁ କରିବା । | : ସବୁଦିନ୍ ନିଜର ଡାଣ୍ଡ୍ ବଢ୍‌ବା । |
| ବିଦ୍ୟାଳୟରେ ବର୍ଷକୁ ଥରେ ବାର୍ଷିକ ଉତ୍ସବ କରାଯାଏ । | : ବିଦ୍ୟାଳୟରେ ବର୍ଷକୁ ଥରେ ବାର୍ଷିକ ଉତ୍ସବ କରାଯାଏ । |
| ବାସନ କୁସନ ମାଜିବା । | : ତାଟିଆ ବେଲା ମାଜିବା । |
| ମାଆମାନେ ଘରେ ବାସନ କୁସନ ମାଜନ୍ତି । | : ମାଆ ମାନେ ଘରେ ବେଲା ତାଟିଆ ମାଜନ୍ତି । |
| ଘରେ ଅସରପା ବାସ କରନ୍ତି । | : ଘରେ ଅସରପା ବାସ୍ କରନ୍ତି । |
| ଝିଅ ପିଲାମାନେ ସୁନାହାର ପିନ୍ଧନ୍ତି । | : ଟକିଜା ସୁନାହାର ପିନ୍ଧନ୍ତି । |

## ଜିଇଁଲା ମଲା

| | |
|---|---|
| ସାପ | : ସାପ୍ |
| ପିଲା | : ପିଲା |
| ବସ | : ବସ୍ |
| ଟ୍ରକ | : ଟରକ୍ |
| ମୂଷା | : ମୂଷା |
| ଗାଈ | : ଗାଈ |
| ବରଗଛ | : ବଲ୍‌ଗଛ୍ |
| ମେଣ୍ଢା | : ମେଣ୍ଢା |
| ଇଟା | : ଇଟା |
| ରେଡ଼ିଓ | : ରେଡ଼ିଓ |
| ପଙ୍ଖା | : ପଙ୍ଖା |

# ଉଦ୍ଭିଦ ଓ ପ୍ରାଣୀ

| | |
|---|---|
| ବରଗଛ | : ବଲ୍ ଗଛ୍ |
| କଦଳୀ ଗଛ | : କଦ୍ଲୀ ଗଛ୍ |
| ଆମ୍ବ ଗଛ | : ଆମ୍ ଗଛ୍ |
| ମାଙ୍କଡ଼ | : ମାଙ୍କଲ୍ |
| ପକ୍ଷୀ | : ଚଢ଼ଇ |
| କୁକୁର | : କୁକର୍ |
| ଝିଅପିଲା | : (ଟକିଛୁଆ) |
| | **ଗଛ୍** |
| ଗଛର ମୂଳ | : ଗଛର୍ ମୁଲ୍ |
| ଗଛର ପତ୍ର | : ଗଛର୍ ପତର |
| ଗଛର ଡେର | : ଗଛର୍ ଡେର୍ |
| ଗଛର ଫଳ | : ଗଛର୍ ଫଲ୍ |
| ଗଛର ଫୁଲ | : ଗଛର୍ ଫୁଲ୍ |
| ସାପ ଗାତରେ ରହେ । | : ସାପ୍ ଘରକେ ରହଇ । |
| ବସ ରାସ୍ତାରେ ଯାଏ । | : ବସ୍ ବାଟ୍‌ରେ ଯାଆଇ । |
| ବରଗଛ ଗାଁ ମୁଣ୍ଡରେ ଅଛି । | : ବର ଗଛ୍‌ଟା ଗାଁ ମୁଣ୍ଡ୍‌ରେ ଆଛି । |
| ଇଟାରେ ଘର ତିଆରି ହୁଏ । | : ଇଟାକେ ଘର୍ ବନା ହେଇ । |
| ମାଙ୍କଡ଼ ଗଛରେ ରହେ । | : ମାଙ୍କଲ୍ ଗଛ୍‌ରେ ରହଇ । |
| ଝିଟିପିଟି କାନ୍ଥରେ ରହେ । | : ଛିପ୍‌କିଲ୍ / ଝିଟିପିଟି କାନ୍ଥକେ ରହଇ । |
| ଗଛର ପତ୍ର | : ଗଛ୍‌ର୍ ପତର୍ |
| ଗଛରେ ଫଳ ଫଳିଛି । | : ଗଛ୍‌କେ ଫଲ୍ ଫଳିଛି । |
| ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ହୁଏ । | : ପୁରୁବ୍ ଦିଗ୍‌ରେ ବେଲ୍ ବାହାରଇ । |
| ଆମ ଦେଶର ନାମ ଭାରତ । | : ଆମ ଦେଶଟାର୍ ନାଇଁ ଭାରତ୍ |
| ଖାଦ୍ୟ ଭିତରେ ପ୍ରଧାନ ଅଟେ ଭାତ । | : ଖାଦ୍ୟ ଭିତରେ ଭାତ୍‌ଟା ପ୍ରଧାନ୍ । |

## ପଶୁ ପକ୍ଷୀର୍ ଖାଇବ ଜିନିଷ୍

ବାଘ : ବାଘ୍
ବାହାଘର : ବାହାଗର୍
ପଶୁପକ୍ଷୀ : ପଶୁପକ୍ଷୀ
ଭାଲୁ : ଭାଲୁ
ବିଲୁଆ : ଶିଆଲ୍
ହାତୀ : ହାତୀ
ରାଇଜରେ : ରାଇଜ୍‌ରେ
ମାଂସ : ମାଉଁସ୍ / ମାଇଁସ୍
ମିଳିମିଶି : ମିଶିକରି
ସମସ୍ତେ : ସବିଏଁ
ଗାଈ : ଗାଈ
କୁକୁର : କୁକର
ବିଲେଇ : ବିଲାଇ
ପାରା : ପାରା
ଶୁଆ : ରାଇକା
ଘାସ : ଘାସ୍
କୁଣ୍ଡା : କୁଣ୍ଡା
ପାଳ : ପାଆଳ / ପାଲ୍
ତୋରାଣୀ : ଭାତ୍ ପାଣି

### ବ୍ୟବହାର

ବାଘ ବଣରେ ରହେ । : ବାଘ୍ ଜଙ୍ଗଲ୍‌ରେ ରହଇ ।
ଆଜି ଆମ ଗାଁରେ ବିବାହ ହେବ । : ଆଇ୍ ଆମର୍ ଗାଁରେ ବାହାଗର୍ ହେବାକ୍ ।
ବିଲେଇ ମାଛ ଖାଏ । : ବିଲାଇ ମାଛ୍ ଖାଆଇ ।
କୁକୁର ଭୋଭୋ କରିବ । : କୁକୁରଟା ଭୁକ୍‌ଭୁକ୍ କରିଆକ୍ ।
ସମସ୍ତେ ମିଳିମିଶି ଖେଳିବା । : ସଭିଏଁ ମେଳିମିଶି ଗଦା ହୋଇ ଖେଳିବା ।
ଆଜି ଭୋଜିରେ ମାଂସ ହେବ । : ଆଜି ଭୋଜିରେ / ଫିସ୍ଟିରେ ମାଉଁସ୍ ହେବାକ୍ ।

## ପପୁ ସପନେ ଶିଖିଲା

| | | |
|---|---|---|
| ସ୍ୱପ୍ନରେ | : | ସପନ୍‌ରେ |
| ଆଖି | : | ଆଁଖି |
| ନାକ | : | ନାକ୍ |
| କାନ | : | କାନ୍ |
| ପାଟି | : | ଟୁଣ୍ଡ୍ |
| ଜିଭ | : | ଜିଭ୍ |
| ହାତ | : | ହାତ୍ |
| ଅଣ୍ଡାପାଣି | : | ହେମାଳ ପାଁଣି |
| ସଫାକର | : | ସଫାକର୍ |
| ଉଜ୍ଜଳ | : | ଉଜଳ୍ / ଆଲ |
| ଗୀତ | : | ଗୀତ୍ |
| କଂଟା | : | କଣ୍ଟା |
| ପାଚେ | : | ପାଚଇ |
| ଶିଘଂଣି | : | ଶିଘାଂର୍ଣି |
| ମୁଣ୍ଡ | : | ମୁଣ୍ଡ୍ |
| ଘା | : | ଘା |
| ଆଙ୍ଗୁଠି | : | ଆଙ୍ଗୁଳି / ଆଙ୍ଗଳି |
| ନଖ | : | ନଁଖ୍ |
| ଯତ୍ନ | : | ଯତନ୍ |
| ମୂଳରେ | : | ମୂଲ୍‌କେ |
| ଚର୍ମ | : | ଛାଲ୍ |
| ପାନିଆ | : | ପହିଁଆଁ |
| ଉକୁଣି | : | ଉଖୁଣି |
| ରକ୍ତ | : | ରକତ୍ |
| କୁଣ୍ଡାଇବା | : | କଣ୍ଡ୍‌ବା |
| କୁଣିଆ | : | କୁଣିଆ, ଖସୁ |

## ବେଭାର୍

| | |
|---|---|
| ସାଧାରଣତଃ ରାତିରେ ସ୍ୱପ୍ନ ହୁଏ । | : ସାଧାରଣତଃ ରାତ୍‌କେ ସପନ୍ ହେଇ । |
| ନାକ ଦ୍ୱାରା ବାସନା ଜଣାଯାଏ । | : ନାକ୍‌କେ ବାସ୍ ନା ଜାଣି ହେଇ । |
| ଘରଟା ସଫା କର୍ । | : ଘର୍‌ଟା ସାଫା କର୍ । |
| ଖଜୁରୀ ଗଛରେ କଂଟାଥାଏ । | : ଖୁଜୁରୀ ଗଛ୍‌କେ କଂଟାଥାଏ । |
| ଛୋଟ ପିଲାଙ୍କୁ ଯତ୍ନ ନେବା ଉଚିତ୍ । | : ସାନ୍ ଛୁଆଗାକଇ ଯତନ ନେବା ଉଚିତ୍ । |
| ପାନିଆ ଦ୍ୱାରା ମୁଣ୍ଡ କୁଣ୍ଡାଯାଏ । | : ପନିହାଁକେ ମୁଣ୍ଡ୍ ରାଞ୍ଜନ୍ତି । |

## ଆମର ଦିହର୍ ଭିତର ଅଙ୍ଗ୍

| | |
|---|---|
| ଫୁସ୍‌ଫୁସ୍ | : ଫକ୍‌ସା |
| ହୃତ୍‌ପିଣ୍ଡ | : ଦୁକ୍‌ଦୁକି |
| କଲିଜା | : କଲିଜା / ଭୁକ୍ |
| ରକ୍ତନଳୀ | : ରକତ୍‌ନଳୀ |
| ପାକସ୍ଥଳୀ | : ପାକସ୍ଥଳୀ |
| ପାଟି | : ଟୁଣ୍ଡ୍ |
| ମଳଦ୍ୱାର | : ପୁଣ୍ଡି |

## ବସ୍ତୁ

| | |
|---|---|
| ଟେବୁଲ | : ଟେବୁଲ୍ |
| ଦାଆ | : କଟ୍‌ରି |
| ଚାବିପେନ୍ଥା | : ଛବି ନେନ୍ଥା |
| ଚିମୁଟା | : ଚିମୁଟା, ସଣ୍ଢାଶି |
| ଚିଠି | : ଚିଠି |
| ଟାଙ୍ଗିଆ | : ବୁଢ଼ିଆ |
| ମୁଦି | : ମନ୍ଦି |
| ବହି | : ବହି |
| ମାଠିଆ | : କଳସୀ |
| ଚୁଡ଼ି | : ବଳା,ଚୁଳି |

ବେଲୁନ : ବେଲୁନ୍
ବାଲି : ବାଲି
କାଙ୍କଡ଼ : କାଙ୍କଣ / କେଟେଲା
ଦର୍ପଣ : ହାର୍ସି
କମଳା : କମ୍‌ଳା
ତେଲ : ତେଲ୍
ସୋରିଷ : ସର୍‌ସ
ଚିନି : ଚିନି
ଇଟା : ଇଟା

## ବ୍ୟବହାର

ଆମ ଛାତିରେ ଫୁସ୍‌ଫୁସ୍ ଅଛି । : ଆମ୍ ଛାତିକେ ଫକ୍‌ସା ଆଛି ।
ଆମ ପେଟରେ ପାକସ୍ଥଳୀ ଅଛି । : ଆମରପେଟ କେ ପାକସ୍ଥଳୀ ଆଛି ।
ଆମେ ପାଟି ଦ୍ୱାରା ଖାଦ୍ୟ ଖାଇଥାଉ । : ଆମେ ଟୁଣ୍ଡ୍‌ରେ ଖାଇଦ ଖାଁଉଁ ।
ଆମେ ଟେବୁଲ୍ ଉପରେ ବସିବା । : ଆମେ ଟେବୁଲ୍ ଉପର୍‌କେ ବସ୍‌ବା ।
ଦାଆ ସାହାଯ୍ୟରେ ଧାନ କଟାଯାଏ । : କଟରି ସାହାଯ୍ୟରେ ଧନ୍ କାଟା ହେଇ ।
ଇଟା ଦ୍ୱାରା ଘର ନିର୍ମାଣ କରାଯାଏ । : ଇଟାକେ ଘର୍ ବନା ହେଇ ।
ଆସ ବହି ପଢ଼ିବା । : ଆଇ୍ ବହି ପଢ଼୍‌ବା ।
ଟାଙ୍ଗିଆ ଦ୍ୱାରା ଗଛ ହଣାହୁଏ । : ବୁଢ଼ିଆକେ ଗଛ୍ ହଣା ହେଇ୍ ।

## ଜଳ / ପାଣି

ମାଛ : ମାଛ୍
ବେଙ୍ଗ : ବେଙ୍ଗ୍
ହଂସ : ହଂସ୍
ଗେଣ୍ଡା : ଗେଁଣ୍ଡା
ହରିଣ : ମିରିଗ୍
କୁତ୍ରା : କଟାରି
କୂଅ : କୁହୁ
ରାନ୍ଧିବା : ରାନ୍ଧିବା

| | |
|---|---|
| ସମୁଦ୍ର | : ସମୁଦର୍ / ସମ୍ଦର୍ |
| ପୋଖରୀ | : ପଙ୍ଗ୍ରୀ |
| ଝରଣା | : ଝର୍ଣା / ଝରନ୍ |
| ମେଘ | : ମେଘ୍ |

## ପାଆଁଣି ମଇଳା ହୁଏ କିପରି

| | |
|---|---|
| ଲୁଗା ସଫା କରିବା । | : ଲୁଗାସାପା କରିବା । |
| ମଇଁଷିଙ୍କୁ ସଫା କରିବା । | : ମଇଁଷ୍କୁ ଗଧୁଆବା । |
| ପୋଖରୀ ହୁଡ଼ାରେ ଝାଡ଼ା ଫେରିଲେ । | : ପଙ୍ଗରୀ ହିଳରେ ହଗିଲେ । |
| ଲୁଗା ସଫା କଲେ । | : ଲୁଗା ସଫା କଲେ । |
| ପୋଖରୀ ହୁଡ଼ାକେ ଗଛଥିଲେ । | : ପଙ୍ଗରୀ ହିଳରେ ଗଛ୍ଥିଲେ । |

## ବେଭାର୍

| | |
|---|---|
| ଆମେ ପୃଥିବୀରେ ବାସ କରୁ । | : ଆମେ ବାସ୍କୀରେ ବାସ୍ କରୁଁ । |
| ଶୀତ ଦିନେ ବହୁତ ଥଣ୍ଡା ହୁଏ । | : ଶୀତ୍ ଦିନେ ଜୁର୍ ଜାକର୍ ହେଇ୍ । |
| ବର୍ଷା ଦିନରେ ବହୁତ ବର୍ଷା ହୁଏ । | : ବର୍ଷାଦିନେ ଜୋର୍ ବର୍ଷା ହେଇ । |

*●*